R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୪୩
ତିଥି: ନବମୀ
୨୫ ଫେବୃଆରୀ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 143
25 February 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଲିଙ୍ଗିପୁର ସୁପରମାର୍ଟରେ ନିଆଁ

# ଜଳିଗଲା ୬ କୋଟିର ସମ୍ପତ୍ତି

ଭୁବନେଶ୍ୱର,୨୪।୨,(ସବ୍ୟୁ) : ରାଜଧାନୀ ଉପକଣ୍ଠ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ସୁପରମାର୍ଟ ନିଆଁ ୧୯ଘଣ୍ଟାରେ ଆୟତ୍ତ ହେଲା । ସୋମବାର ରାତି ୧୦ଟାରୁ ମଙ୍ଗଳବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନିଆଁ ଜଳିଲା । ନିଆଁକୁ ଆୟତ୍ତ କରିବା ପାଇଁ ୮ଟି ଅଗ୍ନିଶମ କେନ୍ଦ୍ରର ୪୦ରୁ ଉର୍ଦ୍ଧ୍ୱର୍ ଗାଡି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲା। ୬୦ରୁ ଉର୍ଦ୍ଧ୍ୱର୍ ଅାଗ୍ନିକ ଦୀର୍ଘ ୧୯ଘଣ୍ଟା ଅବିଶ୍ରାନ୍ତ ପରିଶ୍ରମ କରିବା ପରେ ନିଆଁ ନିୟନ୍ତ୍ରିତ ହୋଇଥିଲା । ୯ଲକ୍ଷରୁ ଉର୍ଦ୍ଧ୍ୱର୍ ଲିଟର ପାଣି ପକାଯାଇଥିବା ସୂଚନା ମିଳିଛି ।




## * ୧୯ ଘଣ୍ଟାରେ ଆୟତ୍ତ ହେଲା ନିଆଁ

ସୋମବାର ରାତି ୧୦ଟାରେ ସୁପରମାର୍ଟ ଦ୍ୱିତୀୟ ମହଲାରେ ପ୍ରଥମେ ନିଆଁ ଲାଗିଥିଲା । ଖବର ପାଇ ଅଗ୍ନିଶମ ବାହିନୀର ତିନୋଟି ଗାଡି ନିଆଁ ଲିଭାଇବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲା । ଦ୍ୱିତୀୟ ମହଲାର ନିଆଁ ଲିଭାଇବା ପରେ ତାହା ତୃତୀୟ ମହଲାକୁ ବ୍ୟାପିଥିଲା । ତୃତୀୟ ମହଲା ନିଆଁକୁ ଆୟତ୍ତ କରିବା ପାଇଁ ଘଟଣାସ୍ଥଳରେ ଅଧିକ ଗାଡି ଓ ଆଗ୍ନିକ ପହଞ୍ଚିଥିଲେ । ନିଆଁ ଆୟତ୍ତ ହେବା ପରିବର୍ତ୍ତେ ଚତୁର୍ଥ ମହଲାକୁ ବ୍ୟାପିଥିଲା । ଚତୁର୍ଥ ମହଲାରେ କେବଳ ପ୍ଲାଟିକ୍ ଗୃହପୋକରଣ ଜିନିଷ ଥିବାରୁ ନିଆଁ ହୁହୁ ହୋଇ ଜଳିଲା । ରାତି ପାହି ସକାଳ ହେଲା ନିଆଁ ଲିଭିବାର ନାଁ ଧରିଲା ନାହିଁ । ପାଣିବୁହା ସାଙ୍ଗକୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିବା ବେଳେ ବରିଷ୍ଠ ଅଧିକାରୀମାନେ ଭୁବନେଶ୍ୱର ଆଖପାଖ ଅଗ୍ନିଶମ ବାହିନୀର ସହାୟତା ମାଗି ସେମାନଙ୍କୁ ଡକାଇଥିଲେ । ପ୍ରଚୁର ଧୂଆଁ ଦୀର୍ଘ ସମୟ ବାହାରିବା ଦ୍ୱାରା ଆଖପାଖରେ ଥିବା ଲୋକେ ଭୟଭୀତ ହୋଇପଡିଥିଲେ । ହେଲେ ଆଗ୍ନିକଙ୍କ ନିଷ୍ଠାପର କାମ ପାଇଁ ନିଆଁ ଅନ୍ୟ ଆଡେ ବ୍ୟାପିଲା ନାହିଁ ।

ଗୋଟିଏ ପରେ ଗୋଟିଏ ଗାଡି ପହଞ୍ଚିବା ସହ ନିଆଁଲିଭା କାର୍ଯ୍ୟରେ ସଂଖ୍ୟାଧିକ ଆଗ୍ନିକ ନିୟୋଜିତ ହେଲେ । ହେଲେ ସେହି କୋଠାରେ ଗୋଟିଏ ବାଟ ଥିବାରୁ ନିଆଁଲିଭା କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା । (୯ ପୃଷ୍ଠାରେ)

# ତାଣ୍ଡବ ରଚିଲା କାଳବୈଶାଖୀ

ଭୁବନେଶ୍ୱର,୨୪।୨,(ସବ୍ୟୁ) : ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ ରଚିଛି । ଅଚାନକ ପାଗ ପରିବର୍ତ୍ତନ ସହିତ ଝଡ଼ ତୋଫାନ ଓ ବର୍ଷା ହୋଇଥିଲା । ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ନାଁ ସଚ୍ଚିଦାନନ୍ଦ ପ୍ରଧାନ ଓ ଟୁନା ଗୌଡ ଜଣଙ୍କର ଘର ଡୁମୁଡୁମା ହୋଇଥିବା ବେଳେ ଅନ୍ୟ ଜଣଙ୍କର ଘର ଗଞ୍ଜାମ ଜିଲ୍ଲାରେ ଏଥିସହ ଏକାଧିକ ଦୋକାନ ଘର ମଧ୍ୟ ଭାଙ୍ଗିଯାଇଛି ।



▲ ପ୍ରବଳ ଝଡ଼ ବର୍ଷା, ଜନଜୀବନ ବେହାଲ
▲ ଆଇଗିଣିଆରେ ହୋର୍ଡିଂ ଭୁଶୁଡ଼ି ଦୁଇ ମୃତ
▲ ଭାଙ୍ଗିଲା ଗଛ ଓ ବିଦ୍ୟୁତ ଖୁଣ୍ଟ, ରାସ୍ତା ବୁଡ଼ିଲା

ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସାଙ୍ଗକୁ ଟ୍ରଫଲାଇନ୍ ସକ୍ରିୟ ରହିଛି । ଏହାର ପ୍ରଭାବରେ ଗ୍ରୀଷ୍ମ ଆଗରୁ ଗତ କାଲିଠୁ ବଦଳିଯାଇଛି ରାଜ୍ୟ ପାଣିପାଗର ମୁଡ୍ । ସ୍ଥାନେ ସ୍ଥାନେ ପ୍ରବଳ ଝଡ଼ ବର୍ଷାରେ ବେହାଲ ଜନଜୀବନ । ଗତକାଲି ସୁବର୍ଣ୍ଣପୁର, କୋରାପୁଟ ଓ ବରଗଡ଼ ଜିଲ୍ଲାର କିଛି ସ୍ଥାନରେ କୁଆପଥର ମାଡ଼ ସାଙ୍ଗକୁ ଝଡ଼ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି ।

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଜୋରଦାର ପବନ ବହିବା ସହିତ ଗଛ, ବିଦ୍ୟୁତ ଖୁଣ୍ଟ ଓ କିଛି ଘର କ୍ଷତିଗ୍ରସ୍ତ ହୋଇଛି । ଅନେକ ସ୍ଥାନରେ ରାସ୍ତାରେ ପାଣି ଜମି ଜଳାର୍ଣ୍ଣବ ସୃଷ୍ଟି ହୋଇଥିଲା । ଫଳରେ ଯାତାୟତ ବ୍ୟବସ୍ଥା ବିଘ୍ନିତ ହୋଇଥିଲା । ଜନପଥରେ ବର୍ଷାଜଳ ଲହଡ଼ି ଭାଙ୍ଗୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ସେହିପରି ରସୁଲଗଡ଼, ପଳାଶୁଣୀ, ରାଜମହଲ ଓ କଟକରୋଡ ଅଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ପଡ଼ିଥିଲା । ଦୀର୍ଘ ଦିନର ବ୍ୟବଧାନ ପରେ ବର୍ଷା ହେବାରୁ ସନ୍ଧ୍ୟା ସମୟରେ ଥଣ୍ଡା ପବନ ପ୍ରବାହିତ ହେଉଥିଲା । ପାଗର ଏହି ଅଚାନକ ପରିବର୍ତ୍ତନ ସହରବାସୀଙ୍କୁ ଥଣ୍ଡା ଅନୁଭୂତି ଆଣି ଦେଇଛି । ସେହିପରି ହଠାତ ଝଡ଼ (୯ ପୃଷ୍ଠାରେ)

# ଧାନ କ୍ରୟକୁ ନେଇ ପୁଣି ଗୃହ କମ୍ପିଲା

ଭୁବନେଶ୍ୱର,୨୪।୨,(ସବ୍ୟୁ) : ସାରା ରାଜ୍ୟରେ ଚାଷୀ ତ୍ରାହିତ୍ରାହି ଡାକିଲେଣି । କଟ୍‌ନି ଛଟ୍‌ନି ପାଇଁ ସର୍ବସାନ୍ତ ହେଲେଣି । ମିଲର୍ସଙ୍କ ପାଖରେ ଶହଶହ କୁଇଣ୍ଟାଲ ଚାଉଳ ପଡ଼ି ରହିଛି । କେନ୍ଦ୍ର ସରକାର ଚାଉଳ ଉଠାଉ ନାହାନ୍ତି । ମିଲରମାନେ କହୁଛନ୍ତି ଧାନ ଆମେ ଉଠାଇଲେ କେଉଁଠି ରଖିବୁ ? ସରକାର ମିଲର୍ସଙ୍କ ସହିତ ଆଲୋଚନା କରିଛନ୍ତି । ହେଲେ କିଛି ସଫଳ ମିଳିନାହିଁ । ମନ୍ତ୍ରୀ ଗୃହରେ ଉତ୍ତର ରଖିବାକୁ ଦାବି କରିଥିଲେ ବିରୋଧୀ । ବିଧାନସଭା ବଜେଟ୍ ଅଧିବେଶନର ଆଜି ଥିଲା ଶେଷ ଦିନ । ଆରମ୍ଭରୁ ଶେଷ ଦିନ ଯାଏ ଚାଷୀ ସମସ୍ୟା ପ୍ରସଙ୍ଗରେ ବିରୋଧୀ ଗୃହକୁ ଅଚଳ କରିଛନ୍ତି ।

▲ ପ୍ରଥମାର୍ଦ୍ଧରେ ବିଜେଡିର ହଟ୍ଟଗୋଳ, ଦ୍ୱିତୀୟାର୍ଦ୍ଧରେ ଆସିଲେନି
▲ ମଣ୍ଡି ଅବ୍ୟବସ୍ଥା ନେଇ କଂଗ୍ରେସର ମୁଲତବୀ ଆଲୋଚନା ପରେ ହଙ୍ଗାମା
▲ ରିପୋର୍ଟର ଟେବୁଲ ଉପରେ ପୁଣି ଚଢ଼ିଲେ ବିଜେଡି ସଭ୍ୟ

ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟର ଶେଷ ଦିନରେ ପ୍ରଶ୍ନକାଳ ଆରମ୍ଭ ହେଉହେଉ ବିରୋଧୀ କଂଗ୍ରେସ ଓ ବିଜେଡି ସଭ୍ୟମାନେ ଧାନ କିଣା ଅବ୍ୟବସ୍ଥା ପ୍ରସଙ୍ଗରେ ଗୃହ ମଧ୍ୟଭାଗକୁ ଚାଲିଆସିଥିଲେ । ପୋଷ୍ଟର ବ୍ୟାନର ଧରି ବାଚସ୍ପତିଙ୍କ ପୋଡିୟମ ତଳେ ହଟ୍ଟଗୋଳ ଜାରି ରଖିଥିଲେ । ହଟ୍ଟଗୋଳ ଭିତରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉତ୍ତର ରଖୁଥିଲେ । ଗୃହ ସ୍ୱାଭାବିକ ନହେବାରୁ ବାଚସ୍ପତି ୧୦.୩୮ରୁ ୧୧.୩୦ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ୧୧.୩୦ରୁ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶୂନ୍ୟକାଳରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ଲକ୍ଷଲକ୍ଷ କୁଇଣ୍ଟାଲ ଧାନ ଏବେବି ମଣ୍ଡିରେ ପଡ଼ିରହିଛି । ବିଜେଡି ସମୟରେ କଟ୍‌ନି ଛଟ୍‌ନି ହେଉଥିଲା । ଏବର ସରକାର ବି କଟ୍‌ନି ଛଟ୍‌ନି କରୁଛନ୍ତି । ସେତେବେଳେ ୮ କିଗ୍ରା କଟାଯାଉଥିବାବେଳେ ଏବେ ୧୦ରୁ ୧୫ କେଜି କଟ୍‌ନି ଛଟ୍‌ନି ହେଉଛି । ଡବଲ ଇଞ୍ଜିନ ସରକାରରେ ଅବ୍ୟବସ୍ଥା ଜାରି ରହିଛି । କେତେଦିନ ମଧ୍ୟରେ ସରକାର ଧାନ କିଣିବେ ଓ ମଣ୍ଡିରୁ ଧାନ ଉଠାଇବେ ତାହା ସ୍ପଷ୍ଟ କରନ୍ତୁ । ମିଲର୍ସ ଓ ଚାଷୀଙ୍କ ଆଲୋଚନା ସମ୍ପୂର୍ଣ୍ଣ ବିଫଳ ହୋଇଛି । ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତୁ ଯେ ମଣ୍ଡିରୁ ଚାଷୀଙ୍କ ଧାନ ଉଠୁ ।

ଶୂନ୍ୟକାଳରେ କଂଗ୍ରେସ ସଭ୍ୟ କହୁଥିବାବେଳେ ବିଜେଡି ପକ୍ଷରୁ ହଟ୍ଟଗୋଳ ଜାରି ରହିଥିଲା । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ, ରାଜ୍ୟରେ ଚାଷୀମାନେ ହନ୍ତସନ୍ତ ହେଉଥିବାବେଳେ ସରକାର ନୀରବ ଅଛନ୍ତି । ରାଜ୍ୟରେ ଏବେବି ୮ ରୁ ୧୦ ମଣ୍ଡି ଖୋଲାଯାଇ ନାହିଁ । ମିଲର୍ସ ଓ ସରକାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଧାନ କିଣା । ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ଆମ ସରକାର ଆସିଲେ କଟ୍‌ନି ଛଟ୍‌ନି ବନ୍ଦ ହେବ । (୯ ପୃଷ୍ଠାରେ)

### ବଜେଟ୍ ଆଲୋଚନାର ଉତ୍ତର ରଖି ବିରୋଧୀଙ୍କ ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ

# ଚାଷୀଙ୍କ ନାଁରେ ରାଜନୀତି କରି ଗୃହ ଅଚଳ

ଭୁବନେଶ୍ୱର,୨୪।୨,(ସବ୍ୟୁ) : ୨୦୨୬-୨୭ ବଜେଟର ସାଧାରଣ ଆଲୋଚନାରେ ଉତ୍ତରରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳ ଉପରେ ବର୍ଷିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟବାସୀ ଆଶା କରିଥିଲେ କିଛି ସାର୍ଥକ ଆଲୋଚନା ହୋଇଥାନ୍ତା । ମାତ୍ର ଚାଷୀଙ୍କ ନାଁରେ ଯେମିତି ରାଜନୀତି କରି ଗୃହକୁ ବାରମ୍ବାର ଅଚଳ କରିଦିଆଗଲା ତାହା ଓଡ଼ିଶାବାସୀ ଦେଖିଛନ୍ତି । ବିରୋଧୀ ଦଳ ତାଙ୍କ ଭୂମିକା ଉପସ୍ଥାପନ ନକରି ହୋହାଲ୍ଲା କରିବା ମଧ୍ୟ ଓଡ଼ିଶାବାସୀ ଦେଖିଛନ୍ତି । କଂଗ୍ରେସର ବିଚାର ଉପରେ ସେ ଆଶ୍ଚର୍ଯ୍ୟ ନୁହଁନ୍ତି । ପୂର୍ବରୁ ଘଣ୍ଟଘଣ୍ଟା, ଘିନୀ ଖଞ୍ଜଣୀ ଓ ଖୁଚୁରା ପାଇସା ଆଣି ଗଦା କରିଛନ୍ତି । ତାଙ୍କ ଆଚାର ବିଚାର ସମ୍ପୂର୍ଣ୍ଣରୂପେ ଆକାଂକ୍ଷିତ । ସେମାନେ ସବୁ କିଛି କରିବାକୁ ସମର୍ଥ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ବଜେଟ୍ ସାଧାରଣ ଆଲୋଚନରେ ଉତ୍ତର ରଖିବା ସମୟରେ ବିଜେଡି ସଦସ୍ୟମାନେ ଗୃହରେ ଅନୁପସ୍ଥିତ ଥିବା ବେଳେ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ । ପରେ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରି ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ତଳେ ଧାରଣା ଦେଇଥିଲେ । ବିରୋଧୀ ଦଳର ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଗତ (୯ ପୃଷ୍ଠାରେ)

● ବଜେଟ୍ ହେଉଛି ଓଡ଼ିଶାବାସୀଙ୍କ ଆକାଂକ୍ଷାର ପ୍ରତିଫଳନ
● କ୍ଷମତାରୁ ଗଲା ପରେ ବିଜେଡିର ନୀତି ବଦଳିଛି

# କାନ୍ଥ ଭୁଶୁଡି ଦୁଇ ମୃତ, ୪ ଗୁରୁତର

ଭୁବନେଶ୍ୱର,୨୪।୨,(ସବ୍ୟୁ): ବଡଗଡ ଅଞ୍ଚଳରେ ଡ୍ରେନ୍ କାମ ଚାଲିଥିବା ବେଳେ ପାଚେରି କାନ୍ଥ ଭୁଶୁଡି ପଡିବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।

ବଡଗଡ ଭୋଇସାହିରେ ଡ୍ରେନ୍ କାମରେ ୧୦ ଶ୍ରମିକ ନିୟୋଜିତ ଥିଲେ । ପାଚେରି ପାଶ୍ୱର୍ରେ ଡ୍ରେନ୍ ଖୋଳି କାମ କରୁଥିବା ବେଳେ ଦିନ ୨ଟା ବେଳେ ପାଚେରି ଭୁଶୁଡି ପଡ଼ିଲା । ୬ଜଣ ଗୁରୁତର ହୋଇପଡିଥିବା ବେଳେ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ଅଣାଯାଇଥିଲା । ଦୁଇଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ମୃତକ ଦୁଇଜଣ ହେଲେ ଗଞ୍ଜାମର ସନ୍ନ୍ୟାସୀ ମହାରଣା ଓ ଅନ୍ୟ ଜଣେ ଯୁବକ । ଯାହାଙ୍କ ପରିଚୟ ମିଳିନାହିଁ । ସନ୍ନ୍ୟାସୀଙ୍କ ସ୍ତ୍ରୀ ତାଙ୍କ ସହ କାମ କରିବାକୁ ଯାଇଥିବାରୁ ଶବ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯାଇଛି । ସନ୍ନ୍ୟାସୀ ଦୀର୍ଘ ୫ବର୍ଷ ହେବ ଗଞ୍ଜାମ ଜିଲ୍ଲାରୁ ଆସି ଭୁବନେଶ୍ୱରରେ ସପରିବାରେ ରହି ଶ୍ରମିକ କାମ କରି ଜୀବିକା ନିର୍ବାହ କରୁଥିଲେ ।

ପରିଚୟ ମିଳିନଥିବା ମୃତ ଯୁବକଙ୍କ ପରିବାର ଆସିବା (୯ ପୃଷ୍ଠାରେ)

# ସରିଲା ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ

ଭୁବନେଶ୍ୱର,୨୪।୨,(ସବ୍ୟୁ) : ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଶେଷ ହୋଇଛି । ଗତ ୧୭ରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ଚାଷୀ ପ୍ରସଙ୍ଗ ନେଇ ଏକରକମ ଅଚଳ ଅବସ୍ଥା ସୃଷ୍ଟି ହୋଇଥିଲା । ପ୍ରଶ୍ନକାଳ କୌଣସି ଦିନ ଚାଲି ପାରିନଥିବା ବେଳେ କେବଳ ଆଜିକୁ ଛାଡି ଦେଲେ ଶୂନ୍ୟକାଳ ଅନ୍ୟ କୌଣସି ଦିନ ଚାଲି ପାରିନଥିଲା ।

## * ଧାନ କିଣା ପ୍ରସଙ୍ଗରେ ୬ ଦିନ ଗୃହ ଅଚଳ

ବଜେଟ୍ ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଅଭିଭାଷଣ ରଖିଥିଲେ । ୨୦ ତାରିଖରେ ୨୦୨୬-୨୭ ଲାଗି ସାଧାରଣ ବଜେଟ ଉପସ୍ଥାପନ ହୋଇଥିଲା । ତେବେ ବିରୋଧୀ ଦଳଙ୍କ ଅନୁପସ୍ଥିତିରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଆଲୋଚନା ଏବଂ ସାଧାରଣ ବଜେଟ ଆଲୋଚନାର ଉତ୍ତର ମୁଖ୍ୟମନ୍ତ୍ରୀ ରଖିଥିଲେ । ପ୍ରଥମ ଦିନରୁ ଉଭୟ ବିଜେଡି ଓ କଂଗ୍ରେସ ଚାଷୀଙ୍କ ସମସ୍ୟା ଉଠାଇଥିଲେ । ମଣ୍ଡିରେ ହୋଇଥିବା ଅବ୍ୟବସ୍ଥାକୁ ପ୍ରସଙ୍ଗ କରିବା ସହ ଏହା ଉପରେ ଆଲୋଚନା ଦାବି କରିଥିଲେ । ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ କେଉଁ ଦିନ ୧୦ ମିନିଟ୍ ତ ଓ ଆଉ କେଉଁ ଦିନ ୧୫ ମିନିଟ୍ ଚାଲିପାରିଥିଲା । ଚାଷୀ ପ୍ରସଙ୍ଗକୁ ନେଇ ବିରୋଧ ଦଳ ଏକ ରମକ ଅଡି ବସିଥିଲେ । ଆଜି ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

# ସମୁଦ୍ର ମଝିରେ କ୍ରାସ୍ ଲ୍ୟାଣ୍ଡିଂ କଲା ହେଲିକପ୍ଟର

ପୋର୍ଟ ବ୍ଲେୟାର,୨୪।୨: ମଙ୍ଗଳବାର ସକାଳେ ଆଣ୍ଡାମାନ ସାଗରରେ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି । ପୋର୍ଟ ବ୍ଲେୟାରରୁ ମାୟାବନ୍ଦର ଯାଉଥିବା ଏକ ପବନ ହଂସ ହେଲିକପ୍ଟର ଯାନ୍ତ୍ରିକ ତ୍ରୁଟିର ଶିକାର ହୋଇ ସମୁଦ୍ରରେ ଖସି ପଡ଼ିଛି । ତେବେ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏଥିରେ ଥିବା ସମସ୍ତ ସାତ ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି । ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଏକ ପବନ ହଂସ ହେଲିକପ୍ଟର ପୋର୍ଟ ବ୍ଲେୟାରରୁ ମାୟାବନ୍ଦର ଅଭିମୁଖେ ଉଡ଼ାଣ ଭରିଥିଲା । ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ, ପାଇଲଟ୍ ଏକ ଗମ୍ଭୀର ଯାନ୍ତ୍ରିକ ସମସ୍ୟା ଲକ୍ଷ୍ୟ କରିଥିଲେ । ଏକ ଜନବହୁଳ ଅଞ୍ଚଳ କିମ୍ବା ଜଙ୍ଗଲରେ ଅବତରଣ କରିବା ପରିବର୍ତ୍ତେ ପାଇଲଟ୍ ସାହସ ଓ ବୁଦ୍ଧିମତ୍ତା ପ୍ରଦର୍ଶନ କରି ଆଣ୍ଡାମାନ ସାଗରରେ କ୍ରାସ୍-ଲ୍ୟାଣ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ସଠିକ୍ ପ୍ରମାଣିତ ହୋଇଥିଲା । ହେଲିକପ୍ଟରଟି (୯ ପୃଷ୍ଠାରେ)

▲ ବର୍ତ୍ତିଗଲେ ୭ ଯାତ୍ରୀ

### ରାଜଧାନୀରେ ବିଜେଡିର ଚାଷୀ ସୁରକ୍ଷା ସମାବେଶ

# ସରକାର କାହାଣୀରେ ଚାଲେନି, କାମ ଦରକାର: ନବୀନ

ଭୁବନେଶ୍ୱର,୨୪।୨,(ସବ୍ୟୁ) : ଚାଷୀଙ୍କ ସମସ୍ୟା ପ୍ରସଙ୍ଗରେ ବିଜେଡି ରାଜଧାନୀରେ ଜୋରଦାର ସବାବେଶ କରିଛି । ଏଥିରେ ଯୋଗଦେଇ ବିଜେଡି ସଭାପିତ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରୀଙ୍କ ଟାର୍ଗେଟ କରିଛନ୍ତି । ନବୀନ କହିଛନ୍ତି ଯେ ସରକାର କାହାଣୀରେ ଚାଲେ ନାହିଁ । କାମ ଦରକାର ଲୋକ ସେବା ଚାହିଁନ୍ତି । ନେତାଙ୍କ ପ୍ରବଚନ ନୁହେଁ ।

ବିଜେଡି ପକ୍ଷରୁ ଆଜି ଚାଷୀ ସୁରକ୍ଷା ସମବେଶ ରାଜଧାନୀରେ ଆୟୋଜନ ହୋଇଥିଲା । ଏଥିରେ ସାରା ରାଜ୍ୟରୁ ହଜାର ହଜାର ଚାଷୀ ଉପସ୍ଥିତ ଥିଲେ । ଏଥିରେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ୨ ବର୍ଷ ପୁରଣ କରିବାକୁ ଯାଉଥିବା ଏ ସରକାର ଠିକ୍ ନିଷ୍ପତ୍ତି ନେଇପାରୁଛନ୍ତି ନାଁ କାର୍ଯ୍ୟକାରୀ କରିପାରୁଛନ୍ତି । ବିଜେଡି ସରକାର କୃଷି ଲାଗି ସ୍ୱତନ୍ତ୍ର ବଜେଟ୍ କରିଥିଲା । କାଳିଆ ଯୋଜନା ସହ ଋଣ ସୁବିଧା କରିଥିଲା । ଡବଲ ଇଞ୍ଜିନ ସରକାର କରିଛି କଣ । (୯ ପୃଷ୍ଠାରେ)



# କେରଳର ନୂଆ ନାଁ ହେଲା 'କେରଳମ୍'

ନୂଆଦିଲ୍ଲୀ,୨୪।୨:ମଙ୍ଗଳବାର ନୂତନ ପିଏମ୍ଓ କୋଠା, ସେବା ତୀର୍ଥରେ ଅନୁଷ୍ଠିତ ପ୍ରଥମ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ,ରାଜ୍ୟର ନାମକୁ କେରଳମ୍ କରିବା ପାଇଁ କେରଳ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏପ୍ରିଲ-ମେ ମାସରେ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି । କେରଳ ବିଧାନସଭା ୨୪ ଜୁନ୍, ୨୦୨୪ରେ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗ୍ରହୀତ କରିଥିଲା । ଯେଉଁଥିରେ କେନ୍ଦ୍ର ସରକାରଙ୍କୁ ରାଜ୍ୟର ନାମ ଆନୁଷ୍ଠାନିକ ଭାବରେ କେରଳମ୍ ଭାବେ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଥିଲା । ବିଧାନସଭାର ପ୍ରସ୍ତାବ ପରେ, ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ରାଜ୍ୟର ନାମ କେରଳରୁ କେରଳମ୍କୁ ପରିବର୍ତ୍ତନ କରିବାକୁ ମଞ୍ଜୁରୀ ଦେଇଛି । ଗୃହ ମନ୍ତ୍ରଣାଳୟ କିଛି ବୈଷୟିକ ପରିବର୍ତ୍ତନ ପରାମର୍ଶ ଦେବା ପରେ କେରଳ ବିଧାନସଭା ଦ୍ୱିତୀୟ ଥର ପାଇଁ ଏହି ପ୍ରସ୍ତାବକୁ ପାରିତ କରିଥିଲା । ପ୍ରସ୍ତାବ ଆଗତ କରିଥିବା ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଚାହୁଁଥିଲେ ଯେ, କେନ୍ଦ୍ର ସରକାର ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ ସମସ୍ତ ଭାଷାରେ ଦକ୍ଷିଣ ରାଜ୍ୟର ନାମ କେରଳରୁ କେରଳମ୍କୁ ପରିବର୍ତ୍ତନ କରନ୍ତୁ । ଏହା ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରାଜ୍ୟକୁ ମାଲାୟଲମରେ କେରଳମ୍ କୁହାଯାଏ ଏବଂ ଜାତୀୟ ସ୍ୱାଧୀନତା ସଂଗ୍ରାମ ସମୟରୁ ମାଲାୟଲମ ଭାଷାଭାଷୀ ସମ୍ପ୍ରଦାୟ ପାଇଁ ଏକ ଅଖଣ୍ଡ କେରଳର ଦାବି ଜୋରଦାର ହୋଇଆସୁଛି । ସେ ଦର୍ଶାଇଥିଲେ ଯେ ସମ୍ବିଧାନର ପ୍ରଥମ ଅନୁସୂଚୀରେ ରାଜ୍ୟର ନାମ କେରଳ ଲେଖାଯାଇଛି । ଗୃହ ସର୍ବସମ୍ମତିକ୍ରମେ ଅଗଷ୍ଟ ୨୦୨୩ ରେ ପ୍ରସ୍ତାବ ଗ୍ରହୀତ କରି କେନ୍ଦ୍ରକୁ ପଠାଇଥିଲା, କିନ୍ତୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏଥିରେ କିଛି ବୈଷୟିକ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲେ ।

▲ କେନ୍ଦ୍ର କ୍ୟାବିନେଟ୍‌ର ନାମ ପରିବର୍ତ୍ତନକୁ ମଞ୍ଜୁରୀ



## ନିଆରା ପାଠ୍ୟକ୍ରମ

**ଆଜିର ବ୍ୟସ୍ତବହୁଳ ଡିଜିଟାଲ୍ ଯୁଗରେ, ଯେଉଁଠାରେ ମଣିଷର ଅଧିକାଂଶ ସମୟ ମୋବାଇଲଫୋନ ଓ କମ୍ପ୍ୟୁଟରରେ ସୀମିତ ରହୁଛି, ସେଭଳି ସମୟରେ ବିଶ୍ୱପ୍ରସିଦ୍ଧ ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ ଏକ ଅଭିନବ ପାଠ୍ୟକ୍ରମ 'ଟ୍ରି' ଆରମ୍ଭ କରିଛି ।**

ଏହି ପାଠ୍ୟକ୍ରମର ମୂଳଲକ୍ଷ୍ୟ ହେଉଛି ଜଣେ ମଣିଷ ଏବଂ ଏକ ଗଛ ମଧ୍ୟରେ ଗଭୀର ସମ୍ପର୍କ ସ୍ଥାପନ କରିବା । ଏହି କୋର୍ସ କୌଣସି ବନ୍ଦ କୋଠରୀ, ଲ୍ୟାବ୍ କିମ୍ବା ବଡ଼ ବଡ଼ ବହି ମଧ୍ୟରେ ସୀମିତ ନରହି ହାର୍ଭାଡର ୨୮୧ ଏକର ପରିମିତ 'ଅର୍ଣ୍ଣୋଲ୍ଡ ଆର୍ବୋରିଟମ୍' ବା ବୃକ୍ଷ ସଂଗ୍ରହାଳୟ ପରିସରରେ ପରିଚାଳିତ ହେଉଛି । ଏହି ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ଯୋଗ ଦେଇ ସେଠାରେ ଥିବା ପ୍ରାୟ ୧୬ ହଜାର ବୃକ୍ଷ ମଧ୍ୟରୁ ନିଜ ପାଇଁ ଜଣେ ସାଥୀ ବା 'ବନ୍ଧୁ ବୃକ୍ଷ' ବାଛନ୍ତି, ଯାହା ସେମାନଙ୍କର ସମ୍ପୂର୍ଣ୍ଣ ସେମିଷ୍ଟାରର ଆସାଇନମେଣ୍ଟ ଓ ପ୍ରୋଜେକ୍ଟର ମୁଖ୍ୟ ବିଷୟ ହୋଇଥାଏ । ଏହି ପାଠ୍ୟକ୍ରମକୁ ନେଇ ଛାତ୍ରଙ୍କ ଭିତରେ ଖୁବ ଆଗ୍ରହ ଦେଖିବାକୁ ମିଳୁଛି । ଏହି ପାଠ୍ୟକ୍ରମର ସାରାଂଶ ହେଉଛି ଗଛକୁ କେବଳ ଏକ ବସ୍ତୁ ଭାବେ ନଦେଖି ତାକୁ ନିଜର ଏକ ସତ ସାଥୀଭାବେ ଦେଖିବା, ଯାହା ଏମାନଙ୍କ ଜୀବନଶୈଳୀ ଉପରେ ଖୁବ ଭଲ ପ୍ରଭାବ ପକାଇବ ବୋଲି ସମସ୍ତେ ଆଶା ରଖିଛନ୍ତି । ସୋସିଆଲ ମିଡିଆରେ ଏହି ପାଠ୍ୟକ୍ରମର ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି ।

## ଇତିହାସ

୧୯୭୦- କେରଳର ପ୍ରସିଦ୍ଧ ସମାଜ ସୁଧାରକ ମନ୍ନତୁ ପଦ୍ମନାଭଙ୍କ ଦେହାନ୍ତ ।

୧୯୮୭- ହିନ୍ଦୀ ଫିଲ୍ମର ପ୍ରସିଦ୍ଧ ଗୀତିକାର ଏସ୍. ଏଚ୍. ବିହାରୀଙ୍କ ପରଲୋକ ।

୧୯୮୮- ମହାକାଶରେ ପହଞ୍ଚିଥିବା ଦେଶର ପ୍ରଥମ ମିସାଇଲ୍ ପୃଥିବୀ-୧ର ସଫଳ ପ୍ରକ୍ଷେପଣ ।

୨୦୦୧- ଅଷ୍ଟ୍ରେଲିଆନ୍ କ୍ରିକେଟର ଡନ୍ ବ୍ରେଡ୍‌ମ୍ୟାନ୍‌ଙ୍କ ନିଧନ ।

୨୦୦୮ - ଭାରତର ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧିଶ ହଂସରାଜ ଖାନ୍ନାଙ୍କଭ ଦେହାନ୍ତ ।

୨୦୦୮ - ସେଞ୍ଚୁରିଆନ୍ ବ୍ୟାଙ୍କ ଅଫ୍ ପଞ୍ଜାବ ଓ ଏଚ୍‌ଡ଼ିଏଫ୍‌ସିର ବିଲୟ ପାଇଁ ସେୟାର ଅନୁପାତକୁ ମଞ୍ଜୁରୀ ମିଳିଲା ।

୨୦୦୮ - ଫିଲ୍ମ "ନୋ କଣ୍ଟ୍ରି ଫର୍ ଓଲ୍ଡ ମେନ୍'କୁ ସର୍ବଶ୍ରେଷ୍ଠ ଫିଲ୍ମ କାଟାଗୋରୀରେ ୮୦ତମ ଓସ୍କାର ପାଇଁ ଚୟନ କରାଗଲା ।

୨୦୦୯ - ଆଇପିଏଲ୍ ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ରୂପେ ପୂର୍ବତନ ସେନାଧିକାରୀ ଧୀରଜ ମଲ୍‌ହୋତ୍ରା ନିଯୁକ୍ତ ହେଲେ ।

## ହେମାନନ୍ଦ ବିଶ୍ୱାଳ

ଓଡ଼ିଶା ରାଜନୀତିର ହେମାନନ୍ଦ ବିଶ୍ୱାଳ ଜଣେ ପ୍ରଭାବଶାଳୀ କଂଗ୍ରେସ ନେତା ଥିଲେ । ରାଜ୍ୟର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ସ୍ମରଣୀୟ ହେମାନନ୍ଦଙ୍କ ଜନ୍ମ ୧୯୩୯ ମସିହା ସେପ୍ଟେମ୍ବର ୧ ତାରିଖରେ ଝାରସୁଗୁଡ଼ା ଜିଲ୍ଲା ଠାକୁରପଡ଼ାଠାରେ ହୋଇଥିଲା । ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଥରେ ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବା ସହ ଜଣେ ଦକ୍ଷ ଜନନାୟକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଓଡ଼ିଶାର ବିକାଶ, ବିଶେଷକରି ପଛୁଆ ବର୍ଗ ଓ ଆଦିବାସୀମାନଙ୍କର ସାମାଜିକ ତଥା ଅର୍ଥନୈତିକ ଉତ୍ଥାନ ପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିଲା । ସେ ଜଣେ ବିଧାୟକ, ସାଂସଦ ଏବଂ ମନ୍ତ୍ରୀ ଭାବରେ ଦୀର୍ଘ ସମୟ ଧରି ରାଜ୍ୟର ସେବା କରିଥିଲେ ଏବଂ ତାଙ୍କ ଶାସନ କାଳରେ ଶିକ୍ଷା, କୃଷି ଓ ଗ୍ରାମୀଣ ଭିତ୍ତିଭୂମି ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଶୃଙ୍ଖଳିତ ରାଜନୀତି ଏବଂ ସାଧାରଣ ଜନତାଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ତାଙ୍କୁ ଓଡ଼ିଶା ଇତିହାସରେ ସର୍ବଦା ଅମର କରି ରଖିବ । ୨୦୨୨ ମସିହା ଫେବୃଆରୀ ୨୫ ତାରିଖରେ ସେ ପରଲୋକ ଗମନ କରିଥିଲା ।



ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି



## ବିବାହର ନୂଆ ନିୟମ

ସାଧାରଣତଃ ହିନ୍ଦୁଧର୍ମର ବିବାହରେ ବିଭିନ୍ନ ପ୍ରକାରର ନିୟମ ରହିଥାଏ, ଯାହାକୁ ପରମ୍ପରାଭାବେ ସମସ୍ତେ ଅନୁକରଣ କରିଥାଆନ୍ତି । ହେଲେ ନିକଟରେ ଛତିଶଗଡରେ ବିବାହର କିଛି ନିୟମରେ ପରିବର୍ତ୍ତନ କରାଯାଇଛି । ଛତିଶଗଡର ସେନ ସମାଜର କିଛି ଲୋକ ବିବାହରେ ହେଉଥିବା ଜୋତା ଚୋରି ନୀତିକୁ ବାରଣ କରିଛନ୍ତି । ସେହିଭଳି ଏଠାରେ ବିବାହର ନିର୍ବନ୍ଧ ହେବାପରେ ପୁଅ ଝିଅ ମଧ୍ୟ ମୋବାଇଲରେ କିମ୍ବା ଏକୁଟିଆ ଦେଖା କି କଥା ମଧ୍ୟ ହୋଇ ପାରିବେ ନାହିଁ ବୋଲି ନୂଆ ନିୟମ କରାଯାଇଛି । ତେବେ ସ୍ଥାନୀୟ ଅଞ୍ଚଳରେ ବର୍ତ୍ତମାନ ନିର୍ବନ୍ଧ ପରେ ବିବାହ ଭାଙ୍ଗିବା ଘଟଣା ବଢିବାରେ ଲାଗିଛି ତେଣୁ ଏଭଳି ନିୟମ ନିଆଯାଇଥିବା ଜଣା ପଡିଛି । ତେଣୁ ଯଦି ଏକୁଟିଆ କଥାବାର୍ତ୍ତା ବିବାହ ଆଗରୁ ନହୁଏ ତେବେ ଏହି ସମସ୍ୟାକୁ ରୋକାଯାଇପାରିବ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ହେଲେ ସୋସିଆଲ ମିଡିଆରେ ଏଭଳି ନିୟମକୁ ବିରୋଧ କରାଯାଉଥିବା ଦେଖିବାକୁ ମିଳୁଛି । ବିବାହ ପୂର୍ବରୁ କଥାହେବା ଫଳରେ ଅନେକ ସମସ୍ୟା ସମ୍ବନ୍ଧରେ ଜଣାପଡିଥାଏ, ଯାହା ପୁଅଝିଅ ଉଭୟଙ୍କ ପାଇଁ ଦରକାର ହୋଇଥାଏ ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି ।

## ମସ୍ତିଷ୍କାଘାତ

ମସ୍ତିଷ୍କାଘାତ ହେଉଛି ଏକ ପ୍ରକାରର 'ଷ୍ଟ୍ରୋକ୍' । ଯେତେବେଳେ ମସ୍ତିଷ୍କ ଭିତରେ ଥିବା କୌଣସି ରକ୍ତ ନଳୀ ଫାଟିଯାଏ କିମ୍ବା ସେଥିରୁ ରକ୍ତ ସ୍ରାବ ହୋଇ ମସ୍ତିଷ୍କର କୋଷଗୁଡ଼ିକ ମଧ୍ୟରେ ଜମା ହୋଇଯାଏ ସେହିସମୟରେ ମସ୍ତିଷ୍କାଘାତ ହୋଇଥାଏ । ଏହା ଫଳରେ ମସ୍ତିଷ୍କର ସେହି ଅଂଶକୁ ଅମ୍ଳଜାନ ମିଳିବା ବନ୍ଦ ହୋଇଯାଏ ଏବଂ କୋଷଗୁଡ଼ିକ ନଷ୍ଟ ହେବାକୁ ଲାଗନ୍ତି ।

### କାରଣ

**ଉଚ୍ଚ ରକ୍ତଚାପ :** ଏହା ମସ୍ତିଷ୍କାଘାତର ସବୁଠାରୁ ବଡ଼ କାରଣ । ଅଧିକ ରକ୍ତଚାପ ଯୋଗୁଁ ରକ୍ତ ନଳୀଗୁଡ଼ିକ ଦୁର୍ବଳ ହୋଇ ଫାଟିଯାଏ ।



**ମୁଣ୍ଡରେ ଆଘାତ :** କୌଣସି ଦୁର୍ଘଟଣା ବା ପଡ଼ିଯିବା ଯୋଗୁଁ ମୁଣ୍ଡରେ ଶକ୍ତ ଆଘାତ ଲାଗିଲେ ରକ୍ତସ୍ରାବ ହୋଇଥାଏ । ଯାହା ମସ୍ତିଷ୍କାଘାତର କାରଣ ସାଜିଥାଏ ।

**ମସ୍ତିଷ୍କ ଟ୍ୟୁମର୍ :** ଟ୍ୟୁମର୍ ଯୋଗୁଁ ଆଖପାଖର ରକ୍ତ ନଳୀ ଉପରେ ଚାପ ପଡ଼ିଲେ ମଧ୍ୟ ରକ୍ତସ୍ରାବ ହୋଇପାରେଏବଂ ଏହା ମସ୍ତିଷ୍କାଘାତର କାରଣ ପାଲଟିଯାଇଥାଏ ।



## ଟ୍ୱିଷ୍ଟ ଆଣିବେ ଇମ୍ରାନ

ବଲିଉଡର ଅନ୍ୟତମ ବହୁପ୍ରତୀକ୍ଷିତ ଏବଂ ଚର୍ଚ୍ଚିତ ଆକ୍ସନ ସିକ୍ୱେଲ୍ 'ଧୁରନ୍ଧର ୨: ଦ ରିଭେଞ୍ଜ' କୁ ନେଇ ଏବେ ସିନେମା ଜଗତରେ ଏକ ବଡ଼ ଧରଣର ସସପେନ୍ସପୂର୍ଣ୍ଣ ଅପଡେଟ୍ ସାମ୍ନାକୁ ଆସିଛି । ଯାହା ପ୍ରଶଂସକଙ୍କ ଉତ୍ସାହକୁ ଆହୁରି ବଢାଇ ଦେଇଛି । ସୁପରଷ୍ଟାର ରଣବୀର ସିଂଙ୍କ ଏହି ବ୍ଲକବଷ୍ଟର ଚଳଚ୍ଚିତ୍ରର ଦ୍ୱିତୀୟ ଭାଗରେ ସବୁଠାରୁ ରହସ୍ୟମୟ ଚରିତ୍ର 'ବଡ଼େ ସାହବ' କୁ ନେଇ ଦୀର୍ଘ ଦିନରୁ ବିଭିନ୍ନ କଳ୍ପନାଜଳ୍ପନା ଜାରି ରହିଥିଲା । ମିଳିଥିବା ଏକ ରିପୋର୍ଟ ଅନୁଯାୟୀ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ବଲିଉଡର ଭର୍ସାଟାଇଲ୍ ଅଭିନେତା ଇମ୍ରାନ ହାସମୀ ନଜର ଆସିବାର ସମ୍ଭାବନା ରହିଛି । ପୂର୍ବରୁ ଏହି 'ବଡ଼େ ସାହବ' ଚରିତ୍ରଟି କୁଖ୍ୟାତ ଗ୍ୟାଙ୍ଗଷ୍ଟର ଦାଉଦ ଇବ୍ରାହିମ କିମ୍ବା କୌଣସି ପ୍ରଭାବଶାଳୀ ଭୂମିଗତ ମାଫିଆଙ୍କ ଦ୍ୱାରା ଅନୁପ୍ରାଣିତ ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲା । ହେଲେ ଲିକ୍ ହୋଇଥିବା କାଷ୍ଟ ଲିଷ୍ଟରେ ଇମ୍ରାନଙ୍କ ନାମ ସାମ୍ନାକୁ ଆସିବା ପରେ କାହାଣୀରେ ଏକ ବଡ଼ ମୋଡ଼ ଆସିବା ନିଶ୍ଚିତ ମନେ ହେଉଛି । ଯଦିଓ ଚଳଚ୍ଚିତ୍ରର ନିର୍ମାତା କିମ୍ବା ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ଔପଚାରିକ ଘୋଷଣା କରାଯାଇ ନାହିଁ, ତଥାପି ସୋସିଆଲ ମିଡିଆରେ ଏହି ଖବରକୁ ନେଇ ପ୍ରବଳ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କ ପୂର୍ବ ଚଳଚ୍ଚିତ୍ର 'ଧୁରନ୍ଧର' ଗତ ବର୍ଷ ବକ୍ସ ଅଫିସରେ ଅଭୂତପୂର୍ବ ସଫଳତା ପାଇଥିବାରୁ ଏହାର ସିକ୍ୱେଲ୍ ପାଇଁ ଦର୍ଶକ ଖୁବ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଦର୍ଶକ ଏହାର ସିକ୍ୱେଲକୁ ଖୁବ ଭଲପାଇବା ଦେବେବୋଲି ମେକର୍ସଙ୍କର ଆଶା ରହିଛି ।

## ସୋସିଆଲ କୋଟ୍ସ



"ଆପଣମାନେ ସବୁବେଳେ ଆମକୁ ଭଲ ପାଇବା ଦେଇଛନ୍ତି । ଆମେ କିଛି ବି ପ୍ଲାନ କରିବା ଆଗରୁ ଆପଣମାନେ ଆମ ସହିତ ଅଛନ୍ତି ବୋଲି ବିଶ୍ୱାସ ଥାଏ । ଆମେ ସମସ୍ତଙ୍କ ପାଖରେ କୃତଜ୍ଞ, ଆପଣଙ୍କ ଭଲପାଇବା ପାଇଁ ଧନ୍ୟବାଦ ।

**-ବିଜୟ ଦେବରକୋଣ୍ଡା, ଅଭିନେତା**



"କାନ୍ତରାରେ ମିଳିଥିବା ଭଲପାଇବା ମୋତେ ସବୁବେଳେ ଆଗକୁ ନେଇଛି । ହନୁମାନ ଫିଲ୍ମ ପାଇଁ ମଧ୍ୟ ଖୁବ ପରିଶ୍ରମ କରିବି । ଆଶା କରୁଛି ଦର୍ଶକଙ୍କୁ ଏକ ଭଲ ପ୍ରୋଜେକ୍ଟ ଦେବାରେ ସଫଳ ହେବି ।

**-ରିଷଭ ସେଟ୍ଟୀ, ଅଭିନେତା**



"ପେଟ ସହ କାନ୍ଧରେ ମଧ୍ୟ ଯନ୍ତ୍ରଣା ହେଉଛି । ମନରେ ଖୁବ ଡର ଅଛି । ହେଲେ ବିଶ୍ୱାସ ଅଛି ଆପଣମାନଙ୍କ ଭଲପାଇବା ମୋ ସହିତ ଅଛି, ଖୁବଶୀଘ୍ର ଭଲ ହୋଇ ଘରକୁ ଫେରିବି ।

**-ଦୀପିକା କକର, ଅଭିନେତ୍ରୀ**

## ଫାଲଗୁନ ଶୁକ୍ଳପକ୍ଷ ନବମୀ

**୨୫.୨.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ:** ଅର୍ଥ ସମସ୍ୟା, ମାନସିକ କଷ୍ଟ, କର୍ମକ୍ଷେତ୍ରରେ ପରିଶ୍ରମ, ଲୋକସମ୍ପର୍କ ବୃଦ୍ଧି, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ଯାତ୍ରାରେ ସମସ୍ୟା, ଶତ୍ରୁ ସମସ୍ୟା, ଶାରୀରିକ ସୁସ୍ଥତା । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ବୃଷ:** କାର୍ଯ୍ୟରେ ସଫଳ, ଶାରୀରିକ ସୁସ୍ଥତା, ଅର୍ଥ ଲାଭ, ବନ୍ଧୁ ଲାଭ, ଶୁଭ ସମାଚାର, ଅଯଥା ଖର୍ଚ୍ଚାନ୍ତ, ଭ୍ରମଣ ଯୋଗ, ନୂତନ ଆୟ, ଦ୍ରବ୍ୟ ଲାଭ, ପାରିବାରିକ ସୁଖ, ସମ୍ପତ୍ତି ଲାଭ । କୃତୀକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମାନସିକ ଅଶାନ୍ତି, କାର୍ଯ୍ୟରେ ଅସନ୍ତୋଷ, ଅଯଥା ଚିନ୍ତା, ଆଶାରେ ବାଧା, ଶୁଭ ଖବର, ଗୃହେ ଉତ୍ସବ, ଯାତ୍ରାରେ ସାବଧାନ, ଶାରୀରିକ ସୁସ୍ଥତା, ବିଦ୍ୟାରେ ସଫଳତା । ମୃଗଶୀରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ଭ୍ରମଣ ଯୋଗ, ସମ୍ମାନ ବୃଦ୍ଧି, ଆର୍ଥିକ ଖୁସି, ସମ୍ପତ୍ତି ଲାଭ, ଉଚ୍ଚ ଆଶାରେ ବିଳମ୍ବ, ଗୃହେ ଶୁଭ ସମାଚାର, ଲୋକସମ୍ପର୍କରେ ଉଲ୍ଲସିତ, ଦାମ୍ପତ୍ୟ ସୁଖ, ଯାତ୍ରାରେ ସଫଳତା, ଶତ୍ରୁ ପରାଜିତ, ଦେବ କାର୍ଯ୍ୟ ପ୍ରତି ଆସକ୍ତି । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା- ୯, ଆରାଧନା- ହନୁମାନ ।

**ସିଂହ:** ସମ୍ମାନ ପ୍ରାପ୍ତି, ସମ୍ପର୍କରେ ଲାଭ, ଦୂର ଯାତ୍ରା, ଉତ୍ସବ ପ୍ରତି ଆଗ୍ରହ, ଅତିଥି ଚର୍ଚ୍ଚା, ନୂତନ ଦ୍ରବ୍ୟ ଲାଭ, ବ୍ୟବସାୟରେ ଉନ୍ନତି, ଶୁଭ ସମାଚାର, କର୍ମକ୍ଷେତ୍ରରେ ସମସ୍ୟା, ଶାରୀରିକ ସୁସ୍ଥତା । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଅଯଥା ଖର୍ଚ୍ଚ, ଶାରୀରିକ ଅସୁସ୍ଥତା, ଉତ୍ସବ ପ୍ରତି ଆଗ୍ରହ, ପାରିବାରିକ କଳହ, ସମ୍ପତ୍ତି ବିବାଦ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଭ୍ରମଣ ଯୋଗ, ବ୍ୟବସାୟରେ ଶତ୍ରୁତା, ଅର୍ଥ ସମସ୍ୟା । ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା:** ଚୋରି ଭୟ, ମାନସିକ ଅବସାଦ, ଦୂର ଯାତ୍ରା, ବୟୋଜେଷ୍ଠ ବ୍ୟକ୍ତିଙ୍କ ସମସ୍ୟା, ପାରିବାରିକ ଖୁସି, ଅର୍ଥ ଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବ କାର୍ଯ୍ୟ, ଯାତ୍ରାରେ ସତର୍କ, ସନ୍ତାନ ସମସ୍ୟା, ବନ୍ଧୁ ଦର୍ଶନ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ବିଛା:** ଦ୍ରବ୍ୟ ଲାଭ, ଶୁଭ ଖବର, ବ୍ୟବସାୟରେ ଲାଭ, ଭୂସମ୍ପତ୍ତି ଲାଭ, ପାରିବାରିକ ସହଯୋଗ, ବିବାଦୀୟ କାର୍ଯ୍ୟରେ ବିଜୟ, ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି, କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ସୁଖ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲ୍‌ଡେନ, ସଂଖ୍ୟା- ୯, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ବନ୍ଧୁ ସହଯୋଗ, ଦୂର ଯାତ୍ରା, ପାରିବାରିକ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଚିନ୍ତା, ଅର୍ଥ ସମସ୍ୟା, ସମ୍ପର୍କ ବୃଦ୍ଧି, ସମ୍ମାନ ପ୍ରାପ୍ତି, ଦାମ୍ପତ୍ୟ ଖୁସି, ବିଦ୍ୟାରେ ଅସଫଳ । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ପ୍ରତିକାର- ପିତାମାତାଙ୍କ ସେବା ।

**ମକର:** ଅର୍ଥ ସମସ୍ୟା, ଶାରୀରିକ କଷ୍ଟ, ମାନସିକ ଅଶାନ୍ତି, ବନ୍ଧୁ ସହଯୋଗ, ଯାତ୍ରାରେ ସନ୍ତୋଷ, ସମ୍ପତ୍ତି ବିବାଦ, ଗୃହେ ସହଯୋଗ, ଦ୍ରବ୍ୟ ଲାଭ, ବ୍ୟକ୍ତି ସହାୟଜା । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୩, ଆରାଧନା- ଲକ୍ଷ୍ମୀନୃସିଂହ ।

**କୁମ୍ଭ:** ଦୂର ଯାତ୍ରା, ଅର୍ଥ ଖର୍ଚ୍ଚ, ଶାରୀରିକ ଅସୁସ୍ଥ, ବନ୍ଧୁ ଲାଭ, ଦେବ କାର୍ଯ୍ୟରେ ଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭ ସମ୍ବାଦ, ଉଚ୍ଚ ଆଶାରେ ବାଧା, ମାନସିକ ଆଘାତ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ମା' ଭୁବନେଶ୍ୱରୀ ।

**ମୀନ:** ଆଶା ସଫଳ, ବନ୍ଧୁ ଲାଭ, ଦ୍ରବ୍ୟ ପ୍ରାପ୍ତି, ଗୃହେ ଉତ୍ସବ, ଦୂର ଯାତ୍ରା, ସନ୍ତାନ ଖୁସି, ନୂତନ ନିଯୁକ୍ତି, ପାରିବାରିକ ସମସ୍ୟା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗ । ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।



## ୨୦୨୬-୨୭ ବର୍ଷ ପାଇଁ ଲୋକାଭିମୁଖୀ ବଜେଟ୍

# ଝାରସୁଗୁଡ଼ା, ବଲାଙ୍ଗୀର ଓ ପିପିଲିରୁ ଜନସାଧାରଣ ଆସି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ

ଭୁବନେଶ୍ୱର, (ସବ୍ୟୁ): ଆଜି ସନ୍ଧ୍ୟାରେ ଭୁବନେଶ୍ୱର ରାଜ୍ୟ ଅତିଥିଭବନ ଠାରେ ଝାରସୁଗୁଡ଼ା, ପୁରୀ ଜିଲ୍ଲାର ପିପିଲି ଏବଂ ବଲାଙ୍ଗୀର ଜିଲ୍ଲାରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକାଭିମୁଖୀ ବଜେଟରେ ସେମାନଙ୍କ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଯୋଜନା କରିଥିବାରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଝାରସୁଗୁଡ଼ା ଜିଲ୍ଲାର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଯୁବସମାଜ ପ୍ରମୁଖ ଆଜି ଭୁବନେଶ୍ୱର ଆସି ବଜେଟରେ ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉଥିବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁର୍ନବିକାଶ ପାଇଁ ପ୍ରସ୍ତାବ ଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରି କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟର ସର୍ବକନିଷ୍ଠ ଜିଲ୍ଲା ଭାବେ ଝାରସୁଗୁଡ଼ା



ଜିଲ୍ଲା ୩୨ ବର୍ଷ ପରେ ପ୍ରଥମ ବିଶ୍ୱବିଦ୍ୟାଳୟ ପାଇଛି । ଝାରସୁଗୁଡ଼ା ବାସୀଙ୍କର ଉଚ୍ଚ ଶିକ୍ଷା ପାଇଁ ଆଶା ଆକାଂକ୍ଷା ପୂରଣ କରିବ ଏହି ବିଶ୍ୱ ବିଦ୍ୟାଳୟ । ସେହିଭଳି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ପିପିଲି ଚାନ୍ଦୁଆ କାରିଗର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବିତ ଚାନ୍ଦୁଆ ବଜାର ପାଇଁ କୃତଜ୍ଞତା ଜଣାଇଥିଲେ । ଚାନ୍ଦୁଆ ଶିଳ୍ପର ଅଭିବୃଦ୍ଧି ଏବଂ କାରିଗର ମାନଙ୍କ ରୋଜଗାର ବୃଦ୍ଧି ପାଇଁ ଏହି ବଜାର ଅତ୍ୟନ୍ତ ଉପଯୋଗୀ ହେବ ବୋଲି ସେମାନେ ମତପ୍ରକାଶ କରିଥିଲେ । ବଲାଙ୍ଗୀରରେ ସରକାରୀ ଇଞ୍ଜିନିଅରିଂ କଲେଜ ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ହୋଇଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ଟିଟିଲାଗଡ଼ ବିଧାୟକ ଶ୍ରୀ ନବୀନ କୁମାର ଜୈନଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲାର ନାଗରିକ ସମାଜ ବିପୁଳ ସଂଖ୍ୟାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରି କୃତଜ୍ଞତା ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, କେବଳ ୨୦୨୬-୨୭ ବଜେଟରେ ନୁହେଁ, ୨୦୨୫-୨୬ ବଜେଟରେ ମଧ୍ୟ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲାରେ ଗୋଟିଏ ନର୍ସିଂ କଲେଜ ଓ ଗୋଟିଏ ଡେଣ୍ଟାଲ କଲେଜ ଖୋଲିବା ପାଇଁ ପ୍ରାବଧାନ କରିଥିଲେ । ଆଜି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲାରେ ବିଭିନ୍ନ କ୍ଷେତ୍ରର ବିକାଶ ତ୍ୱରାନ୍ୱିତ ହୋଇଛି । ୨୦୨୬-୨୭ ବର୍ଷର ବଜେଟରେ ଓଡ଼ିଶାର ସମସ୍ତ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିବାରୁ ଉପକୂଳବର୍ତ୍ତୀ ଅଞ୍ଚଳରୁ ଆରମ୍ଭ କରି ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳରୁ ଗତ ତିନିଦିନ ଧରି ଜନସାଧାରଣ ଖୁସିର ସହ ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛନ୍ତି ।

## ଜଳିଗଲା ବାଇକ

ବାରଙ୍ଗ,(ସବ୍ୟୁ): ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାର କାନପୁର ନିକଟରେ ଥିବା ଏକ ବାଇକ ସୋମବାର ଦିନ ଜଳିଯାଇଛି ।ଚାଳକ ଜଣଙ୍କ ଏକ ଦୋକାନ ସମ୍ମୁଖରେ ଗାଡ଼ି ରଖି ଯାଇଥିବା ବେଳେ କୌଣସି କାରଣରୁ ହଠାତ ନିଆଁ ଲାଗି ଗାଡିଟି ପୋଡ଼ିଯାଇଛି । କାନପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ହେଉଥିବା ଏକ ଧାର୍ମିକ କାର୍ଯ୍ୟରେ ରୋଷେଇ କରିବାକୁ ବାଇକ ନେଇ ଜଣେ ରୋଷେୟା ଆସିଥିଲେ ।ସେ ବାଇକ ଟିକୁ କାନପୁରଗ୍ରାମ ମୁଣ୍ଡ ପୁରୀ ମୁଖ୍ୟ କେନାଲ ପାର୍ଶରେ ଥିବା ଏକ ଦୋକାନ ପାଖରେ ରଖିଦେଇ ରୋଷେଇ କରିବାକୁ ଯାଇଥିଲେ ।ଅପରାହ୍ନ ସାଢେ ୨ଟା ସମୟରେ କୌଣସି କାରଣରୁ ବାଇକରେ ଅଚାନକ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ଯୁବକ ଅମର ପ୍ରତାପ ନାୟକ, ମିଙ୍କୁ ପ୍ରଧାନ, ରାକେଶ ନାୟକ, ସୂର୍ଯ୍ୟକାନ୍ତ ନାୟକ, ଆକାଶ ବେହେରା ପ୍ରମୁଖ ଏହାଦେଖି ପାଣି ଢ଼ାଳି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ କରି ପାରିନଥିଲେ ।ଯାହାଫଳରେ ବାଇକଟି ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଥିବାର ଦେଖିବାକୁ ମିଳିଥିଲା ।



ଗୋଆର ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ତୱାଡକରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ଅତିଥି ଭବନରେ ସମ୍ବର୍ଦ୍ଧିତ କରୁଛନ୍ତି ।

# ହତ୍ୟାକାରୀକୁ ଆଜୀବନ

ଭୁବନେଶ୍ୱର, (ସବ୍ୟୁ) : ଖାରବେଳନଗର ଥାନା ଅଞ୍ଚଳରେ ୨୦୧୦ ମସିହା ମାର୍ଚ୍ଚ ମାସରେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାର ବିଚାର କରି ବିଚାରପତି ଚତୁର୍ଥ ଅତିରିକ୍ତ ଜିଲ୍ଲା ଜଜ୍ ନିକୁଞ୍ଜ ମହାନ୍ତି ହତ୍ୟାକାରୀ ରାକେଶ କୁମାର ସେଠୀକୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି ।
ହତ୍ୟାର ଶିକାର ହୋଇଥିବା ରୋଜାଲିନ ଭୁବନେଶ୍ୱରର ଏକ ଘରୋଇ କଲେଜର ପ୍ରଥମ ବର୍ଷ ଛାତ୍ରୀ ଭାବେ ପାଠ ପଢୁଥିଲେ । ସେ ଅଭିଯୋଗକାରୀଙ୍କ ସ୍ତ୍ରୀର ସାନଭଉଣୀଙ୍କ ଝିଅ ହୋଇଥିବାରୁ ଗତ ୩ବର୍ଷ ଧରି ତାଙ୍କ ପାଠପଢା ପାଇଁ ଅଭିଯୋଗକାରୀଙ୍କ ସହିତ ରହୁଥିଲେ । ୨୦୧୦ ମସିହା ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟା ପ୍ରାୟ ସାଢେ ୬ଟା ସମୟରେ ଅଭିଯୋଗକାରୀ ଗୋପାଳ ଚରଣ ସିଂ ସାମନ୍ତ ଗିରିଦୁର୍ଗା ଛକ ପାଖରୁ ଝିଅାରୀ ରୋଜାଲିନ ପଟେଲକୁ ଆଣି ଘରେ ଛାଡିଥିଲେ । ସନ୍ଧ୍ୟା ପ୍ରାୟ ସାଢେ ୭ଟା ବେଳେ ଅଭିଯୋଗକାରୀ ଏବଂ ତାଙ୍କ ସ୍ତ୍ରୀ ନିବେଦିତା ଅଶୋକାଷ୍ଟମୀ ଉପଲକ୍ଷେ ତିନିମୁଣ୍ଡିଆ ଛକ ଠାକୁର ଦର୍ଶନ କରିବାକୁ ଯାଇଥିଲେ । ହେଲେ ରୋଜାଲିନ ତାଙ୍କ ସାଙ୍ଗରେ ଯାଇନଥିଲେ । ଯାହା ଫଳରେ ସେମାନେ ଘର ବାହାରୁ ତାଲା ପକାଇ ତାଙ୍କୁ ଚାବି ଦେଇ ଯାଇଥିଲେ ।
ରାତି ପ୍ରାୟ ୯ଟା ସମୟରେ ସେମାନେ ଫେରି ଜଣେ ପଡୋଶୀଙ୍କୁ ଭେଟିବା ପରେ ସେମାନେ ରୋଜାଲିନକୁ କବାଟ ଖୋଲିବାକୁ ଡାକିଥିଲେ । ସେତେବେଳେ ଭିତରୁ ଉତ୍ତର ମିଳିନଥିଲା । ଏହାପରେ ଅଭିଯୋଗକାରୀଙ୍କ ସ୍ତ୍ରୀ ସିଡି ପାଖର୍ ଦେଇ ଘର ଭିତରକୁ ଯାଇ ଦେଖିଥିଲେ ବାହାର ଦ୍ୱାର ବନ୍ଦ ଅଛି । କବାଟ ଖୋଲି ଭିତରକୁ ଯାଇ ଦେଖିବା ବେଳକୁ ରୋଜାଲିନ ରକ୍ତାକ୍ତ ଅବସ୍ଥାରେ ଚଟାଣରେ ପଡିଥିବା ଦେଖିଥିଲେ । ଏହା ଦେଖି ସେ ଚିତ୍କାର କରିବାରୁ ପଡୋଶୀମାନେ ସେଠାରେ ପହଞ୍ଚି ଦେଖିଥିଲେ ଯେ, ରୋଜାଲିନ ମରିପଡିଛନ୍ତି । କେହି ଅଜଣା ଦୁର୍ବୃତ୍ତ ପଶି ଏକ ଧାରୁଆ ଅସ୍ତ୍ରରେ ରୋଜାଲିନକୁ ଆକ୍ରମଣ କରି ହତ୍ୟା କରିଥିବା ଜାଣିବା ପରେ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

## ଆଇଆର୍‌ଏସ୍ ଅଫିସରଙ୍କ ଦୁଷ୍କର୍ମ ମାମଲା : ତଦନ୍ତ କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, (ସବ୍ୟୁ) : ଆଇଆର୍‌ଏସ୍ ଅଫିସରଙ୍କ ଦୁଷ୍କର୍ମ ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରିପାରେ । କ୍ରାଇମ୍‌ବ୍ରାଞ୍ଚ ଅଫିସର ମଙ୍ଗଳବାର ସହିଦନଗର ଥାନାକୁ ଆସିଥିବା କୁହାଯାଉଛି । ହେଲେ ସହିଦନଗର ଥାନା ପୋଲିସର କହିବାନୁଯାୟୀ ଏବେ ସୁଦ୍ଧା ମାମଲା ଆମ ପାଖରେ ଅଛି ଓ ବଡ ଅଫିସର ତଦନ୍ତ ଦାୟିତ୍ୱରେ ଅଛନ୍ତି । ଅତିରିକ୍ତ ଡିସିପି ତଦନ୍ତ କରୁଥିବାରୁ ମାମଲା ସମ୍ପର୍କରେ ଥାନା ପୋଲିସ ଅଧିକ କିଛି କହିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି । ମଙ୍ଗଳବାର ଦିନ ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସରଙ୍କ ସମ୍ପର୍କୀୟ ଭଉଣୀ ଥାନାକୁ ଯାଇ ଅଭିଯୋଗ ମିଛ ବୋଲି କହିଛନ୍ତି । କେବଳ ପୋଲିସରେ ନୁହେଁ ଗଣମାଧ୍ୟମକୁ ସେ ପୀଡିତାଙ୍କ ସମ୍ପର୍କରେ ନାନାଦି କଥା କହିଛନ୍ତି । ସମ୍ପର୍କୀୟ ଭଉଣୀଙ୍କ କହିବାନୁଯାୟୀ ମୋ ସ୍ୱାମୀ ପୀଡିତାକୁ ପାଖରେ ରଖିଥିଲେ । ମୁଁ ତାକୁ ଦୂରେଇ ଦେବା ସହ ମହିଳା ଥାନାରେ ଅଭିଯୋଗ କରିଥିଲି । ମୋ ଉପରେ ରାଗ ସୁଝାଇବା ପାଇଁ ସେ ମୋ ଭାଇ ବିରୋଧରେ ଏପରି ମିଛ ଅଭିଯୋଗ କରିଛି । ଜାନୁଆରୀ ୧୫ ତାରିଖ ଘଟଣା ହୋଇଥିବା ବେଳେ ସେ ଫେବୃଆରୀ ମଧ୍ୟଭାଗରେ କାହିଁକି ଅଭିଯୋଗ କଲା ବୋଲି ସମ୍ପର୍କୀୟ ଭଉଣୀ ପ୍ରଶ୍ନ କରିଛନ୍ତି । ସେ ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ କରି ମୋ ଭାଇକୁ ବଦନାମ କରିବାକୁ ଚେଷ୍ଟା କରୁଛି ।
ଅଭିଯୁକ୍ତ ଆଇଆର୍‌ଏସ୍ ଅଫିସର ଜିଏସ୍‌ଟି ଯୁଗ୍ମ କମିଶନର ହୋଇଥିବାରୁ ଜିଏସ୍‌ଟିର କେତେକ ଅଫିସର ସହିଦନଗର ଥାନାକୁ ଯାଇ ମାମଲା ସମ୍ପର୍କରେ ପଚାରି ବୁଝିଛନ୍ତି । ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚର କେହି ଅଫିସର ସହିଦନଗର ଥାନାକୁ ଯାଇଥିବା ଖବର ମିଳିଥିବା ବେଳେ ପୋଲିସ ତାହା ଅସ୍ୱୀକାର କରି ଏବେ ସୁଦ୍ଧା ମାମଲା ଆମ ପାଖରେ ଅଛି ବୋଲି କହିଛନ୍ତି ।

### ସରକାରୀ କର୍ମଚାରୀଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରି ପାରିବନି:ହାଇକୋର୍ଟ

# ରାଜସ୍ୱ ବିଭାଗ ରିଟ୍ ପିଟିସନ ଖାରଜ

କଟକ,(ସବ୍ୟୁ): ଜଣେ ସରକାରୀ କର୍ମଚାରୀ ଭାବେ ୩୨ବର୍ଷ ଧରି ନିରବିଚ୍ଛିନ୍ନ ସେବା କରି ଆସିଛନ୍ତି। ଏଭଳି କର୍ମଚାରୀଙ୍କୁ ଅବସର ପରେ ଆଉ ସମସ୍ୟାରେ ପକାଇବା ଉଚିତ୍ ନୁହେଁ । ରାଜ୍ୟ ସରକାର ଜଣେ ଆଦର୍ଶ ନିଯୁକ୍ତି ଦାତା। କର୍ମଚାରୀ-କର୍ମଚାରୀଙ୍କ ମଧ୍ୟରେ ରାଜ୍ୟ ସରକାର ପାର୍ଥକ୍ୟ କରିପାରିବେ ନାହିଁ । ଏଭଳି କର୍ମଚାରୀଙ୍କୁ ତାଙ୍କ ଅଧିକାର ତଥା ପ୍ରାପ୍ୟରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ରୁଜୁ ରିଟ୍ ପିଟିସନ୍‌କୁ ଖାରଜ କରିବା ଅବସରରେ ହାଇକୋର୍ଟ ଏଭଳି ମତ ଦେଇଛନ୍ତି । ଆହୁରିମଧ୍ୟ ୨୮୫ ଦିନ ବିଳମ୍ବରେ ରୁଜୁ ହୋଇଥିବା ଏହି ଆବେଦନକୁ ଗ୍ରହଣ କରିବାକୁ ହାଇକୋର୍ଟ କହିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଏସ୍. ଦୀକ୍ଷିତ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ପେନ୍‌ସନ୍ ଲାଗୁ ନେଇ ରାଜକିଶୋର ପରିଡ଼ା ଏବଂ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଜଣିକିଆ ବିଚାରପତି ୨୦୨୪ ଫେବୃଆରୀ ୭ରେ ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ରାଜସ୍ୱ ବିଭାଗ ହାଇକୋର୍ଟଙ୍କୁ ରିଟ୍ ଅପିଲ୍‌ରେ ଆସିଥିଲା । କିନ୍ତୁ ଜଣିକିଆ ବିଚାରପତିଙ୍କ ଆଦେଶର ୨୮୫ ଦିନ ପରେ ମାମଲା ରୁଜୁ ହୋଇଥିଲା । ଏଥିରେ ରାଜ୍ୟ ସରକାର ବିଳମ୍ବରେ ରୁଜୁ ମାମଲାକୁ ଗ୍ରହଣ ପାଇଁ ପ୍ରାର୍ଥନା କରିଥିଲାବେଳେ ଆବେଦନକାରୀଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା । ହାଇକୋର୍ଟ ଯଦିଓ ବିଳମ୍ବରେ ମାମଲା ରୁଜୁକୁ ଗ୍ରହଣ କରିଥିଲେ କିନ୍ତୁ ଏହାର ମେରିଟ୍ ଉପରେ ଶୁଣାଣି ହୋଇଥିଲା । ହାଇକୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ଆଦେଶରେ କହିଛନ୍ତି ଯେ, ପ୍ରତିପକ୍ଷ ୧୯୫୯ ମସିହାରୁ ୧୯୯୨ ମସିହା ପର୍ଯ୍ୟନ୍ତ ନିରବିଚ୍ଛିନ୍ନ ଭାବେ ସରକାରରେ କାର୍ଯ୍ୟ କରିଥିଲେ । ସମ୍ବିଧାନର ଡାଇରେକ୍ଟିଭ୍ ପ୍ରିନ୍ସିପିଲ୍‌ରେ ଜଣେ କର୍ମଚାରୀଙ୍କୁ ମାନବିକତା ଦୃଷ୍ଟିକୋଣରୁ ଦେଖିବା ପାଇଁ କୁହାଯାଇଛି । ଅପରପକ୍ଷରେ ରାଜ୍ୟ ସରକାର ସମାନ କର୍ମଚାରୀଙ୍କ ମଧ୍ୟରେ ପେନ୍‌ସନ୍‌କୁ ନେଇ ପାର୍ଥକ୍ୟ ସୃଷ୍ଟି କରିପାରିବେ ନାହିଁ । ତେଣୁ ଏହି ଆଧାରରେ ରାଜ୍ୟ ସରକାର ପ୍ରତିପକ୍ଷଙ୍କୁ ୮ ସପ୍ତାହ ମଧ୍ୟରେ ସେମାନଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ଧାର୍ଯ୍ୟ ସମୟ ମଧ୍ୟରେ ପ୍ରତିପକ୍ଷଙ୍କୁ ସେମାନଙ୍କ ପ୍ରାପ୍ୟ ନମିଳେ ପ୍ରତି ମାସକୁ ଦେଢ଼ ଶତକଡାସୁଧ ହିସାବରେ ପ୍ରାପ୍ୟ ଦେବାକୁ ପଡ଼ିବ । ଏହି ଅଧିକ ଅର୍ଥ ଦାୟୀ ଅଧିକାରୀଙ୍କ ନିକଟରୁ ଆଦାୟ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧା ସୁମନ ଅର୍ପଣ

ଭୁବନେଶ୍ୱର, (ସବ୍ୟୁ): କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ କାନ୍ତକବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହ ଓଡ଼ିଆଙ୍କ ହୃଦୟରେ ଜାତିପ୍ରୀତି ଜାଗ୍ରତ କରିବାରେ



ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଆଜି କାନ୍ତକବିଙ୍କ ଶ୍ରାଦ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ-ବାଚସ୍ପତି ଭବାନୀଶଙ୍କର ଭୋଇ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ବରିଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କାନ୍ତକବିଙ୍କ ସ୍ମୃତିଚାରଣ କରିଛନ୍ତି।

# ବିଧାନସଭା



## ବର୍ଷକରେ ୭ ମୁଣ୍ଡ ନେଲାଣି "ଆମ ବସ୍‘

ଭୁବନେଶ୍ୱର(ସବ୍ୟୁ) : ଥମୁନି "ଆମ ବସ୍‘ ଆତଙ୍କରାଜ । କେଉଁଠି ମୁଣ୍ଡ ନେଉଛି ତ କାହାକୁ ପଙ୍ଗୁ କରୁଛି । ଆଜି ଏଠି ତ କାଲି ଆଉ କେଉଁଠି । ସହରୀ ପରିବହନର ଚେହେରା ବଦଳାଇବାକୁ ଆସିଥିଲା "ଆମ ବସ୍ । ଲୋକଙ୍କ ଲାଇଫଲାଇନ୍ ପାଲଟିଥିବା ଏହି ବସ୍ ବାରମ୍ବାର ଦୁର୍ଘଟଣା ପାଇଁ ସୁନାମ ଅପେକ୍ଷା ଅଧିକ ଦୁର୍ନାମ ମୁଣ୍ଡାଇଛି । ବର୍ଷକ ଭିତରେ ଆମ ବସ୍ ନେଇଛି ୭ ଜୀବନ । ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।

ଗତକାଲି ଭୁବନେଶ୍ୱରରେ ଆମ୍ ବସ୍ ଧକ୍କା ରେ ଜଣେ ସାଇକେଲ୍ ଆରୋହୀ ଆହତ ହେବା ପରେ ପୁଣି ଉଦବେଗ ପ୍ରକାଶ ପାଇଛି । ଅଘଟଣ ରୋକିବାକୁ ଯାଞ୍ଚ କଡ଼ାକଡ଼ି ସହ ସ୍ପିଡ୍ ଲିମିଟ୍ ଫିକ୍ସ କରାଯାଇଥିବା ମନ୍ତ୍ରୀ କହିଥିଲେ ବି ପଥଚାରୀ ଓ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ଠିଆ ହୋଇଛି ।

ସବୁଠାରୁ ଉଦବେଗଜନକ ବିଷୟ ହେଉଛି ରାଜଧାନୀ ଭୁବନେଶ୍ୱର ସ୍ଥିତି । ଏଠାରେ କେବଳ ୬ ଜଣଙ୍କ ମୁଣ୍ଡ ନେଇଛି ଆମ ବସ୍ । କଟକରେ ଜଣେ ପ୍ରାଣ ହରାଇଛନ୍ତି । କେବଳ ମୃତ୍ୟୁ ନୁହେଁ, ବର୍ଷକରେ ଗୁରୁତର ହୋଇଛନ୍ତି ୮ ଜଣ । ସେମାନଙ୍କ ଭିତରେ ଭୁବନେଶ୍ୱରରୁ ୪ ଏବଂ ପୁରୀ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ଆମ ବସ୍ ଧକ୍କାରେ ଜଣେ ଲେଖାଏଁ ଗୁରୁତର ହୋଇଛନ୍ତି । ମନ୍ତ୍ରୀ କହିଛନ୍ତି, ଦୁର୍ଘଟଣା ରୋକିବାକୁ ୨୮ହଜାର ୭୦୦ ଥର କରାଯାଇଛି ଯାଞ୍ଚ । ଏଥିସହ ଫିକ୍ସ କରାଯାଇଛି ସ୍ପିଡ୍ ଲିମିଟ । ଇଲେକଟ୍ରିକ ବସ ବେଗ ୩୫ କିମି, ଡ଼ିଜେଲ ଚାଳିତ ବସ ବେଗ ୪୦ ଓ ରାଜପଥରେ ଗଡୁଥିବା ଆମ ବସ୍ ସ୍ପିଡ୍ ୫୦ କିମି ଭିତରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ପୂର୍ବରୁ ଗତ ଜାନୁଆରୀ ୩ ତାରିଖରେ ରୁପାଲି ଛକରେ ଗୋଟିଏ ଅଟୋକୁ ଆମ ବସ୍ ଚାପି ଦେବା ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା । ତାପରେ ବିଭିନ୍ନ ସମୟରେ ଅଘଟଣ ପରେ ଆମ ବସକୁ ନେଇ ଲୋକଙ୍କ ଭିତରେ ଆକ୍ରୋଶ ବଢୁଛି । ରାସ୍ତାର ଭିଡ଼ ଭିତରେ କେଉଁଠି କେତେବେଳେ କୌଣସି ଏକ ଭୁଲ୍ ପାଇଁ ଆମ ବସ୍ ସହ ବାରମ୍ବାର ଦୁର୍ଘଟଣା ଘଟୁଛି । ଆମ ବସ୍ ପଥଚାରୀଙ୍କୁ ଧକ୍କା ଦେଉଛି ଏକଥା ସତ । କିନ୍ତୁ ଅନ୍ୟମାନେ ବେପରୁଆ ଗାଡ଼ି ଚାଳନା ପାଇଁ ବି ଆମ ବସ୍ ସହ ପିଟି ହେଉଛନ୍ତି । ଅନ୍ୟପଟେ କ୍ରୁଟ୍ ଦ୍ୱାରା ପରିଚାଳିତ ଆମ ବସକୁ ଟ୍ରାକକୁ ଫେରାଇ ଆଣିବାକୁ ବଡ଼ କସରତ କରାଯାଉଛି । ଡ୍ରାଇଭରମାନଙ୍କ ଦକ୍ଷତା ବୃଦ୍ଧି, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ ସହ ନିୟମିତ ଟ୍ରେନିଂ, ବସର ଫିଟନେସ୍ ଯାଞ୍ଚ ଦିଗରେ ଅନେକ ପଦକ୍ଷେପ ନିଆଯାଉଛି । ତଥାପି ଥମୁନି ଆମ ବସ ଯାତନାଛ ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସଡ଼କ ସୁରକ୍ଷା ବିଶେଷଜ୍ଞ ।

# ଧାନ କିଣା ପ୍ରସଙ୍ଗରେ ବର୍ଷିଲେ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ବିଧାନସଭା ବଜେଟ ଅଧିବେଶନରେ ସପ୍ତମ ଅଧିବେଶନରେ ପ୍ରଶ୍ନକାଳରେ ବିରୋଧୀ ହଟ୍ଟଗୋଳ କରିଥିବାବେଳେ ମୁଲତବୀ ଆଲୋଚନାରେ କଂଗ୍ରେସ ଭାଗ ନେଇଥିଲା । ତେବେ ବିଜେଡି ଚାଷୀଙ୍କ ଧାନ କିଣା ଅବ୍ୟବସ୍ଥା ପ୍ରସଙ୍ଗରେ ୬ ଦିନ ଧରି ବିରୋଧ ପ୍ରଦର୍ଶନ ଜାରି ରଖିଛି । ଆଜି ବି ବିଜେଡି ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ଆଲୋଚନାରେ ଭାଗ ନନେଇ ପ୍ରବଳ ହଟ୍ଟଗୋଳ କରିଥିଲା । ସେପଟେ ଧାନ କିଣାକୁ ନେଇ ସରକାରଙ୍କୁ ଶାଣିତ ଆକମଣ କରିଥିଲା କଂଗ୍ରେସ । ତେବେ କଂଗ୍ରେସର ଜବାବରେ ଶାସକ ଦଳ ସଭ୍ୟ ଚାଷୀଙ୍କ ପ୍ରତି ଅନ୍ୟାୟ କରାଯିବ ନାହିଁ ମତବ୍ୟକ୍ତ କରିଥିଲେ । ମୁଲତବୀ ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତରରେ ଗୋଲାପ ଚିତ୍ର ଦେଖାଯାଇଛି । ଚାଷୀଙ୍କ ଧାନ ଉଠିବ କି ନାହିଁ, କେତେଦିନ ମଧ୍ୟରେ ଉଠିବ ସେ ବିଷୟରେ ପଦୁଟିଏ ଉତ୍ତର ରଖିଲେ ନାହିଁ । ଏହା ଏକ ଦୁର୍ଭାଗ୍ୟଜନ । ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଦେଉଥିବାବେଳେ ଇନ୍‌ପୁଟ୍ ସବ୍‌ସିଡି ବାବଦକୁ ୮୦୦ ଟଙ୍କା ଦେବାକୁ କହିଥିଲେ । ମୋଟ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କେନ୍ଦ୍ର ସରକାର ଧାନ ସହାୟକ ମୂଲ୍ୟ ୬୯ ଟଙ୍କା ବୃଦ୍ଧି କରିଥିଲେ । ମୋଟ ୩୧୬୯ ଟଙ୍କା ରାଜ୍ୟ ସରକାର ଦେବାକଥା । ହେଲେ ମାତ୍ର ୩୧୦୦ ଟଙ୍କା ଦେଉଛନ୍ତି । ସରକାର ଧାନ ଠିକ ସମୟରେ କିଣୁ ନଥିବାବେଳେ ଗରିବ ଚାଷୀ ୩୧୦୦ ଟଙ୍କା ବଦଳରେ ୧୪୦୦ରୁ ୧୫୦୦ ଟଙ୍କାରେ ଧାନର ଅଭାବୀ ବିକ୍ରି କରୁଛନ୍ତି । ମିଲର୍ସଙ୍କ ପାଖରେ ଧାନ ରଖିବା ପାଇଁ ଜାଗା ନାହିଁ । ଏସ୍‌ଏଚ୍‌ଜିଙ୍କ ଠାରୁ ଋଣ କରି ଚାଷୀ ଧାନ କରିଛନ୍ତି । ସେମାନେ ଋଣ ସୁଝି ନପାରି ଆତ୍ମହତ୍ୟା କରିବାକୁ ବସିଲେଣି । ସରକାର ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପାଳନ କରନ୍ତୁ ବୋଲି ଶ୍ରୀ ବାହିନୀପତି ଦାବି କରିଛନ୍ତି । କଂଗ୍ରେସ ବିଧାୟକ ଅଶୋକ ଦାସ ଧାନ ମଣ୍ଡି ଅବ୍ୟବସ୍ଥା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ । ସେ କହିଥିଲେ, କଟ୍‌ନି ଛଟ୍‌ନି ନକରିବାକୁ ଏବର ସରକାର ପ୍ରତିଶ୍ରୁତି ଦେଇଥିଲେ । ହେଲେ କଟ୍‌ନି ଛଟ୍‌ନି ହେଉଛି । ଏଫ୍‌ଏକ୍ୟୁ ଧାନ କିଣିବା ଆଳରେ ମେସିନ ମାଧ୍ୟମରେ ୨୦ରୁ ୨୫% ଧାନ ମିଲର୍ସ କାଟୁଛନ୍ତି । ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେଲେ ଦେଶ ସୁଦୃଢ଼ ।

- ମୁଲତବୀ ଆଲୋଚନାରେ ଭାଗ ନେଲାନି ବିଜେଡି
- ଜଣେ ବି ଚାଷୀ ୩୧୦୦ ଟଙ୍କା ପାଇବାରୁ ବଞ୍ଚିତ ହେବେନି : ବିଜେପି

ବିଜେପି ସଭ୍ୟ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏବର ସରକାରଙ୍କ ମେନୁଫେଷ୍ଟୋ ଦେଖାଇ କହିଥିଲେ, ସରକାର ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହା ହେଉଛି ମୋଦୀଙ୍କ ଗ୍ୟାରେଣ୍ଟି । ଯେଉଁ ଚାଷୀ ପଞ୍ଜିକରଣ କରିଥିବେ, ସବୁ ଧାନ ସରକାର କିଣିବେ ଏହା ହେଉଛି ମୋହନ ସରକାରଙ୍କ ଗ୍ୟାରେଣ୍ଟି । ୨୦୧୪ରେ ଧାନର ସହାୟକ ମୂଲ୍ୟ ୧୩୧୦ ଟଙ୍କା ଥିବାବେଳେ ଆଜି ୩୧୦୦ ଟଙ୍କାରେ ପହଞ୍ଚିଛି । ବିଜେଡି-କଂଗ୍ରେସ ଚାଷୀ ବିରୋଧୀ । ଏମାନଙ୍କର କହିବାର ଅଧିକାର ନାହିଁ । ମୋହନ ସରକାର ଅନ୍ନଦାତାଙ୍କ ସହ ଅଛନ୍ତି । ସମସ୍ୟା ଆସିବ, ମୋହନ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି । ଚାଷୀମାନଙ୍କୁ ବିରୋଧୀ ବିଭ୍ରାନ୍ତ କରୁଛନ୍ତି । ମଣ୍ଡିରେ ଏବେବି ବିଜେଡି ଦଲାଲ ଅଛନ୍ତି । ଏହି ଆଲୋଚନାରେ ବିଜେପି ସଭ୍ୟ ସନ୍ତୋଷ ଖଟୁଆ, ପୂର୍ଣ୍ଣଚନ୍ଦ୍ର ସେଠୀ ଓ ନିହାର ରଞ୍ଜନ ମହାନନ୍ଦ କହିଥିଲେ, ବିରୋଧୀ ଆଲୋଚନାକୁ ଆସୁନାହାନ୍ତି । ଫଳରେ ରାଜ୍ୟବାସୀଙ୍କ ଟଙ୍କା ନଷ୍ଟ ହେଉଛି ।

## ବର୍ଷକରେ ସରକାର ବାଣ୍ଟିଲେଣି ୨.୫ ଲକ୍ଷ ପକ୍କାଘର

ଭୁବନେଶ୍ୱର(ସବ୍ୟୁ): ୨୦୨୪-୨୫ ବର୍ଷକ ମଧ୍ୟରେ ୨ ଲକ୍ଷ ୮୧ ହଜାର ୭୦୩ କୋଟି ଗ୍ରାମୀଣ ପରିବାରଙ୍କୁ ଯୋଗାଇ ଦିଆଯାଇଛି ପକ୍କା ଘର । ସେହିପରି ଏହି ସମୟ ମଧ୍ୟରେ ୩୦୬ଟି ଭୂମିହୀନ ପରିବାରଙ୍କୁ ଜମି ପ୍ରଦାନ କରାଯାଇଛି । ବିଧାନସଭାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଦର୍ଶାଇଛନ୍ତି, ଏହାବାଦ ରାଜ୍ୟ ସରକାରଙ୍କ ଅନ୍ତୋଦ୍ୱୟ ଗୃହ ଯୋଜନରେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୫୮ ହଜାର ୬ସହ ପରିବାରଙ୍କୁ ପକ୍କା ଘର ଯୋଗାଇ ଦିଆଯାଇଛି । ରାଜ୍ୟର ଏବେ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୮ ଲକ୍ଷ ୭ ହଜାର ୨୭୧ ପରିବାରକୁ ପକ୍କା ଘର ଯୋଗାଇ ଦିଆଯାଇଛି । ୨୦୨୪ ଆବାସ ପ୍ଲସ ସର୍ଭେ ଅନୁଯାଇ, ରାଜ୍ୟରେ ୩୭ ଲକ୍ଷ ୮୯ ହଜାର ୨୩୪ ଗୋଟି ପରିବାରର ପକ୍କା ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ ୨୮ ଲକ୍ଷ ୩ ହଜାର ୪୯୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇଥିବା ବେଳେ ଅନ୍ତୋଦ୍ୱୟ ଗୃହ ଯୋଜନରେ ୧ ଲକ୍ଷ ୫୨ ହଜାର ୭୯୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇଛନ୍ତି ।

## ପଶୁ-ମଣିଷ ଲଢେଇରେ ଗଡୁଛି ମୁଣ୍ଡ

ଭୁବନେଶ୍ୱର(ସବ୍ୟୁ): ପଶୁ ଓ ମଣିଷ ଲଢେଇରେ ଗଡୁଛି ମୁଣ୍ଡ । ୨୦୨୦-୨୧ରୁ ୨୦୨୨୪-୨୫ ଯାଏଁ ଅର୍ଥାତ ବିଗତ ପାଞ୍ଚ ବର୍ଷରେ ମଣିଷ ଓ ପଶୁ ସଂଘର୍ଷରେ ୮୦୯ ଜଣ ମଣିଷ ମୃତ୍ୟୁବରଣ କରିଛନ୍ତି । ୨୦୬୦ ଜଣ ମଣିଷ ଆହତ ହୋଇଛନ୍ତି । ସେହିପରି ୧୬୧୯ଟି ଗୃହ ପାଳିତ ପଶୁର ମୃତ୍ୟୁ ହୋଇଥିବା ବେଳେ ୧୦ ହଜାର ୩୮୨ ଟି ଘର ନଷ୍ଟ ହୋଇ ୯୩ ହଜାର ୯୯୩.୫୯ ଏକର ଫସଲ ନଷ୍ଟ ହୋଇଛି । ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଲିଖିତ ଉତ୍ତର ।

### ଦେଢ଼ବର୍ଷରେ ମଲେଣି ୧୧୪ ହାତୀ

## ରାଜ୍ୟରେ ଚିନ୍ତା ବଢ଼ାଇଛି ହାତୀ ମୃତ୍ୟୁ

ଭୁବନେଶ୍ୱର(ସବ୍ୟୁ) : ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ବଢ଼ିଲା ଚିନ୍ତା । ଦେଢ଼ ବର୍ଷରେ ୧୧୪ଟି ହାତୀଙ୍କ ମୃତ୍ୟୁ ଘଟିଛି । ସର୍ବାଧିକ ୪୨ଟି ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ବେଳେ ବିଭିନ୍ନ ରୋଗ ଦ୍ୱାରା ୨୯ଟି ହାତୀ ମରିଛନ୍ତି । ସେହିପରି ଶିକାରୀଙ୍କ ଦ୍ୱାରା ୬ଟି ହତ୍ୟାଙ୍କୁ କରାଯାଇଥିବା ବେଳେ ଲୋକଙ୍କ ପ୍ରତିଶୋଧ ପରାୟଣ ପାଇଁ ୩ଟି ହାତୀ ଓ ରେଳ ଦୁର୍ଘଟଣାରେ ୪ଟି ହାତୀ ମୃତ୍ୟୁବରଣ କରିଛନ୍ତି । ପ୍ରାକୃତିକ କାରଣ ଦ୍ୱାରା ୧୭ଟି ହାତୀ ମୃତ୍ୟୁବରଣ କରିଥିବା ବେଳେ ପାହାଡ଼ରୁ ପଡ଼ି, ନଦୀ ନାଳରେ ପଡ଼ି, ନିଜ ଭିତରେ କଳହ ହୋଇ ୧୩ଟି ହାତୀ ମୃତ୍ୟୁବରଣ କରିଛନ୍ତି । ଅପ୍ରାକୃତିକ ହାତୀ ମୃତ୍ୟୁ ପାଇଁ ୯୩ ଜଣ ଲୋକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହାନୀପତିଙ୍କ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହା ଦର୍ଶାଇଛନ୍ତି ।

### କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି

## ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀରେ ଦିଲ୍ଲୀରେ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେଉ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ରାଜଧାନୀ ଦିଲ୍ଲୀରେ ଏକ ଭବ୍ୟ ଜାତୀୟ ସ୍ତରୀୟ ସ୍ମୃତି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶହୀଦ ବାଜି ରାଉତଙ୍କ ଅସୀମ ସାହସ ଓ ବଳିଦାନକୁ ମନେ ପକାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ପାଇଁ ପତ୍ର ମାଧ୍ୟମରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଛନ୍ତି ଶ୍ରୀ ପ୍ରଧାନ । ସେ ପତ୍ରରେ ଉଲ୍ଲେଖ କରିଛନ୍ତି,୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଢେଙ୍କାନାଳର ନୀଳକଣ୍ଠପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବାଜି ରାଉତ ମାତ୍ର ୧୨ ବର୍ଷ ବୟସରେ ବ୍ରିଟିଶ ବାହିନୀକୁ ନଦୀ ପାର କରିବାକୁ ସାହସର ସହ ମନା କରି ଶହୀଦ ହୋଇଥିଲେ । ୧୯୩୮ ଅକ୍ଟୋବର ୧୧ ତାରିଖରେ ନୀଳକଣ୍ଠପୁର ଘାଟରେ ତାଙ୍କର ଏହି ମହାନ ବଳିଦାନ ଗଡ଼ଜାତ ଆନ୍ଦୋଳନକୁ ଏକ ନୂଆ ମୋଡ଼ ଦେବା ସହ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ମଧ୍ୟ ଶକ୍ତିଶାଳୀ କରିଥିଲା । ବାଜି ରାଉତ ଯେଉଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ, ତାହା ଦେଶପ୍ରେମ ଓ ନୈତିକ ଦୃଢ଼ତାର ଏକ ଅନନ୍ୟ ପ୍ରତୀକ । ଶହୀଦ ବାଜି ରାଉତ କେବଳ ଓଡ଼ିଶାର ଜଣେ ଆଞ୍ଚଳିକ ନାୟକ ନୁହନ୍ତି, ବରଂ ସେ ସମଗ୍ର ଭାରତ ପାଇଁ 'ଯୁବ ଦେଶପ୍ରେମ'ର ଏକ ଅମର ପ୍ରତୀକ ଏବଂ ଜାତୀୟ ଆଇକନ । ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ୫ ଅକ୍ଟୋବର ୨୦୨୫ରେ ପ୍ରବେଶ କରିଥିବା ବେଳେ ୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବର୍ଷବ୍ୟାପୀ ତାଙ୍କର ଶତବାର୍ଷିକୀ ଉତ୍ସବ ପାଳନ କରାଯିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟ ସ୍ତରରେ ଏହି ଶତବାର୍ଷିକୀକୁ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆନୁଷ୍ଠାନିକ ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ ଶ୍ରୀ ପ୍ରଧାନ "ଶହୀଦ ବାଜି ରାଉତଙ୍କ ଅମର ଗାଥା: ରାଷ୍ଟ୍ର ନିର୍ମାଣ ପାଇଁ ଯୁବଶକ୍ତିଙ୍କୁ ପ୍ରେରଣା" ଶୀର୍ଷକର ଏକ 'ଜାତୀୟ ଛାତ୍ର ଓ ଯୁବ ସମ୍ମିଳନୀ' ଆୟୋଜନ କରିବାକୁ ପୃଥକ ସଲଗ୍ନ ପତ୍ରରେ ପ୍ରସ୍ତାବ ଦେଇଛନ୍ତି । ସ୍କୁଲରୁ କଲେଜ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ସେମିନାର, ସାକ୍ଷାତ୍ ଆଲୋଚନା, ପ୍ରଦର୍ଶନୀ, ବକ୍ତୃତା, ରଚନା ଲିଖନ, ସାଂସ୍କୃତିକ ପ୍ରଦର୍ଶନ ଏବଂ ଇତିହାସରେ ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ସାମିଲ କରିବାକୁ ସେ କହିଛନ୍ତି ।



### ସେବାୟତଙ୍କ ବିୟୋଗରେ ଶୋକସଭା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଶ୍ରୀ ଲୋକେଶ୍ୱର ଦେବଙ୍କ ପୀଠରେ ନିଖିଳ ଉତ୍କଳ ମନ୍ଦିରାଧିଶ ପୂଜକ ମହାସଂଘ ପକ୍ଷରୁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣନିଧି ମହାପାତ୍ର ସଭାପତିତ୍ୱ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ଶରତଚନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସର୍ଗତ ମହାପାତ୍ରଙ୍କ ସାଂଗଠନିକ ଦକ୍ଷତା ଉପରେ ସଦସ୍ୟମାନେ ଆଲୋକପାତ କରିଥିଲେ। ଦୀର୍ଘ ବର୍ଷ ଧରି ସେ ଖୋର୍ଦ୍ଧା, ବୋଲଗଡ଼, ବେଗୁନିଆ, ବାଙ୍କୀ, ଡମପଡ଼ା, ଆଠଗଡ଼, ତିଗିରିଆ, ବଡ଼ମ୍ବା, ଅନୁଗୁଳ, ଗଣିଆ, ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼, ଶରଣକୂଳ ଇତ୍ୟାଦି ବୁଲି ସଂଗଠନକୁ ଦୃଢ଼ କରିଥିଲେ। ତାଙ୍କ ବିୟୋଗରେ ସଂଘର ଅପୂରଣୀୟ କ୍ଷତି ଘଟିଲା ବୋଲି ତ୍ରିଲୋଚନ ମହାପାତ୍ର କହିଥିଲେ।

### ନୂଆପଡ଼ା ଜିଲ୍ଲା ଗସ୍ତରେ ରାଜ୍ୟ ସଭାପତି

## ବିଜେଡି ଛାଡ଼ି ବିଜେପିରେ ସାମିଲ ହେଲେ ନୂଆପଡ଼ା ଏନ୍‌ଏସି ଚେୟାରମ୍ୟାନ



ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏଭଳି ଲୋକାଭିମୁଖୀ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢୁଥିବାରୁ ବିଜେପିରେ ଯୋଗଦାନ ବଢ଼ିଚାଲିଛି। ଏହାର ପ୍ରତିଫଳନ ମଙ୍ଗଳବାର ମିଶ୍ରଣ ପର୍ବରେ ଦେଖିବାକୁ ମିଳିଛି। ଏହି ମିଶ୍ରଣ ଦ୍ୱାରା ନୂଆପଡ଼ା ଜିଲ୍ଲାରେ ବିଜେପି ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ନୂଆପଡ଼ା ଗସ୍ତରେ ଆସି କହିଛନ୍ତି। ନୂଆପଡ଼ା କାର୍ଯ୍ୟାଳୟରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ନୂଆପଡ଼ା ଏନ୍‌ଏସି ଚେୟାରମ୍ୟାନ ଆଦମ୍ ଖାନ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। ଏହି ଅବସରରେ କାଉନ୍‌ସିଲର ଧର୍ମରାଜ ସବାର, ସଂଗୀତା ପରେଖ, ଥାନେଶ୍ୱରୀ ସାହୁ, ଶିବାନନ୍ଦ ପାତ୍ର, ଧନେଶ୍ୱରୀବିମଳ ସାହୁ, ରାନୁ ସାହୁ, ମଳୟ ରଞ୍ଜନ ମଣ୍ଡଳ, ଭଗବତୀ ଦଣ୍ଡସେନା ପ୍ରମୁଖ ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିଲେ।

ସେହିପରି ନୂଆପଡ଼ା ଏନ୍‌ଏସି ସଦସ୍ୟ ଗୋପି ସୁନା, ଲଖନ ସାହୁ, ଜଗ୍‌ଦିଶ ସାହୁ, ନରତୋମ ସାହୁ, ଦୁଧନାଥ ସାହୁ, ଭୂଷଣ ସାହୁ, ରାଜେଶ ପଟେଲ, ଗଣେଶ ପଟେଲ, ବବ୍‌ଲୁ ଖାନ ପ୍ରମୁଖ ଶତାଧିକ ନେତା ଓ କର୍ମୀ ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସାଂସଦ ମାଳବିକା ଦେଓ, ବିଧାୟକ ଜୟ ଢ଼ୋଲକିଆ, ଖରିଆରୋଡ ଏନ୍‌ଏସ୍ ଚେୟାର ମ୍ୟାନ ସୋନିଆ ଜଏନ୍, ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦିକ୍ଷୀତ, ବରିଷ୍ଠ ନେତା ଅଭିନନ୍ଦନ ପଣ୍ଡା, ପ୍ରସନ୍ନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମପଞ୍ଚାୟତ ଜନ ଅଭିଯୋଗ ଶୁଣାଣି ଶିବିର

ବାରଙ୍ଗ ,(ସବ୍ୟୁ): କୁହ୍ନେଇଁପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସରପଞ୍ଚ ରୀତାଞ୍ଜଳି ସାମଲ, ସମିତି ସଭ୍ୟା ପ୍ରାଚୀନା ଦାସ, ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ, ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପାବାଲା ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ସହିତ ବାରଙ୍ଗ ବ୍ଲକ ପ୍ରଶାସନ ଅଧିନ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରା୮ଯାଇଥିଲା । ଜନଶୁଣାଣି ଶିବିରରେ ପଞ୍ଚାୟତ ଅଧୀନରେ ଥିବା ଗ୍ରାମ ଗୁଡ଼ିକ ମଧ୍ୟରୁ ଆସିଥିବା ସର୍ବମୋଟ ୮୨ ଗୋଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ଶୁଣାଣୀ କରାଯାଇଥିଲା । ଏହା ସହିତ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ସଞ୍ଜା ସାଗରିକା ସଓ୍ୱାଇଁ, ବି.ଏସ. ଓ ସ୍ନୀତରାଣୀ ସାହୁ, ଜି.ପି.ଡିଓ ପ୍ରଜ୍ଞା ସାଗରିକା ନନ୍ଦ, ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା, ସାମରିକ ମଙ୍ଗଳ ଅଧିକାରୀ ହରପ୍ରିୟା ସାମଲ, ବି.ପି.ସି. ମମତା ନାୟକ,ଯୋଗାଣ ଅଧିକାରୀ ଜୟନ୍ତୀ ହରିଚନ୍ଦନ, ବି.ପି.ଏମ ସ୍ମିତା ରେଖା ମହାନ୍ତି, ବିଦ୍ୟୁତ ବିଭାଗ ଯନ୍ତ୍ରୀ ସୂର୍ଯ୍ୟ ପ୍ରକାଶ ବେଉରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ କେତନ ସାମଲ, ଭବାନୀ ଶଙ୍କର ସାହୁ, ସୁଜ୍ଞାନୀ ପତି, ଏଡ଼ିଇଓ ମଧୁସ୍ମିତା ବେଉରା, ଅନୁରାଧା ମହାରଣା ପିଏ ଶାରଦା ପ୍ରସନ୍ନ ଦାସ, ପବିତ୍ର ମୂଳିଆ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ ।

### ବଜେଟ୍ ଘୋଷଣା ପରେ ଆକ୍ସନ୍ ମୋଡରେ ମନ୍ତ୍ରୀ

## ପ୍ରତିଷ୍ଠା ହେବ ଇଞ୍ଜିନିୟରିଂ କଲେଜ, ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଚଳିତ ବଜେଟରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ଏବଂ ୨ଟି ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଛି। ଏହା ରାଜ୍ୟର ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ମୁଖ୍ୟମନ୍ତ୍ରୀଙ୍କ ବଜେଟ୍ ଘୋଷଣା ପରେ ଆକ୍ସନ ମୋଡରେ ରହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ।

**ତ୍ୱରିତ ପଦକ୍ଷେପ ନେବାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ପତ୍ର**

ସେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟାରୀଙ୍କୁ ଚିଠି ଲେଖି ଏନେଇ ତ୍ୱରିତ ପଦକ୍ଷେପ ନେବାକୁ କହିଛନ୍ତି।

ଚଳିତ ବଜେଟରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ପାରାଦୀପ ଏବଂ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି। ଉଭୟ ଜିଲ୍ଲାର ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ପଦାଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ଏହି ଦୁଇଟି ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପ୍ରଶାସନିକ ଏବଂ ବିଧିବଦ୍ଧ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ଏହା ଦ୍ୱାରା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ। ରାଜ୍ୟ ସରକାରଙ୍କର ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଉଭୟ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ତେଣୁ ସମ୍ପୃକ୍ତ ବିଭାଗ ଏବଂ ପଦାଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ ଜଗତସିଂହପୁର ଏବଂ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ମନ୍ତ୍ରୀ ଶ୍ରୀ ସ୍ୱାଇଁ।

ସେହିପରି ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟରେ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ମଧ୍ୟ ବଜେଟରେ ଘୋଷଣା କରାଯାଇଛି। ଏହା ଜିଲ୍ଲାରେ ଉଚ୍ଚଶିକ୍ଷାର ଭବିଷ୍ୟତକୁ ଏକ ନୂତନ ରୂପ ଦେବା ସହିତ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ଓ ମାର୍ଗ ସୃଷ୍ଟି କରିବ, ଯାହା ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ। ତେଣୁ ଜଗତସିଂହପୁରରେ ଗ୍ରୀନଫିଲ୍ଡ ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକୀୟ ପ୍ରଶାସନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟେରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହାସହ ଜଗତସିଂହପୁର ଜିଲ୍ଲାପାଳଙ୍କୁ ମଧ୍ୟ ସମ୍ପୃକ୍ତ ବିଭାଗ ଏବଂ ପଦାଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ତ୍ୱରିତ ପଦକ୍ଷେପ ନେବାକୁ ଚିଠି ଲେଖିଛନ୍ତି।

ଦୀର୍ଘ ଦିନ ଧରି ଜଗତସିଂହପୁରରେ ବିଶ୍ୱବିଦ୍ୟାଳୟ ଓ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଦାବି ହେଉଆସୁଥିଲା। ଏଥର ବଜେଟରେ ଜିଲ୍ଲାକୁ ଦୁଇଟି ଉପହାର ଦେଇଛନ୍ତି ରାଜ୍ୟ ସରକାର। ଅଞ୍ଚଳର ଅନେକ ଦିନର ଦାବିକୁ ସରକାର ସହୃଦୟତାର ସହ ବିଚାର କରି ଏ ଦିଗରେ ପଦକ୍ଷେପ ନେଇଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଗତସିଂହପୁରବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଛନ୍ତି। ବୈଷୟିକ ଶିକ୍ଷା ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡିଶା ସ୍ୱପ୍ନ ସାକାର କରିବା ସହ ରାଜ୍ୟରେ ଯୁବପିଢିଙ୍କ ବିକାଶର ବାଟ ଖୋଲିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି ।

## ୧୧ ଲକ୍ଷର ନିଶାଦ୍ରବ୍ୟ ଜବତ; ଯୁବକ ଗିରଫ

କଟକ,(ସବ୍ୟୁ): ଜଣେ ପେସାଦାର ନିଶା ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି । ଅଭିଯୁକ୍ତ ହେଉଛି ମଧୁପାଟଣା ଥାନା ଅଞ୍ଚଳର ଲକ୍ଷ୍ମୀଧର ସାହୁ(୨୦) । ତା' ପାଖରୁ ୧୧୬ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ମଙ୍ଗଳବାର ଦିନ ସମୟରେ ସତୀଚୌରା ଅଞ୍ଚଳରେ ବଡ ଧରଣର ନିଶା ଦେଣନେଣ ହେବା ନେଇ ସୂଚନା ମିଳିଥିଲା । ଏହାପରେ ଫ୍ଲାଇଂ ସ୍କ୍ୱାଡ ତୁରନ୍ତ ସତୀଚୌରା ଟ୍ରାଫିକ ଛକ ନିକଟରେ ଚଢଉ କରିଥିଲା । ଏହି ସମୟରେ ଗ୍ରାହକ ଅପେକ୍ଷାରେ ଥିବା ଅଭିଯୁକ୍ତ ଲକ୍ଷ୍ମୀଧର ଅବକାରୀ ଟିମକୁ ଦେଖି ଦୌଡି ଖସିଯିବାକୁ ଉଦ୍ୟମ କରିଥିଲା । ତାକୁ ଧରି ଯାଞ୍ଚ କରିବାରୁ ଗୋଟିଏ ପ୍ୟାକେଟରେ ୧୧୬ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା । ଯାହାର ବଜାର ମୂଲ୍ୟ ପ୍ରାୟ ୧୧ ଲକ୍ଷ ୬୦ ହଜାର ଟଙ୍କା ହେବ । ସେ ବାଲେଶ୍ୱର, ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକ ସହର ଓ ଆଖପାଖ ଅଞ୍ଚଳରେ କାରବାର କରୁଥିବା ତଦନ୍ତରୁ ଜଣାପଡିଛି । କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

## ସାହିଯାତ ଯାତ୍ରା ୨୦୨୬ ପାଇଁ ମାର୍କଣ୍ଡସାହିରେ ସାହି କମିଟି ସମନ୍ୱୟ ବୈଠକ

ପୁରୀ, (ସବ୍ୟୁ): ଆସନ୍ତା ସାହିଯାତ ଯାତ୍ରା ୨୦୨୬କୁ ପୁରୀ ସହରରେ ସୁଚାରୁ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ମାର୍କଣ୍ଡସାହି ଅଞ୍ଚଳରେ ଏକ ସାହି କମିଟି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍ପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୋଲିସ ଅଧିକାରୀମାନଙ୍କ ସହ ମାର୍କଣ୍ଡସାହିର ସ୍ଥାନୀୟ କମିଟି ସଦସ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

ଏହି ସମନ୍ୱୟ ବୈଠକରେ ସିଟି ଡ଼ିଏସପି ରଶ୍ମି ରଞ୍ଜନ ମହାପାତ୍ର, ଟ୍ରାଫିକ ଡ଼ିଏସପି ରାଜକୁମାର ପରିଡା, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ ଥାନା ଅଧିକାରୀ ଶ୍ରୀମତୀ ସଂଗୀତା ଦାଶ ସହ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ସାହିଯାତ ଯାତ୍ରା ଅବସରରେ ଭିଡ଼ ନିୟନ୍ତ୍ରଣ, ଆପାତକାଳୀନ ସେବା, ସାଧାରଣ ଲୋକଙ୍କ ସୁରକ୍ଷା, ଓ ସାମ୍ପ୍ରଦାୟିକ ସମନ୍ୱୟ ସମ୍ବନ୍ଧୀୟ ବିଭିନ୍ନ ମୁଦ୍ଦା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଯାତ୍ରା ସମୟରେ ସାହି ମାଧ୍ୟମରେ ଯାଉଥିବା ପ୍ରମୁଖ ରୁଟ ଓ ବିକଳ୍ପ ରୁଟ ଚିହ୍ନଟ କରି ପୂର୍ବ ପ୍ରସ୍ତୁତି ନେବାକୁ ନିଷ୍ପତ୍ତି ହୋଇଥିଲା। ଏସ୍‌ପି ପୁରୀ ସ୍ଥାନୀୟ ସାହି କମିଟି ସଦସ୍ୟମାନଙ୍କୁ ସହଯୋଗ ପାଇଁ ଅନୁରୋଧ କରି କହିଥିଲେ ଯେ, ପୋଲିସ ଜନସାଧାରଣ ସମନ୍ୱୟ ଦ୍ୱାରା ମାତ୍ର ଏପରି ପାରମ୍ପରିକ




ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରାଯାଇପାରିବ। ସାହି ଭିତର ରାସ୍ତା ସଫା ସୁତୁରା ରଖିବା, ଅବୈଧ ପାର୍କିଂ ରୋକିବା, ବିଦ୍ୟୁତ ତାର ଓ ଅସ୍ଥାୟୀ ଟେଣ୍ଟ ଯାଞ୍ଚ କରିବା ପାଇଁ ସ୍ଥାନୀୟ କମିଟିଙ୍କ ସକ୍ରିୟ ସହଯୋଗ କାମନା କରାଯାଇଥିଲା।

ଟ୍ରାଫିକ ଡ଼ିଏସପିଙ୍କ ପକ୍ଷରୁ ଯାତ୍ରା ଦିନ ଟ୍ରାଫିକ ବ୍ୟବସ୍ଥା ଲାଗୁ କରାଯିବା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ପ୍ରମୁଖ ସ୍ଥାନଗୁଡ଼ିକରେ ଡାଇଭର୍ସନ ବ୍ୟବସ୍ଥା କରାଯିବ ଓ ଆବଶ୍ୟକତାନୁସାରେ ପୋଲିସ ଓ ଟ୍ରାଫିକ କର୍ମଚାରୀ ମୁତୟନ କରାଯିବ । ସିଟି ଡ଼ିଏସପି ଓ ଟାଉନ ଥାନା ପକ୍ଷରୁ ସାହି ଅଞ୍ଚଳର ସମ୍ବେଦନଶୀଳ ସ୍ଥାନ, ସଂକୀର୍ଣ୍ଣ ରାସ୍ତା ଓ ଭିଡ଼ ହେବା ସମ୍ଭାବନା ଥିବା ପଏଣ୍ଟଗୁଡ଼ିକର ତାଲିକା ପ୍ରସ୍ତୁତ କରି ପୂର୍ବ ପ୍ରସ୍ତୁତି ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାତ୍ରା ସମୟରେ ସିସିଟିଭି ମାଧ୍ୟମରେ ନଜରଦାରି, ପାଟ୍ରୋଲିଂ ଓ କ୍ୱିକ୍ ରିସ୍ପୋନ୍ସ ଟିମ୍ ସଜାଗ ରହିବେ। ସ୍ଥାନୀୟ ସାହି ପ୍ରତିନିଧିମାନେ ସଭାରେ ତାଙ୍କର ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

## ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ ଜିଲ୍ଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ଖୋର୍ଦ୍ଧା, (ସବ୍ୟୁ) : ଲୋକସଭା ବିରୋଧି ନେତା ତଥା ଜାତୀୟ କଂଗ୍ରେସର ଜାତୀୟସ୍ତରୀୟ ନେତା ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଆଶାଳୀନ ମନ୍ତବ୍ୟ ପ୍ରତିବାଦରେ ଜିଲ୍ଲା କଂଗ୍ରେସ କମିଟି ଖୋର୍ଦ୍ଧା ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରୀ, ସଂସଦୀୟ ବ୍ୟାପର ମନ୍ତ୍ରୀ କିରେନ ରିଜୁ, ଝାଡଖଣ୍ଡ ରାଜ୍ୟର ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ଜିଲ୍ଲା ଆରକ୍ଷୀ ଅଧକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ ବିରୋଧଦଳ ନେତାଙ୍କ ପ୍ରତି ଭାଜପା ନେତା ମନ୍ତ୍ରୀ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ, ମାନହାନି ଏବଂ ଧମକପୂର୍ଣ୍ଣ ବ୍ୟବହାର କରୁଛନ୍ତି। ଏଭଳି ବ୍ୟବହାର ସଂସଦୀୟ ଶୈଳୀ, ସାମ୍ବିଧାନିକ ମାନଦଣ୍ଡ ଉଲ୍ଲଘନ କରୁଛି। ବିଏନ୍‌ଏସ୍ ୨୦୨୩ ଅନୁଯାୟୀ ବିଚାରଯୋଗ୍ୟ ଅପରାଧ। ଏଥିସହିତ ପେଟ୍ରୋଲିୟମ ମନ୍ତ୍ରୀଙ୍କ ଦୋଷୀ ସାବ୍ୟସ୍ତ ପୂର୍ବତନ ଅପରାଧ ଜେଫ୍ରି ଏପଷ୍ଟାଇନ୍ ଙ୍କ ସହିତ ଲିଙ୍କ୍ ସିକାର କରାଯାଇଛି। ଯାହାକି ଆମେରିକାର ଡିପାର୍ଟମେଟ ଦ୍ୱାରା ପ୍ରକାଶିତ ଏପଷ୍ଟାଇନ ଫାଇଲରେ ପ୍ରକାଶ ପାଇଛି। ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର ଏବଂ ଅନ୍ୟମାନେ ପ୍ରମୁଖ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତିଙ୍କୁ ଦାବିପତ୍ର ଦେଇଛନ୍ତି।

## କୁମ୍ଭାରପଡ଼ା ଥାନା ପକ୍ଷରୁ ରାମଚଣ୍ଡୀ ବାଲି ଉପର ବସ୍ତିରେ ଆମ ପୋଲିସ ବୈଠକ

ପୁରୀ, (ସବ୍ୟୁ): ସୋମବାର ସନ୍ଧ୍ୟାରେ କୁମ୍ଭାରପଡା ଥାନା ପକ୍ଷରୁ ସ୍ଥାନୀୟ ରମଚଣ୍ଡି ବାଲିଉପର ବସ୍ତିରେ "ଆମ ପୋଲିସ" ବୈଠକ ଆୟୋଜିତ ହୋଇ ଯାଇଛି। ଏହି ବୈଠକରେ ରଶ୍ମି ରଞ୍ଜନ ମହାପାତ୍ର, ଡିଏସପି ସିଟି, ପୁରୀ ଅଧ୍ୟକ୍ଷତା କରି ଥିଲେ। ବୈଠକରେ ସ୍ଥାନୀୟ ଅଞ୍ଚଳବାସୀ, ସମ୍ମାନୀୟ ବ୍ୟକ୍ତିବର୍ଗ, ଯୁବସଂଘ ସଦସ୍ୟମାନେ ଯୋଗ ଦେଇ ଥିଲେ। କୁମ୍ଭାରପଡା ଥାନା ଅଧିକାରୀ ଶ୍ରୀଯୁକ ବିଜୟ କେତନ ବେହେରା ରହି ପରିଚାଳନା କରି ଥିଲେ । ବୈଠକରେ ସ୍ଥାନୀୟ ଅଞ୍ଚଳର ଆଇନ-ଶୃଙ୍ଖଳା ପରିସ୍ଥିତି, ନିଶା ଉପରେ ନିୟନ୍ତ୍ରଣ, ଟ୍ରାଫିକ ସୁବିଧା, ସାଇବର ଠକେଇ ସଚେତନତା ଓ ସମାଜିକ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ସିଟି ଡିଏସପି ବୈଠକରେ ଉପସ୍ଥିତ ଜନସାଧାରଣଙ୍କୁ ପୋଲିସ ସହିତ ସମନ୍ୱୟ ରଖି ଅଞ୍ଚଳରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ, କୌଣସି ଅବୈଧ କାର୍ଯ୍ୟକଳାପ ସମ୍ପର୍କରେ ଜାଣିଲେ ତୁରନ୍ତ ପୋଲିସକୁ ଅବଗତ କରନ୍ତୁ । ବସ୍ତିରେ ବସ୍ତିମିତ୍ର ଗଠନ କରିବା, ଗଳି କନ୍ଦିରେ ମୋଟର ସାଇକେଲ ପେଟ୍ରୋଲିଙ୍ଗ କରିବା ପାଇଁ ମତ ପ୍ରକାଶ ପାଇ ଥିଲା। ସ୍ଥାନୀୟ ଲୋକମାନେ ମଧ୍ୟ ନିଜ ଅଞ୍ଚଳର ସମସ୍ୟା ଓ ପ୍ରସ୍ତାବ ଗୁଡିକ ସିଟି ଡିଏସପିଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ପୋଲିସ ପକ୍ଷରୁ ସମସ୍ୟାଗୁଡିକର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦିଆଯାଇଥିଲା । ଏହି ବୈଠକ ମାଧ୍ୟମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଆପସିକ ବିଶ୍ୱାସ ଓ ସମ୍ପର୍କ ଆହୁରି ସୁଦୃଢ଼ ହୋଇଥିବା ପ୍ରକାଶ ପାଇଛି । ଆମ ପୋଲିସର ଉଦ୍ଦେଶ୍ୟ ଓ ସଫଳତା ବିଷୟରେ ଲୋକମାନଙ୍କୁ ଜଣାଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା।

## ସର୍ବଭାରତୀୟ ଲକ୍ଷ୍ୟ କପ୍ ସୁଟିଂ : କନିଷ୍ଠବର୍ଗରେ ଓଡିଶାର ମାନ୍ୟତାଙ୍କୁ ବ୍ରୋଞ୍ଜ୍ ପଦକ

ଭୁବନେଶ୍ୱର (ସବ୍ୟୁ): ନଭିମୁମ୍ବାଇଠାରେ ଗତ ୨୨ତାରିଖରେ ଉଦ୍‌ଯାପିତ ହୋଇଥିବା ସମ୍ମାନଜନକ ସର୍ବଭାରତୀୟ ଲକ୍ଷ୍ୟ କପ୍ ସୁଟିଂ ଚାମ୍ପିଅନ୍‌ସିପ୍‌ରେ ଓଡିଶାର ବିସ୍ମୟ ବାଳିକା ମାନ୍ୟତା ସିଂହ କନିଷ୍ଠବର୍ଗରେ ବ୍ରୋଞ୍ଜ ପଦକ ବିଜୟିନୀ ହୋଇଛନ୍ତି। ସମଗ୍ର ଦେଶରୁ ଶ୍ରେଷ୍ଠ ୨୦ଜଣ ଲେଖାଏଁ ସୁଟର୍‌ବି ଭିନ୍ନ ବର୍ଗରେ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ରାଉଣ୍ଡରେ ମାନ୍ୟତା ୧୦ମି ଏୟାର ରାଇଫଲ୍ ଚାଳନା ପ୍ରତିଯୋଗିତାରେ ସମୁଦାୟ ୨୨୮.୬ପଏଣ୍ଟ୍ ହାସଲ ସହ ବ୍ରୋଞ୍ଜ ପଦକ ଲାଭ କରି ପୁରସ୍କାର ସ୍ୱରୂପ ୨୦ହଜାର ଟଙ୍କା ଓ ଅନ୍ୟାନ୍ୟ ପୁରସ୍କାରମଣ୍ଡିତା ହୋଇଛନ୍ତି।




ସୂଚନାଯୋଗ୍ୟ, ଗତ ମାସରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସୀୟ ସୁଟିଙ୍ଗ୍ ଚାମ୍ପିଅନ୍‌ସିପ୍‌ର ଏୟାର ରାଇଫଲ୍ କନିଷ୍ଠ ମହିଳା ବର୍ଗରେ ମାନ୍ୟତା ରୌପ୍ୟପଦକ ବିଜୟିନୀ ହୋଇଥିଲେ। ଏହି ଗୌରବଜନକ ପ୍ରତିଯୋଗିତାରେ ପଦକ ଜିତିବା ପରେ ଓଡିଶାର ଏହି କୃତୀ ସୁଟର୍‌ଙ୍କୁ ବିଭିନ୍ନ ମହଲରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ ସହ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ଶେଷରେ ପୂର୍ବତନ ବିଧାୟକ ଜିତୁଙ୍କ ଫାର୍ମ ହାଉସ ଭିତରେ ଥିବା

## ୧.୧୦ ଏକର ସରକାରୀ ଜମି ଉଚ୍ଛେଦ : ବୁଲିଲା ବୁଲଡୋଜର

ଚଣ୍ଡିଖୋଲ(ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅଧିନ ମଧୁପୁରଗଡ ପଞ୍ଚାୟତର ପନ୍ତୁରୀ ଠାରେ ଥିବା ପୂର୍ବତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ (ଜିତୁ)ଙ୍କ ବହୁ ଚର୍ଚ୍ଚିତ ଫାର୍ମ ହାଉସରେ ମଙ୍ଗଳବାର ଦିନ ଶେଷରେ ବୁଲଡୋଜର ବୁଲିଛି। ଗତ ସପ୍ତାହରେ ପୂର୍ବ ଅଭିଯୋଗ ଅନୁଯାଇ ଧର୍ମଶାଳା ତହସିଲ ପକ୍ଷରୁ ଜିତୁଙ୍କ ଫାର୍ମ ହାଉସ ଜମିର ମାପଚୁପ ଓ ଡିମାରକେଶନ କରାଯାଇଥିଲା। ମାପଚୁପ ସମୟରେ ପନ୍ତୁରୀ ମୌଜାର ୩୧୬ ଖାତାରେ ରହିଥିବା ଜିତୁଙ୍କ ୧୨.୮୮ ଏକର ଜମିର ଡିମାରକେଶନ କରାଯାଇଥିଲା। ତେବେ ତାଙ୍କ ଫାର୍ମ ହାଉସ ପାଚେରୀ ଭିତରେ ୧.୧୦ ଏକର ସରକାରୀ ଜମିକୁ ସେ ଜବର ଦଖଲ କରିଥିଲା ବେଳେ



ଫାର୍ମହାଉସ ପାଚେରୀ ବାହାରେ ତାଙ୍କର ୧.୨୭ ଏକର ନିଜସ୍ୱ ଜମି ରହିଥିବା ଦେଖାଯାଉଥିଲା। ପାଚେରୀ ବାହାରେ ଥିବା ଏହି ୧.୨୭ ଏକର ଜମିକୁ ତାଙ୍କୁ ଖୁଣ୍ଟ ପୋତି ରାଜସ୍ୱ ଅଧିକାରୀ ମାନେ ଡିମାରକେଶନ ଦେଇଥିଲା ବେଳେ ପାଚେରୀ ଭିତରେ ଜବର ଦଖଲରେ ଥିବା ୧.୧୦ ପରିମିତ ସରକାରୀ ଜମି ଉଚ୍ଛେଦ ହେବ ବୋଲି କୁହାଯାଇଥିଲା। ତେବେ ସରକାରୀ ନିୟମ ଅନୁଯାଇ ମଙ୍ଗଳବାର ସକାଳୁ ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନବିହାରୀ ଦାଶଙ୍କ ନେତୃତ୍ୱରେ ରାଜସ୍ୱ ଅଧିକାରୀ ମାନେ ବୁଲଡୋଜରରେ ଜିତୁଙ୍କ ସେହି ବହୁ ଚର୍ଚ୍ଚିତ ଫାର୍ମ ହାଉସର ପାଚେରି ଭାଙ୍ଗି ପୋଲିସ ଉପସ୍ଥିତିରେ ଭିତରେ ଜବର ଦଖଲରେ ଥିବା ୧.୧୦ ଏକର ପରିମିତ ସରକାରୀ ଜମିକୁ ଉଚ୍ଛେଦ କରାଯିବା ସହ ସେହି ଜମିକୁ ପ୍ରଶାସନ ନିଜ ଅକ୍ତିଆରକୁ ଆଣିଥିଲେ। ଏହି ସରକାରୀ ଜମି ଉଚ୍ଛେଦ ପାଇଁ ପୂର୍ବତନ ବିଧାୟକ ପ୍ରଣବଙ୍କୁ ପ୍ରଶାସନର ନୋଟିସ ପରେ ସେ ନୋଟିକୁ ଚାଲେଞ୍ଜ କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ପନ୍ତୁରୀ ଠାରେ ଥିବା ତାଙ୍କ ୧୨.୮୮ ଏକର ନିଜ ଜମିର ଡିମାର୍କେଶନ ପାଇଁ ଆଦେଶ ଆଣିଥିଲେ। କୋର୍ଟଙ୍କ ଆଦେଶ ଅନୁଯାଇ ଗତ ସପ୍ତାହରେ ଜମିର ମାପଚୁପ ଓ ଡିମାରକେଶନ କରାଯାଇଥିଲା।ତେବେ ଜିତୁ ବିଜେଡ଼ି ସରକାର ସମୟରେ ବିଧାୟକ ଥିବା ବେଳେ ଏହି ଜମିକୁ ଦଖଲକୁ ନେଇ ପାଚେରି ବୁଲାଇ ରଖିଥିଲେ। ସେହିଦିନ ଠାରୁ ଏହି ଜମିର ଅକ୍ତିଆର ଓ ହସ୍ତାନ୍ତରକୁ ନେଇ ସାଧାରଣରେ ବିବାଦ ଲାଗି ରହିଥିଲା। ଏଥିନେଇ ମଧ୍ୟ ମାମଲା କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ତେବେ ଶେଷରେ ତାଙ୍କର ଏହି ଫାର୍ମ ହାଉସ ଜମିର ମାପଚୁପ ଓ ଡିମାରକେଶନ ହେବା ସହ ଫାର୍ମ ହାଉସ ଭିତରେ ଜବର ଦଖଲରେ ଥିବା ସରକାରୀ ଜମି ଉଚ୍ଛେଦ ହୋଇଛି ଓ ଉଚ୍ଛେଦକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି।

## ବାରିପଦାରେ ଉଡ଼ିବ ହେଲି-ଟ୍ୟାକ୍ସି

# ପୋଲିସ ଗ୍ରାଉଣ୍ଡରେ ଆରମ୍ଭ ହେଲା ଟ୍ରାଏଲ୍ ରନ୍




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ବାସୀଙ୍କ ପାଇଁ ଖୁସି ଖବର । ରାଜଧାନୀ ଭୁବନେଶ୍ୱରରୁ ବାରିପଦାକୁ ଆରମ୍ଭ ହେବାକୁ ଯାଉଛି ହେଲି-ଟ୍ୟାକ୍ସି ସେବା । ଏହି ପରିପ୍ରେକ୍ଷୀରେ ଆଜି ବାରିପଦା ସହର ସ୍ଥିତ ପୋଲିସ ଗ୍ରାଉଣ୍ଡ ହେଲିପ୍ୟାଡ୍ ଠାରେ ହେଲିକପ୍ଟରର ପରୀକ୍ଷାମୂଳକ ଅବତରଣ ବା ଟ୍ରାୟଲ୍ ଲ୍ୟାଣ୍ଡିଂ ହୋଇଯାଇଛି। ଏନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ପିଏଚ୍ଏଲ୍ କମ୍ପାନୀର ପବନହଂସ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ପରେ ଏହି ପଦକ୍ଷେପ ନିଆଯାଇଛି। ପବନହଂସର **(Bell 206 VT-PHE)** ନାମକ ଏକ ସିଙ୍ଗଲ୍ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟରର ଏହି ସେବା ପାଇଁ ବ୍ୟବହାର କରାଯିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସଫଳ ଟ୍ରାୟଲ୍ ଲ୍ୟାଣ୍ଡିଂ ସମୟରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପ୍ରଶାସନ ସହ ଅଗ୍ନିଶମ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଏଥିରେ ଆସିଥିବା ଅଧିକାରୀମାନେ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ଫେରିଯାଇଛନ୍ତି ।

ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ଏହି ସେବା ଆରମ୍ଭ ହୋଇପାରେ ବୋଲି ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି ସୂଚନା ଦେଇଛନ୍ତି । ଏହି ହେଲି-ଟେକ୍ସି ସେବା ଦ୍ୱାରା ଭୁବନେଶ୍ୱରରୁ ବାରିପଦା ମଧ୍ୟରେ ଯାତାୟାତ ଅତି ସହଜ ଓ କମ୍ ସମୟ ମଧ୍ୟରେ ହୋଇପାରିବ । ଏହା ଜିଲ୍ଲାର ପର୍ଯ୍ୟଟନ ଓ ଜରୁରୀକାଳୀନ ପରିବହନ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଜିଲ୍ଲାବାସୀ ଆଶା ରଖିଛନ୍ତି ।

## ବୁଗୁଡ଼ା ବ୍ଲକରେ ବାଟ ହୁଡ଼ିଛି ବିକାଶ

# ସୋରଡା ଗ୍ରାମ୍ୟ ରାସ୍ତା ଶୋଚନୀୟ, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ରାଜ୍ୟ ସରକାରଙ୍କ ବିକଶିତ ଗାଁ-ବିକଶିତ ଓଡିଶା ସ୍ଲୋଗାନକୁ ପରିହାସ କରୁଛି ବୁଗୁଡ଼ା ବ୍ଲକ ଏ.କରଡାବାଡି ପଞ୍ଚାୟତ ଅନ୍ତର୍ଗତ ସୋରଡ ଗ୍ରାମ୍ୟ ରାସ୍ତାର ଦୂରାବସ୍ଥା । ବାଲିପଦର-ଭଞ୍ଜନଗର ରାଜରାସ୍ତାରୁ ସୋରଡ ଗ୍ରାମ ଅଭିମୁଖେ ଲମ୍ବିଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ସେହି ରାସ୍ତାରେ ଯାତାୟାତ କଲାବେଳେ ଲୋକେ ଯମଯନ୍ତ୍ରଣା ଭୋଗୁଛନ୍ତି। ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ସେହି ରାସ୍ତାଟି ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଦେଢବର୍ଷ ହେଲା ସରକାର ବଦଳି ଗଲାଣି, କିନ୍ତୁ ସେହି ରାସ୍ତାର ଦୂରବସ୍ଥା ବଦଳି ପାରୁନାହିଁ ।



ଅନ୍ୟପକ୍ଷରେ ସୋରଡ ଓ ଆଶ୍ରମ କରଡ଼ାବାଡ଼ି ଗାଁ କଙ୍କଣଦେବୀ ଛକର ରାସ୍ତା କଥା କହିଲେ ନସରେ । ରାସ୍ତା ମଝିରେ ବଡ ବଡ ଖାଲ, ସେଥିରେ ପୁଣି ପୋକ ସାଲୁବାଲୁ ପୋଚକା ପାଣି । ସେହି ରାସ୍ତା ଦେଇ ଯାତାୟତ ବେଳେ ସାବଧାନତା ଅବଲମ୍ବନ ନକଲେ ଦୁର୍ଘଟଣା ଥୟ । ବିଶେଷକରି ଛାତ୍ରଛାତ୍ରୀମାନେ ସୋରଡ ହାଇସ୍କୁଲକୁ ହଇରାଣ ଓ ହରକତରେ ଯାତାୟତ କରୁଛନ୍ତି। ସେହି ରାସ୍ତା ଦେଇ ଯାତାୟତ ବେଳେ ଅନ୍ୟ ଯାନର ଚକରୁ ଗୋଡି ଓ ମେଟାଲ୍ ଛିଟିକି ସ୍କୁଲ ପିଲାଙ୍କ ସାଇକେଲ ଓ ଦେହରେ ବାଜୁଛି । ତେବେ ଉଭୟ ଗାଁ ଛକର କଦର୍ଯ୍ୟ ଅବସ୍ଥା ଏବଂ ରାସ୍ତାର ଦୁରାବସ୍ଥାକୁ ନେଇ ଅନେକ ଥର ଅଭିଯୋଗ କଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିବା ହେତୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି ।

ଏନେଇ ଲୋକେ ଭୋଟ ଦେଇ ନିର୍ବାଚିତ କରିଥିବା ଜନପ୍ରତିନିଧିଗଣଙ୍କ ଅପାରଗତା ଏବଂ ପ୍ରଶାସନିକ ଅଧିକାରୀବୃନ୍ଦଙ୍କ ଉଦାସୀନତାକୁ ଦାୟୀ କରୁଛନ୍ତି । ସୁତରାଂ, ଜନତାଙ୍କ ହିତକୁ ପ୍ରାଥମିକତା ଦେଇ ଯଥାଶୀଘ୍ର ଉକ୍ତ ରାସ୍ତାର ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରିବା ସକାଶେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଅଞ୍ଚଳର ନାମକରା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇଲେ ପୂର୍ବତନ ଛାତ୍ରଛାତ୍ରୀ

ବାରିପଦା, (ସବ୍ୟୁ) : ଓଡିଶା ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ଯୋଜନା ଅନୁଯାୟୀ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ତଥା ବଦାନ୍ୟ ବ୍ୟକ୍ତି ଯେତିକି ପରିମାଣର ଅର୍ଥ ଦାନ କରିବେ ତାର ଦୁଇଗୁଣ ସରକାର ପ୍ରଦାନ କରିଥାନ୍ତି। ଏହି ଅର୍ଥ ସାହାଯ୍ୟରେ ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ମାନ କରାଯାଇ ସାକାର କରାଯାଇପାରିବ। ଏହି ଧାରାରେ ତକିଳୀନ ସରକାରଙ୍କ "ମୋ ସ୍କୁଲ ଅଭିଯାନ ଯୋଜନାରେ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁନ୍ଦର ବଗିଚା, ଛାତ୍ରଛାତ୍ରୀଙ୍କ ପାଇଁ ବେଞ୍ଚ ଡେସ୍କ, ୧ମ ଶ୍ରେଣୀ ପିଲାଙ୍କ ପାଇଁ ସ୍ମାର୍ଟ ଟି.ଭି, ପାନୀୟ ଜଳର ବ୍ୟବସ୍ଥା ତଥା ପାଠାଗାର ନିର୍ମାଣ କରି ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିପାରିଥିଲା।

ଏହି ପ୍ରକଳ୍ପ ଗୁଡିକର ସଫଳ ରୂପାୟନ ପାଇଁ ରାଜ୍ୟସଭା ସଦସ୍ୟା ମମତା ମହାନ୍ତଙ୍କ ସମେତ ପୂର୍ବତନ ଛାତ୍ର ସଞ୍ଜୟ ପଣ୍ଡା, ସନ୍ତୋଷ ପଟ୍ଟନାୟକ, ଶିକ୍ଷାବିତ ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, ସମାଜସେବୀ ସୁଜିତ ସାହୁଙ୍କ ଦାନ ପ୍ରଶଂସନୀୟ ଓ ପୁଣି ଥରେ ପଞ୍ଚସଖା ଶିକ୍ଷା ସେତୁ ଯୋଜନାରେ ବିଦ୍ୟାଳୟର ବିକାଶ ପାଇଁ ସମାଜସେବୀ ତଥା ଦ୍ରୌପଦୀ ବସ୍ତ୍ରାଳୟର ମଲିକ ସୁଜିତ ସାହୁ ୧ଲକ୍ଷ ଟଙ୍କା, ବିଦ୍ୟାଳୟରେ ଥିବା ହଷ୍ଟେଲର ସାମୟିକ ଶିକ୍ଷିକା ହରପ୍ରିୟା ବେହେରା ୫,୮୪୧ ଟଙ୍କା ତଥା ପୂର୍ବତନ ଛାତ୍ରୀ ସୁଜାତା ବେହେରା ୧୦ହଜାରଟଙ୍କା ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ସରକାରଙ୍କ ଅନୁମୋଦନ ପରେ ଯେଉଁ ରାଶି ମିଳିବ ସେଥିରେ ବିଦ୍ୟାଳୟ ପାଇଁ ଅନେକ ଗଠନମୂଳକ କାର୍ଯ୍ୟ କରାଯାଇପାରିବ ବୋଲି ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଛନ୍ତି ।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ବରଦାନ ସାଜିଲା ଅଦିନିଆ ବର୍ଷା

ଭଞ୍ଜନଗର, (ସବ୍ୟୁ): ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବରଦାନ ସାଜିଲା ଅଦିନିଆ ବର୍ଷା । ଗଂଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ବନାଞ୍ଚଳରେ ଗତ ମଙ୍ଗଳବାର ରାତିରେ ହୋଇଥିବା ବର୍ଷା ଏବେ ଜଙ୍ଗଲ ପାଇଁ ଆଶ୍ୱସ୍ତି ଆଣିଛି । ଏହି ଋତୁରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗଛ ପତ୍ରଝଡା ଦେଉଥିବାରୁ ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନା ରହିଥାଏ। ଏଥିପାଇଁ ବନବିଭାଗ ପକ୍ଷରୁ ଆଗୁଆ ପ୍ରସ୍ତୁତି ଏବଂ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା । କୁହାଯାଏ ଫେବୃଆରୀ ଏବଂ ମାର୍ଚ୍ଚ ମାସର ଅଦିନିଆ ବର୍ଷା ସାଧାରଣତଃ ବନାଗ୍ନି ପ୍ରଶମନରେ ସହାୟକ ହୋଇଥାଏ । ତେବେ ସୋମବାର ରାତିରେ ହୋଇଥିବା ଏହି ଅଦିନିଆ ସାମନ୍ୟ ବର୍ଷା ଯୋଗୁଁ ମୁଜାଗଡ, ଗାଲେରୀ ଏବଂ କେନ୍ଦ୍ରୀୟ ବନାଞ୍ଚଳରେ ଏବେ ଜଙ୍ଗଲରେ ନିଆଁ ଲାଗିବା ଆଶଙ୍କା ସାମୟିକ ଭାବେ ଟଳିଯାଇଛି । ଯାହାକି ବନକର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ମହଲରେ ଏବେ ଆଶ୍ୱସ୍ତି ଦେଖାଦେଇଛି ବୋଲି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି ।

# ପ୍ରଫେସର ଡାକ୍ତର ମାୟା ନନ୍ଦଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ରୋଗ ନିଦାନ ବିଜ୍ଞାନୀ ତଥା ପ୍ରଫେସର ଡାକ୍ତର ମାୟା ନନ୍ଦଙ୍କର ପରଲୋକ ଘଟିଛି । ତାଙ୍କ ନିଧନ ଓଡ଼ିଶାର ଚିକିତ୍ସା ଜଗତରେ ଏକି ଅପୂରଣୀୟ କ୍ଷତି । ଗତ ୨୦ ଫେବୃଆରୀ ସନ୍ଧ୍ୟାରେ ଭୁବନେଶ୍ୱର ଠାରେ ୮୫ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଗତ ଏକ ମାସ ଧରି ଶ୍ୱାସ ଜନିତ ସମସ୍ୟାରେ ପୀଡ଼ିତ ଥିଲେ ।



୧୯୪୦ ମସିହାରେ ପୁରୀଠାରେ ଜନ୍ମଗ୍ରହଣ କରିଥିବା ଡାକ୍ତର ନନ୍ଦ ଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୁରୀର ଜଣାଶୁଣା ଚିକିତ୍ସକ ସ୍ୱର୍ଗତ ଡାକ୍ତର ବସନ୍ତ କୁମାର ନନ୍ଦଙ୍କ ସୁକନ୍ୟା । ସେ ଏସସିବି ମେଡିକାଲ କଲେଜରୁ ଏମବିବିଏସ ସମାପ୍ତ କରିବା ପରେ ବାୟୋକେମିଷ୍ଟ୍ରି ଏବଂ ପାଥୋଲୋଜି-ଏହି ଦୁଇଟି ବିଭାଗରେ ଏମ.ଡି ଡିଗ୍ରୀ ହାସଲ କରିବାର ବିରଳ ସଫଳତା ପାଇଥିଲେ । ତାଙ୍କର ସୁଦୀର୍ଘ ଓ ଗୌରବମୟ କର୍ମଜୀବନରେ ସେ ଏମକେସିଜି, ଭିମସାର ଏବଂ କଟକ ଏସସିବି ମେଡିକାଲ କଲେଜରେ ପାଥୋଲୋଜି ବିଭାଗର ପ୍ରଫେସର, ବିଭାଗୀୟ ମୁଖ୍ୟ ତଥା କେନ୍ଦ୍ରୀୟ ପରୀକ୍ଷାଗାରର ମୁଖ୍ୟ ଭାବେ ସେବା ପ୍ରଦାନ କରିଥିଲେ। ଏଥିସହ ସେ ଆଇଏମଏସ ଏବଂ ସମ୍ ହସ୍ପିଟାଲର ପାଥୋଲୋଜି ବିଭାଗ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଦୀର୍ଘ ବର୍ଷ ଧରି ଭାରତୀୟ ପାଥୋଲୋଜିଷ୍ଟ ଏବଂ ମାଇକ୍ରୋବାୟୋଲୋଜିଷ୍ଟ ସଂଘର ଜାତୀୟ କୋଷାଧ୍ୟକ୍ଷା ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ଥିଲେ। ଜଣେ ଅନୁପ୍ରେରଣାଦାୟୀ ଶିକ୍ଷୟିତ୍ରୀ ଏବଂ ସ୍ନେହୀ ମାର୍ଗଦର୍ଶକ ଭାବେ ସେ ଛାତ୍ରଛାତ୍ରୀ ଓ ସହକର୍ମୀଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରିୟ ଥିଲେ । ସେ ବିଶିଷ୍ଟ ଶଲ୍ୟ ଚିକିତ୍ସକ ତଥା ସର୍ଜରୀ ବିଭାଗର ପୂର୍ବତନ ପ୍ରଫେସର ସ୍ୱର୍ଗତ ଡାକ୍ତର ବିଜୟ କିଶୋର ରଥଙ୍କ ଧର୍ମପତ୍ନୀ ।

ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠ ପୁତ୍ର ସିଦ୍ଧାର୍ଥ ରଥ (ଷ୍ଟେଟ୍ ବ୍ୟାଙ୍କ ଅଫ୍ ମରିସସର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ), କନ୍ୟା ସ୍ଥପତି ସଂଘମିତ୍ରା ରଥ, ଜାମାତା ବିଜୟ କୁମାର ମିଶ୍ର (ମୁଖ୍ୟ ଆର୍ଥିକ ପରାମର୍ଶଦାତା, ପୂର୍ବତଟ ରେଳପଥ) ଏବଂ କନିଷ୍ଠ ପୁତ୍ର ଡାକ୍ତର ସବ୍ୟସାଚୀ ରଥ (ୱାଶିଂଟନ ସ୍ଥିତ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିଦ୍ୟା ପରାମର୍ଶଦାତା) ଉପସ୍ଥିତ ଥିଲେ ।

# ବିବାହର ୧୦ଦିନ ପରେ ଲକ୍ଷାଧିକ ଟଙ୍କା ନେଇ ନବବଧୂ ବାପଘରୁ ଛୁ, ଥାନାରେ ମାମଲା

ମୁରିବାହାଲ , (ସବ୍ୟୁ) : ବୌଦ୍ଧ ଜିଲ୍ଲା କଣ୍ଡମାଳ ଅଞ୍ଚଳରୁ ବାହା ହୋଇ ନବବଧୂ ସହ ଫେରୁଥିବା ବଲାଙ୍ଗିର କାମାକ୍ଷାନଗରର ବର ମୁଣ୍ଡରେ ବନ୍ଧୁକ ଲଗାଇ ନବବଧୂକୁ ଅପହରଣ ଘଟଣାରେ ଫେରାର ନବବଧୂ ଓ ପ୍ରେମିକ ତରଭା ପୁଲିସ ହାତରେ ଧରାପଡ଼ି ଗିରଫ ହୋଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା । ଏହି ଘଟଣା ମନରୁ ଲିଭିନଥିବା ବେଳେ ପୁଣି ଆଉ ଏକ ସମାନ ଘଟଣା କଣ୍ଟାବାଞ୍ଜି ଓ ମୁରିବାହାଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ବିବାହର ୧୦ଦିନ ପରେ ବାପଘରକୁ ବୁଲି(ଗୋଡ ଲେଉଟାଣି) ଆସିଥିବା ଜଣେ ନବବଧୂ ଲକ୍ଷାଧିକ ଟଙ୍କାର ସୁନାରୂପା ଧରି ପ୍ରେମିକ ସହ ଫେରାର ହୋଇଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି ।କଣ୍ଟାବାଞ୍ଜି ସହର ୦୧ନ ୱାର୍ଡ ଧୋବାପଡ଼ାର ବଳଭଦ୍ର ବେହେରା(୫୫)ଙ୍କ ଝିଅ ଲକ୍ଷ୍ମୀପ୍ରିୟା ଓରଫ ବିନି ବେହେରା(୨୨)ଙ୍କ ବିବାହ ବୈଦିକ ରୀତିନୀତିରେ ଚଳିତ ମାସ ୦୮ତାରିଖ ଦିନ ମୁରିବାହାଲ ଥାନା କର୍ଲା ଗ୍ରାମର ମୁକେଶ ବିଶାଳଙ୍କ ସହ ହୋଇଥିଲା ।ବିବାହ ଧୁମାଧାମର ସହ ହୋଇଥିବାବେଳେ ଝିଅକୁ ଲକ୍ଷାଧିକ ଟଙ୍କାର ଯାନିଯୌତୁକ ସହ ବାହା ଦିଆଯାଇଥିଲା ।ବିବାହର ୧୦ଦିନ ପରେ ୧୮ତାରିଖ ଦିନ ବ୍ରାଇଁ ମୁକେଶ ଓ ଝିଅ ବିନି କଣ୍ଟାବାଞ୍ଜି ଶଶୁର ଘରକୁ(ଗୋଡ ଲେଉଟାଣି) ବୁଲି ଆସିଥିଲେ ।୨୨ତାରିଖ ସକାଳ ୫ଘଣ୍ଟା ସମୟରୁ ଝିଅିନି ବାପ ଘରୁ କାହାକୁ କିଛି ନ କହି ନିଖୋଜ ହୋଇଯାଇଥିଲେ ।ପରିବାର ଲୋକେ ନିଜ ବନ୍ଧୁବାନ୍ଧବ ତଥା ବହୁ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବାରୁ ଆସି କଣ୍ଟାବାଞ୍ଜି ଥାନାରେ ଲିଖିତ ଏତଲା ଦେଇଥିଲେ ।ଘରୁ ଗଲାବେଳେ ଝିଅ ବିନି ଶଶୁର ଘରେ



ପିନ୍ଧାଇଥିବା ଏକ ଦେଢ଼ଭରି ଓଜନର ସୁନାହାର,ଅଧାଭରିର ମଙ୍ଗଳସୂତ୍ର,ଅଧାଭରିର ୨ଟି ସୁନାଚୁଡ଼ି,ଅଧାଭରିର ୨ଟି କାନଫୁଲ, ୨୦ଭରିର ରୂପା ଓ ନଗଦ ୧ଲକ୍ଷ ୬୦ହଜାର ଟଙ୍କା ଧରି ଫେରାର ହୋଇଯାଇଥିବା ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ଝିଅ ବିନିଙ୍କୁ ସେହି ଧୋବାପଡ଼ାର ହିଁ ତାଙ୍କ ତଥାକଥିତ ପ୍ରେମିକ ପ୍ରଶାନ୍ତ ମଜଖଣ୍ଡ(୨୮)ନାମକ ଜଣେ ଯୁବକ ନେଇ ଫେରାର ହୋଇଯାଇଥିବା ବେଳେ ପଡ଼ାର ଅନ୍ୟ ଜଣେ ଯୁବକ ପ୍ରଶାନ୍ତଙ୍କୁ ଏଥିରେ ସହଯୋଗ କରିଥିବା ବାପା ବଳଭଦ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ବର ମୁକେଶଙ୍କ ବାପା ଜଣେ ଚାଷୀ ହୋଇଥିବାବେଳେ ସେ ବାହାଘରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସର୍ବସୱାନ୍ତ ହୋଇଥିବାରୁ ବୋହୂ ଫେରାର ହେବାପରେ ଖର୍ଚ୍ଚାନ୍ତ ସହ ନିଜ ପରିବାରର ଆତ୍ମ ସମ୍ମାନହାନି ହୋଇଥିବା କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି ।କଣ୍ଟାବାଞ୍ଜି ଥାନା ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଉଭୟ ପ୍ରେମିକ-ପ୍ରେମିକା ଧରାପଡିଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ଅଞ୍ଚଳରେ ଆଲୋଚନା ହେଉଛି ।

# ଆନ୍ତରପଡା ୟୁପି ସ୍କୁଲରେ ବନାଗ୍ନି ପ୍ରତିରୋଧ ସଚେତନତା ସଭା

ବୁଗୁଡ଼ା, (ସବ୍ୟୁ): ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଅନ୍ତରପଡା ଗ୍ରାମସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନାଗ୍ନି ପ୍ରତିରୋଧ ସଚେତନତା ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି ।

ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ରଞ୍ଜୁଲତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ତାଳସାକର ୟୁପିସ୍କୁଲ ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ ଓ ବନପାଳ ସୁକାନ୍ତ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବନାଗ୍ନିର କ୍ଷତିକାରକ ପ୍ରଭାବ ଏବଂ ଏହାର ପ୍ରତିରୋଧ ନିମନ୍ତେ ଆବଶ୍ୟକୀୟ ସଚେତନତା ସମ୍ପର୍କେ ଆଲୋକପାତ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା ପରିଚାଳନା କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଲା ଚୋରି ଘଟଣା ଗୁଜବ

# ଗୁଜବରୁ ଦୂରେଇ ରହିବାକୁ ଏସ୍ପିଙ୍କ ପରାମର୍ଶ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଏସପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଯୋଗଦେଇ ଜିଲ୍ଲାରେ ଛୁଆ ଚୋରି ଘଟଣା ଗୁଜବକୁ ଖଣ୍ଡନ କରିବା ସହ ଏହି ଗୁଜବରୁ ସାଧାରଣ ଲୋକେ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ପୋଲିସ ତଦନ୍ତରୁ କୌଣସି ଛୁଆ ଚୋର ର୍ୟାକେଟ୍ ଜିଲ୍ଲାରେ ସକ୍ରିୟ ନଥିବା ତଥା ଛୁଆ ଚୋରି ଘଟଣା ଗୁଜବକୁ ବିଶ୍ୱାସ ନକରି ପୋଲିସକୁ ସହାୟତା କରନ୍ତୁ, ସନ୍ଦେହ ହେଲେ ଆଇନ୍ ହାତକୁ ନନେଇ ୧୧୨ ନମ୍ବରରେ କଲ୍ କରନ୍ତୁ ଅଥବା ନିକଟସ୍ଥ ଥାନାକୁ ଘଟଣା ବିଷୟରେ ଜଣାନ୍ତୁ ବୋଲି ଏସପି ସୂଚନା ଦେଇଥିଲେ। ଏଥିସହ ଛୁଆ ଚୋରି ଘଟଣା ବିଷୟରେ କେହି ସୋସିଆଲ୍ ମିଡିଆ ବା ଗୁଜବ ପ୍ରଚାର କଲେ ସେହି ବ୍ୟକ୍ତିଙ୍କ ବିରୋଧରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସୂଚନା ଦେଇଥିଲେ। ସେହିପରି ମୋରଡା ଥାନା ଅଞ୍ଚଳରେ ଛୁଆ ଚୋରି ଘଟଣା ଗୁଜବକୁ ନେଇ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ପ୍ରବଳ ମାଡ ମାରି ହତ୍ୟା କରିବାକୁ ଘଟଣାକୁ ନିନ୍ଦା କରିବା ସହ ଏହି ଘଟଣାରେ ପୋଲିସ ମୋରଡା ଥାନାରେ ଏକ ମାମଲା ରୁଜୁ କରି ୧୫ଜଣଙ୍କୁ ଅଟକ ରଖିଛନ୍ତି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାଇଛନ୍ତି। ଠିକ୍ ସେହିପରି ବାରିପଦା ସଦର ଥାନା ଅନ୍ତର୍ଗତ ଶାମାଖୁଣ୍ଟା ବ୍ଲକର ଆମ୍ବସିକଡା ଗ୍ରାମରେ ଛୁଆ ଚୋରି ଘଟଣା ଗୁଜବକୁ ନେଇ ୨ଜଣଙ୍କୁ ସ୍ଥାନୀୟ ଲୋକେ ମାଡ ମାରିଥିଲେ। ଏହି ଘଟଣାର ତଦନ୍ତ କରି ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ ହୋଇ ୧୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

# ବିରଳ ଆଲବିନୋ କମନ ଉଲ୍ଫ (ଚିତି) ସାପ ଉଦ୍ଧାର



ବ୍ରହ୍ମପୁର, (ସବ୍ୟୁ): ସୋମବାର ବିଳମ୍ବିତ ରାତିରେ ସାହିର ଜନୈକ ବ୍ୟକ୍ତିଙ୍କ ଘରୁ ସାପକୁ ସ୍ନେକ ହେଲ୍ପ ଲାଇନ୍ ସଂଯୋଜକ ସ୍ୱାଧୀନ ସାହୁ ଉଦ୍ଧାର କରିଛନ୍ତି । ମଙ୍ଗଳବାର ଡିଏଫ୍ଓ ସନି ଖୋଖରଙ୍କ ପରାମର୍ଶକ୍ରମେ ସାପଟିକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଛି । ସୂଚନା ମୁତାବକ, ସୋମବାର ରାତିରେ ରଥ ସାହିର ନଳୀନି ପଣ୍ଡାଙ୍କ ଘର ବାଡ଼ିରେ ପାଚେରି ଉପରେ ସାପଟିଏ ଥିବା ପରିବାର ସଦସ୍ୟ ଦେଖିଥିଲେ । ତାହାକୁ ଉଦ୍ଧାର କରିବାକୁ ସ୍ନେକ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ । ସ୍ୱାଧୀନ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ । କିନ୍ତୁ ସାପଟି ଦେଖିବାକୁ ପୁରା ଭିନ୍ନ ରହିଥିଲା । ସାପଟିର ଶରୀର ରଙ୍ଗ ପୁରା ଧଳା ରହିଥିଲା। ଆଖି ଦେଖିବାକୁ ଲାଲ୍ । ଏନେଇ ସ୍ୱାଧୀନ କହିଛନ୍ତି, ଏହା କମନ ଉଲଫ୍ (ଚିତି) ସାପ । କିନ୍ତୁ ଆଲବିନୋ ସହରରେ ସବୁଠି ଏହି ପ୍ରଜାତିର ଚିତି ସାପ ମିଳୁଛି । କିନ୍ତୁ ଆଲବିନୋ ମିଳିବା ବିରଳ । ସାପଟି ଅଣ୍ଡାରେ ରହିଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ରୋଗ କାରଣରୁ ଏହିପରି ଧଳା ରଙ୍ଗ ହୋଇଥାଏ । ସାପଟିର ଲମ୍ବ ପାଖାପାଖି ୨ ଫୁଟ ରହିଥିବା ସେ କହିଛନ୍ତି ।

# ଡାହାଣୀ, ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ଦୂରୀକରଣ କର୍ମଶାଳା

ବାରିପଦା, (ସବ୍ୟୁ): ପ୍ରାଚୀନ ଯୁଗରେ ଗୁଣିଗାରେଡ଼ି, ଯାଦୁବିଦ୍ୟା, ତନ୍ତ୍ରସାଧନ, ଝଡ଼ାଫୁଙ୍କା ଆଦି ଅନ୍ଧବିଶ୍ୱାସରେ ଲୋକମାନେ ଅଧିକ ବିଶ୍ୱାସ କରୁଥିଲେ । ଏବେ ବିଜ୍ଞାନର ଅଗ୍ରଗତି ପରେ ମଧ୍ୟ କେତେ ଲୋକଙ୍କ ମନରୁ ଏହି ଅନ୍ଧବିଶ୍ୱାସ ଦୂର ହୋଇପାରୁନାହିଁ । ଫଳରେ ଏହାକୁ ନେଇ ବିଭିନ୍ନ ପ୍ରକାର ଅପରାଧ ଘଟୁଛି । ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ଯୋଗୁଁ ଏକାଧିକ ଜୀବନ ଯାଉଛି ।

ଏକବିଂଶ ଶତାବ୍ଦୀରେ ଏହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ମୟୂରଭଞ୍ଜ ଜିଲ୍ଲାପରିଷଦ ହଲରେ ଡାହାଣୀ ପ୍ରଥା ନିଷେଧ, ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ନିବାରଣ ପାଇଁ ପୂର୍ବାଞ୍ଚଳ ଜୋନ୍ ବାଲେଶ୍ୱର ପକ୍ଷରୁ ଅନୁଷ୍ଠିତ ସଚେତନତା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପିନାକୀ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ ସଞ୍ଚାଳନ କରିଥିଲେ । ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଯୋଗଦେଇ ଗୁଣିଗାରେଡ଼ି ଏବଂ ଡାହାଣୀ ପ୍ରଥାକୁ ସଚେତନତା ମାଧ୍ୟମରେ ଦୂର କରିବା ସହ ଅନ୍ଧବିଶ୍ୱାସ ଦୂରୀକରଣ ସମ୍ପର୍କରେ ବ୍ୟାପକ ସଚେତନତା ଆବଶ୍ୟକ ଥିବା ମତ ଦେଇଛନ୍ତି । ଏହାସହ ଆଧୁନିକ ଯୁଗରେ ଏହି ସାମାଜିକ ବ୍ୟାଧି ପ୍ରତି ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ ।

ବିଭିନ୍ନ ପ୍ରସଙ୍ଗରେ ଅନୁଷ୍ଠିତ ୬ଟି ସତ୍ରରେ ପୂର୍ବତନ ସୂଚନା କମିଶନ ଶସିପ୍ରଭା ବିନ୍ଧାଣୀ, ଅବସରପ୍ରାପ୍ତ ବିଚାରପତି ନମିତା ଦାସ, ଏସିଏମ୍ ରାସଗୋବିନ୍ଦପୁର ସମ୍ପାଦକ ଆଦିତ୍ୟ ପଟ୍ଟନାୟକ, ମମତାମୟୀ ବିଶ୍ୱାଳ, ଅଧ୍ୟାପକ ସୁଜୋୟ କୁଣ୍ଡୁ ପ୍ରମୁଖ ଯୋଗଦେଇ ଗୁଣିଗାରେଡିର ଭୟାବହତା ସମ୍ପର୍କରେ ଅବଗତ କରିଛନ୍ତି । ତନ୍ତ୍ର ସାଧନ ପାଇଁ ନିରୀହ ଶିଶୁଙ୍କୁ ବଳି ଚଢାଯିବା, ତନ୍ତ୍ର ସାଧନ କରୁଥିବା ବ୍ୟକ୍ତିଙ୍କୁ ଗୁଣିଆ କହି ହତ୍ୟା କରାଯାଉଛି ।

ଅନ୍ଧବିଶ୍ୱାସ ସମ୍ପର୍କରେ ଲୋକଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଠିକ୍ ଭାବେ ପହଞ୍ଚି ନପାରିବା ଯୋଗୁଁ ଏହାର ମୂଳୋତ୍ପାଟନ ହେଉନାହିଁ । ଶିକ୍ଷା ଓ ସ୍ୱାସ୍ଥ୍ୟ ସହ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀର ପ୍ରସାର କରିପାରିଲେ ଅନ୍ଧବିଶ୍ୱାସ ଦୁର ହୋଇ ପାରିବ। ସେହିପରି ଏହା ବିରୋଧରେ ରହିଥିବା ଆଇନ ସମ୍ପର୍କରେ ଉଲ୍ଲେଖ କରି ଗୁଣିଗାରେଡ଼ି ଓ ଡାହାଣୀ ପ୍ରତି ଲୋକଙ୍କ ଡର ଦୂର କରିବାକୁ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଛି । ଶେଷରେ ଏତିରିକ୍ତ ଏସପି ଦୀପକ କୁମାର ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁଇ ଚୋର ଗିରଫ ବ୍ୟାଟେରୀ ଜବତ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ପୋଲିସ ଦୁଇଜଣ ଚୋରଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତମାନେ ହେଲେ ଭାବିନିପୁର ଗ୍ରାମର ରବି ଗୌଡ଼ (୨୨) ଏବଂ ସୁମନ ସେଠୀ (୧୮) । ଚୋରି ହୋଇଥିବା ବ୍ୟାଟେରୀ ପୋଲିସ ସେମାନଙ୍କ ନିକଟରୁ ଜବତ କରିଛି । ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ସିସିଟିଭି ଫୁଟେଜ୍ ଯାଞ୍ଚବେଳେ ଦୁଇଜଣ ଯୁବକ ବ୍ୟାଟେରୀ ଲକ୍ ଭାଙ୍ଗି ଚୋରି କରିଥିବା ଜଣାପଡ଼ିଥିଲା । ଅପରାଧୀ ରେକର୍ଡ ଯାଞ୍ଚ କରି ସେମାନଙ୍କୁ ଚିହ୍ନଟ କରାଯାଇଥିଲା । ଜେରା ସମୟରେ ଅଭିଯୁକ୍ତମାନେ ଅପରାଧରେ ସାମିଲ ହେବାର ସ୍ୱୀକାର କରିଥିଲେ ।

ମାମଲା ନଂ୪୬/୨୬ରେ ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଚନ୍ଦନ କୁମାର ସାହୁ ଗତ ୧୮ ତାରିଖ ରାତ୍ର ନିଜ ଘର ସମ୍ମୁଖରେ ତାଙ୍କର ଅଟୋ (ରେଜିଷ୍ଟ୍ରେସନ୍ ନମ୍ବର ଓଡ଼ି ୦୭ ଏଏସ ୪୮୫୧) ପାର୍କିଂ କରିଥିଲେ । ପରଦିନ ସକାଳେ ଉଠି ଦେଖିଲେ ଅଟୋର ବ୍ୟାଟେରୀ ଚୋରି ହୋଇଯାଇଥିଲା । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ ।

## ସିଲ୍ କଲ୍ୟାଣ ମଣ୍ଡପ ଖୋଲିବା ଘଟଣା
# ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ନିର୍ଦ୍ଦେଶ



ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସିଲ ହୋଇଥିବା କୁଆଁସ କଲ୍ୟାଣ ମଣ୍ଡପ ଖୋଲିଲା କିପରି ଏଥିନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ।

ଅଭିଯୋଗ ପରେ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ୧୫ ଦିନ ମଧ୍ୟରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର । ସୂଚନାଅନୁଯାୟୀ ଡାହାଣହତା ପଞ୍ଚାୟତ କୁଆଁସ କଲ୍ୟାଣ ମଣ୍ଡପଟି ପ୍ରାୟ ୧୦ ବର୍ଷ ହେବ ନିର୍ମାଣହୋଇ କାର୍ଯ୍ୟକାରୀ ହେଉଥିବା ବେଳେ ଗତ ବର୍ଷ ବ୍ୟକ୍ତିଗତ ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିବାରୁ ଜମି ମାଲିକ କୋର୍ଟ ର ଦ୍ୱାରସ୍ଥ ହୋଇଥିଲେ । ଏଣୁ ବ୍ଲକ ପକ୍ଷରୁ ଗତ ୧୭/୧୦/୨୦୨୫ ରେ ଚିଠି ନମ୍ବର ୫୧୭୫ ରେ ନିଲାମ ପର୍କ୍ରିୟାକୁ ରଦ୍ଧ କରାଯାଇଥିଲା ।

ଏହାର ଗୋଟିଏ ଦିନ ପରେ ବିଡ଼ିଓ ଆକାଶ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅର୍ଥାତ ୧୮/୧୦/୨୦୨୫ ତାରିଖରେ ଚିଠି ସଂଖ୍ୟା ୫୧୦୩ ରେ ଏବିଡ଼ିଓ ତ୍ରିଲୋଚନ ସେଠି କଲ୍ୟାଣ ମଣ୍ଡପରେ ସିଲ କରି ଆସିଥିଲେ । ମାତ୍ର କିଛି ଦିନ ହେବ ପଞ୍ଚାୟତକୁ କୌଣସି ସୂଚନା ନଥାଇ ମଣ୍ଡପ ଖୋଲାଯାଇ ସଭା ଏବଂ ଭୋଜି ଭାତ କରାଯାଉଥିଲା ।

ଏବାବଦରେ ବିଡ଼ିଓଙ୍କୁ ପଚାରିବାରେ ଏହା କିପରି ଖୋଲାଗଲା ଜାଣିନଥିବା କହିବାରୁ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଶୁଣିବାପରେ ଆସନ୍ତା ୧୫ ଦିନ ମଧ୍ୟରେ ତଦନ୍ତ କରାଇ ମଣ୍ଡପ ଖୋଲିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ଜିଲ୍ଲାପାଳ ଅମ୍ବର କୁମାର କର ବିଡ଼ିଓ ଦଶରଥପୁର ଏବଂ ଯାଜପୁର ଏସଡିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଚାରି ମହଲା ଛାତ ତଳେ ମହିଳାଙ୍କ ମୃତଦେହ ମିଳିବା ଘଟଣା
# ସିସିଟିଭି ପାସ୍‌ୱାର୍ଡ ଦେଉନି ଘର ମାଲିକ

ପାରାଦୀପ, (ଜି.ପ୍ର) : ପାରାଦୀପ ତାରିଣିଗଡାରେ ଥିବା ଶମ୍ଭୁ ଖୁଣ୍ଟିଆଙ୍କ ଘର ତଳୁ ଅଜଣା ମହିଳାଙ୍କ ଶବ ମିଳିବା ଘଟଣାକୁ ଦୁଇଦିନ ବିତିବାକୁ ବସିଲାଣି, ତଥାପି ମୃତ ମହିଳାଙ୍କ ପରିଚୟ ମିଳିପାରୁନାହିଁ । ଅର୍ଦ୍ଧ ଉଲଗ୍ନ ମହିଳାଙ୍କ ମୃତ ଶରୀରରେ ଅନେକ ଜାଗାରେ କ୍ଷତ ଚିହ୍ନ ଥିବାବେଳେ ଛାତ ଉପରେ ଏକ ପଟିଲି ବିଛା ଯାଇଥିବା ଓ ଘରର କାନ୍ଥର ରକ୍ତ ଛିଟା ଲାଗିଥିବା ଏବଂ ମହିଳାଙ୍କ ପ୍ୟାଣ୍ଟ ଘର ଭିତରୁ ମିଳିଥିବା ବେଳେ ତାଙ୍କୁ ସାରାରାତି ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଥିବା ଏକ ପ୍ରକାର ସ୍ପଷ୍ଟ ହେବାରେ ଲାଗିଛି ।

ପୋଲିସ ଘର ମାଲିକଙ୍କ ସମେତ ଭଡାରେ ରହୁଥିବା ୬ ଜଣଙ୍କୁ ଥାନାରେ ଦୁଇଦିନ ହେବ ଅଟକ ରଖି ପଚରାଉଚରା କରୁଥିବା ବେଳେ ଜୈନିକ ଯୁବକର ହାତରେ ଆଁପୁଡା ଚିହ୍ନ ହିଁ ତା ଉପରେ ପୋଲିସକୁ ସନ୍ଦେହ କରିବାକୁ ବାଧ କରିଛି । ୨୨ ତାରିଖ ରାତିରେ ସମ୍ପୃକ୍ତ ଯୁବକ ଉକ୍ତ ମହିଳାଙ୍କ ସହ ଘର ତଳେ କଥା ହେଉଥିବା ସିସିଟିଭି ଫୁଟେଜ ମିଳିଥିବା ବେଳେ ଉକ୍ତ ଯୁବକ ହିଁ ମୃତ ମହିଳାଙ୍କୁ ଆଣିଥିବା ମଧ୍ୟ ଏକପ୍ରକାର ସ୍ପଷ୍ଟ ହୋଇଛି । ଯୁବକ ଜଣଙ୍କ ଅନୁଗୋଳ ଯାଇ ନିଜ ବାପାଙ୍କ ଠାରୁ ମୋଟରସାଇକେଲ ଆଣି ପାରାଦୀପ ଫେରୁଥିବା ବେଳେ ୧୫ କିଲୋମିଟର ଦୂରରୁ ସମ୍ପୃକ୍ତ ମହିଳା ଗାଡ଼ିରେ ଯିବାକୁ ସହାୟତା ମାଗିବାରୁ ସେ ତାଙ୍କୁ ଆଣି ଆସିଥିବା ଓ ପୋଲିସ ଉକ୍ତ ଜାଗାକୁ ଚିହ୍ନଟ କରିବା ନିମନ୍ତେ ଯୁବକଙ୍କୁ ଧରି ସାରା ରାତି ରାସ୍ତାରେ ବୁଲିଥିବା ବେଳେ ଶେଷରେ ନିରାଶ ହୋଇ ଫେରିଛି ।

ମହିଳାଙ୍କ ପରିଚୟ ନିମନ୍ତେ ପୋଲିସ ତାର ତଦନ୍ତ ଆରମ୍ଭ କରିଥିବା ବେଳେ ଶୁଣା କଥାକୁ ଭିତି କରି ମହିଳା ଜଣଙ୍କ ବାଲିଝରା କିମ୍ବା ରାଇସ ମିଲ ନିକଟରେ ରହୁଥିବା ସନ୍ଦେହ କରି ଦିନ ତମାମ ଏହି ସବୁ ଜାଗାରେ ଖୋଜାଖୋଜି କରିଛି ପୋଲିସ । କେହି କେହି ମହିଳା ପାଟକୁରା ଥାନା ପୋତାରୀ ଅଂଚଳର ବୋଲି କହିବାରୁ ପୋଲିସ ସେଠାରେ ଓ ଯୁବକର ବାପା ଅନୁଗୋଳରେ ରହୁଥିବାରୁ ସେଠାରେ ମଧ୍ୟ ପୋଲିସ ଫଟୋ ପଠାଇ ସନ୍ଧାନ ନେଉଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି ।

ଯୁବକ ଜଣଙ୍କ ତାକୁ ଛାତ ଉପରକୁ ନେଇଥିବା ଓ ସେଠାରେ ପଟିଲି ପଡ଼ିଥିବା ଏବଂ ମହିଳାଙ୍କ ପ୍ୟାଣ୍ଟ ଘର ଭିତରୁ ମିଳିବାରୁ କିଭଳି ଅବସ୍ଥାରେ ମହିଳା ଜଣଙ୍କ ଉଲଗ୍ନ ହୋଇ ଛାତ ଉପରକୁ ଗଲେ ତାହା ସେ ଜାଣି ନଥିବା ଓ ନିଶାରେ ସୋଇ ପଡିଥିବା ପୋଲିସକୁ ଯୁବକ ଜଣଙ୍କ କୁଆଡେ କହୁଥିବା ଆଲୋଚନା ହେଉଛି । ସବୁଠାରୁ ବଡ଼କଥା ହେଉଛି ଘର ମାଲିକର ସିସିଟିଭିର ହାର୍ଡଡିସ୍କ ପୋଲିସ ନେଇଥିବା ବେଳେ ସେଥିରୁ କଣ ତଥ୍ୟ ମିଳିଲା ଓ ମାଲିକ ତାର ପାସ୍‌ୱାର୍ଡ ପୋଲିସକୁ ପ୍ରଥମରୁ ଦେଲେନାହିଁ କାହିଁକି ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଘରେ ଭଡାରେ ୬ ଜଣ ଯୁବକ ରହୁଥିବା ମାଲିକ କହୁଥିବା ବେଳେ ସେମାନଙ୍କ ସହ ରେଂଟ ଏଗ୍ରିମେଣ୍ଟ କଣ ପାଇଁ ହୋଇନାହିଁ ନା ଏଭଳି ଅନେକ ଯୁବକ ଯୁବତୀ ଆସନ୍ତି ଏବଂ ଯାନ୍ତି ବୋଲି ମଧ୍ୟ ପ୍ରଶ୍ନ ସୃଷ୍ଟି ହୋଇଛି ।

ଅପରପକ୍ଷରେ ତିର୍ତ୍ତୋଲର କୋଲର ଗ୍ରାମର ଲିଟିଲି ସାହୁ ଶନିବାରଠାରୁ ନିଖୋଜ ଥିବା ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଥିବାବେଳେ ସେ ଏହି ମହିଳା ହୋଇଥାଇପାରନ୍ତି ବୋଲି ମଧ୍ୟ ପୋଲିସ ସନ୍ଦେହ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି । ତେବେ ଏତେସବୁ ଅସମାହିତ ପ୍ରଶ୍ନ ଏବେ ପାରାଦୀପ ପୋଲିସ ପାଇଁ ଏକ ସସପିଏନ୍ସ ଛିଡା କରିଥିବା ବେଳେ କେବେ ଘଟଣା ଉପରୁ ପରଦା ହଟିବ ତାହା ସମୟ କହିବ ।

# ଚଣ୍ଡିଖୋଲ କୋର୍ଟରେ ମଧ୍ୟସ୍ଥତା ଓ ମିଳାମିଶା ସେଲ୍ ଖୋଲିଲା

ଚଣ୍ଡିଖୋଲ, (ସବ୍ୟୁ): ଭାରତର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ କ୍ରମେ ଜାତୀୟ ଆଇନ ସେବା ପ୍ରାଧୀକରଣ ଯୋଜନା ଅନ୍ତର୍ଗତ ମଧ୍ୟସ୍ଥତା ଓ ମିଳାମିଶା ସେଲ ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ଅଧିନରେ ଖୋଲିଛି। ଏହି ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ଚଣ୍ଡିଖୋଲ କୋର୍ଟରେ ବିଚାରାଧୀନ ଥିବା ବୈବାହିକ ସମ୍ବନ୍ଧୀୟ, ମୋଟର ଦୁର୍ଘଟଣା ସମ୍ପର୍କିତ, ଘରୋଇ ହିଂସା, ବାଣିଜ୍ୟିକ ବିବାଦ, ନିଯୁକ୍ତି ଓ ଚାକିରୀ ସମ୍ବନ୍ଧୀୟ, ସାଲିସ୍ ଯୋଗ୍ୟ ଫୌଜଦାରୀ ମାମଲା, ଖାଉଟି ସୁରକ୍ଷା, ଋଣ ଆଦାୟ, ସମ୍ବନ୍ଧୀୟ, ଜମିଜମା ଭାଗବଣ୍ଟା ଓ ଉଚ୍ଛେଦ, ବେଦଖଲ, ଜମି ଅଧିଗ୍ରହଣ ସମ୍ପର୍କିତ ମାମଲା ଗୁଡିକର ମଧ୍ୟସ୍ତିଙ୍କ ସହଯୋଗ ଓ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇ ପାରିବ। ଏହି ସେଲ ଅଧିନରେ ସହଜ, କମ ସମୟ ଓ ବିନା ଖର୍ଚ୍ଚରେ ଏହିସବୁ ମାମଲା ଓ ସମସ୍ୟା ଗୁଡିକର ବିଚାର ଏବଂ ସମାଧାନ ହୋଇପାରିବ। ଉକ୍ତ କେନ୍ଦ୍ରଟି (ସେଲ)ଖୋଲିବା ଦ୍ୱାରା ଜନସାଧାରଣଙ୍କ ପଡି ରହିଥିବା ବହୁ ମାମଲାର ସହଜ ସମାଧାନ ହୋଇଯିବ ସହ ଅର୍ଥ ଓ ସମୟ ଅପଚୟରୁ ରକ୍ଷା ମିଳିପାରିବ ବୋଲି ଜଣାପଡିଛି ।

ଚଣ୍ଡିଖୋଲ କୋର୍ଟ ଅଧୀନରେ ଥିବା ଉପରୋକ୍ତ ସମ୍ପର୍କିତ ମାମଲାର ଉଭୟ ପକ୍ଷ ନିଜ ନିଜର ଆଇନଜୀବୀ କିମ୍ବା ମଧ୍ୟସ୍ଥି ଓ ମିଳାମିଶା କେନ୍ଦ୍ର ସହିତ ଯୋଗାଯୋଗ କରି ମାମଲା ଗୁଡିକର ଆପୋଷ ବୁଝାମଣା କରି ସହଜରେ ସମାଧାନ କରିପାରେ ଓ ଏହି ଯୋଜନା ସୁଫଳ ପାଇପାରିବେ । ବର୍ତ୍ତମାନ ଏହି କେନ୍ଦ୍ର ପରିଚାଳନା ପାଇଁ ଚଣ୍ଡିଖୋଲ କୋର୍ଟର ବରିଷ୍ଠ ଆଇନଜୀବୀ କୈଳାସଚନ୍ଦ୍ର ସାମଲଙ୍କୁ ମଧ୍ୟସ୍ଥି ଭାବେ ନିଯୁକ୍ତି ଦିଆଯାଇଛି ।

ଉକ୍ତ ସେଲ ଚଣ୍ଡିଖୋଲ କୋର୍ଟରେ ଖୋଲିଥିବାରୁ ଭାରତର ଉଚ୍ଚତମ ନ୍ୟାୟାଳୟ, ଓଡିଶା ଉଚ୍ଚନ୍ୟାୟାଳୟ,ଯାଜପୁର ଜିଲ୍ଲା ଓ ଦୌରାଜଜ, ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କୁ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ସଭାପତି ସୁରେଶଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶକୁମାର ଦାଶ, ବରିଷ୍ଠ ଆଇନଜୀବୀ ଶରତ ଷଡଙ୍ଗୀ, ପ୍ରତାପ ଦାସ ,ଦେବରାଜ ବେହେରା,ଜନ ବେହେରା, ରେଣୁବାଳା ମହାନ୍ତି, ରାମଚନ୍ଦ୍ର ତ୍ରିପାଠୀ, ସିରିଶ ସାମଲ, ବୀରେନ୍ ବିଶ୍ୱାଳ, ଦୀନବନ୍ଧୁ ନାୟକ, ଆଶିଷ ମହାପାତ୍ର, ବେବିନା ଓଝା, ଲକ୍ଷ୍ମୀପ୍ରିୟା କର, ଚିନ୍ମୟ ସ୍ୱାଇଁ, ବିଶ୍ୱରଞ୍ଜନ ବେହେରାଙ୍କ ସହ ସମସ୍ତ ଆଇନଜୀବୀ କୃତଜ୍ଞତା ଜଣାଇଛନ୍ତି।

# ଆୟୁଷ୍ମାନ କାର୍ଡ ସମୀକ୍ଷା ସଭା

ଆଳି, (ସବ୍ୟୁ): ଆଳି ବ୍ଲକସ୍ତରୀୟ ଆୟୁଷ୍ମାନ କାର୍ଡ ବଣ୍ଟନ ସମୀକ୍ଷା ସଭା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଜନସେବା କେନ୍ଦ୍ର (ସିଏସସି) ର କେନ୍ଦ୍ରାପଡ଼ା ଜିଲ୍ଲା ପରିଚାଳକ ଚିରଞ୍ଜୀବ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଆଳି ବ୍ଲକ ଏବିଡ଼ିଓ ସୁମନ୍ତ କୁମାର ବେହେରା, ଆଳି ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ା ପ୍ରଣବ ଶୁକ୍ଲା,ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳିକା ସିଲି ପ୍ରିୟମ୍ବଦା ସାହୁ, ସିଏସସି ଅଧିକାରୀ ଦିବାକର ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ ।ଏହି ସମୀକ୍ଷା ବୈଠକରେ ଆଳି ବ୍ଲକରେ ଆଳି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଜନସେବା କେନ୍ଦ୍ର ଅଧିକାରୀ (ଭିଏଲଇ) ମାନଙ୍କ ମିଳିତ ସମନ୍ୱୟରେ ଓଡିଶା ସରକାର ଙ୍କ ପ୍ରଦତ୍ତ ଆୟୁଷ୍ମାନ ଆରୋଗ୍ୟ କାଡର ବିତରଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଏହି ସଭାରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, କ୍ଷେତ୍ରରେ କାମ କରୁଥିବା ଏଏନଏମ, ଆଶା ମାନେ କିପରି ଭାବେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରି ହେବ ସେ ନେଇ ଚିଠା ପ୍ରସ୍ତୁତ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଆଳି ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ା ଶୁକ୍ଲା ପ୍ରତି ସପ୍ତାହ ର ଶନିବାର ଦିନ ସମସ୍ତ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ନେଇ ଏ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ କରାଯିବା ନେଇ ପରିଚାଳିକା ଶ୍ରୀମତୀ ସାହୁ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ସିଏସସି ଅଧିକାରୀ ଶ୍ରୀ ନାୟକ ଟେଲି ଲ ବିଷୟରେ ଜନସେବା କେନ୍ଦ୍ର ଅଧିକାରୀ(ଭିଏଲଇ) ଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇ କହିଥିଲେ ।

ଏଥି ସହିତ ଯେଉଁ ଜନସେବା କେନ୍ଦ୍ର ଅଧିକାରୀ ମାନେ ସରକାର ଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ବଣ୍ଟନ କାର୍ଯ୍ୟରେ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ସହଯୋଗ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଏବିଡ଼ିଓ ଶ୍ରୀ ବେହେରା ଙ୍କ ସହ ଜନସେବା କେନ୍ଦ୍ର ଜିଲ୍ଲା ପରିଚାଳକ ଚିରଞ୍ଜୀବ ନାୟକ ମତ ପ୍ରକାଶ କରିଥିଲେ । ତତସହିତ ପଞ୍ଚାୟତ ମାନଙ୍କରେ କ୍ୟାମ୍ପ କରି କିପରି ଖୁବ ଶୀଘ୍ର ଏହି କାର୍ଯ୍ୟ ସମ୍ପନ୍ନ କରାଯିବ ସେ ବିଷୟରେ ସମୀକ୍ଷା କରିଥିଲେ । ସମ୍ପୂର୍ଣ କାର୍ଯ୍ୟକ୍ରମକୁ ହେମନ୍ତ ବିଶ୍ୱାଳ, ରତିକାନ୍ତ ପଢ଼ିଆରୀ, ବିକାଶ ବେହେରା, ପ୍ରତାପ ନାୟକ, ସୁମନ ଦାସ, ବିଭୁତି ରାଉତ, ପ୍ରିୟରଞ୍ଜନ ନାୟକ, ରାଜେଶ ମଲିକ, ଶୁଭ୍ରଜିତ ରାୟ, ଦେବପ୍ରସାଦ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଯୁବ ସାମ୍ବାଦିକ ଦୀପକ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ସଭା ସାଙ୍ଗ କରିଥିଲେ ।

# ପୀଡିତାଙ୍କ ପରିବାରକୁ ଭେଟିଲେ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍



ରାଜକନିକା, (ସବ୍ୟୁ) : ରାଜକନିକା ବ୍ଲକ ଓଳାଭର ଘରୋଇ ଇଂରାଜୀ ମିଡ଼ିଅମ ସ୍କୁଲ ର ସପ୍ତମ ଶ୍ରେଣୀର ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଆଜି ରାଜ୍ୟ କଂଗ୍ରେସ ମହିଳା ମୋର୍ଚ୍ଚା ଫାକ୍ଟ ଫାଇଣ୍ଡିଙ୍ଗ ଟିମ ପୀଡିତାଙ୍କ ପାଖେ ପହଞ୍ଚି ଗଭୀର ସମବେଦନା ଜଣାଇବା ସହିତ ପୀଡିତାକୁ ନ୍ୟାୟ ପାଇଁ ସରକାରଙ୍କ ପାଖେ ଦାବି କରିଛନ୍ତି ।

ରାଜ୍ୟ କଂଗ୍ରେସ ମହିଳା ମୋର୍ଚ୍ଚାର ରାଜ୍ୟ ଉପ ସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ପ୍ରାକ୍ତନ ବିଧାୟିକା ଡାକ୍ତର ସିପ୍ରା ମଲିକ, ରାଜ୍ୟ ସମ୍ପାଦିକା ଜୟସ୍ମୀତା ମହାନ୍ତି, କେନ୍ଦ୍ରାପଡା ଜିଲ୍ଲା ସଭାନେତ୍ରୀ ଡାକ୍ତର ଦେବସ୍ମୀତା ଶର୍ମା, ରାଜ୍ୟ ମହିଳା ମୋର୍ଚ୍ଚାର ସଭ୍ୟା କୁସୁମ ପ୍ରଧାନ, ଅପସନା ବେଗମ ପ୍ରମୁଖ ପୀଡିତାଙ୍କ ପ୍ରତି ହୋଇଥିବା ବର୍ବୋରଚିତ କାଣ୍ଡରେ ସମବେଦନା ଜଣାଇଥିଲେ । ତା'ସହିତ ଏହି ନାରକୀୟ ଘଟଣାରେ ସାମିଲ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ପାଖେ ଦାବି ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ ମହିଳା, ସଚେତନ ନାଗରିକ ବି ଉପସ୍ଥିତ ରହିଥିଲେ।

# ବିଜେଡି କର୍ମୀଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଂଚାୟତର ପୁରୁଖା ବିଜେଡି କର୍ମୀ ଭାଗବତ ପ୍ରଧାନଙ୍କର ଗତକାଲି ସକାଳେ ତାଙ୍କ ବାସଭବନ ଠାରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ପ୍ରଭାତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ପୂର୍ବତନ ସରପଂଚ ମନୋରଞ୍ଜନ ସ୍ୱାଇଁ, ବିଜେପି ନେତା ରମେଶଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟା ନର୍ମଦା ରାଉତ, ପ୍ରାକ୍ତନ ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ଦିଲିପ କୁମାର ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଘଟଣା: ଆସାମୀ ଗିରଫ କେବେ

ରଘୁନାଥପୁର, (ସବ୍ୟୁ) ରଘୁନାଥପୁର ଥାନା ଅନ୍ତର୍ଗତ ପୁରଣ ଓଡପଡା ଗ୍ରାମର ଜନୈକା ଆଦିବାସୀ ନାବାଳିକାକୁ ଗତ ରବିବାର ଦିନ ସେହି ଗ୍ରାମର ଜନୈକ ବ୍ୟକ୍ତି ଦୁଷ୍କର୍ମ ଉଦ୍ୟମ କରିଥିବା କଥା ପୀଡିତାର ପିତାମାତା ରଘୁନାଥପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ, ରଘୁନାଥପୁର୍ ଥାନା ଅନ୍ତର୍ଗତ ପୁରଣ୍ ଗ୍ରାମର ଆଦିବାସୀ ସାହିରେ ରବିବାର ଅପରାହ୍ନ ୪ ଟା ସମୟରେ ଏକ ଆଦିବାସୀ ପରିବାରରେ ବାପା,ମା କାମକୁ ଯାଇଥିଲା ବେଳେ ଘରେ ୧୪ ବର୍ଷ ର ନାବାଳିକା କନ୍ୟା ଥିଲେ । ଏହି ସମୟରେ ସେହି ଗ୍ରାମର ଗୁନା ପଳେଇଙ୍କ ପୁଅ ମଡିଆ ପଳେଇ( ୬୧)ବର୍ଷ ତାଙ୍କ ଘରେ ପଶି ଉକ୍ତ ନାବାଳିକା ଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା କଥା ପୀଡିତା ର ବାପା ଓ ମା ଥାନା ରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ରଘୁନାଥପୁର ଥାନା ପୋଲିସ ୪୯/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି ।

ଏହି ଘଟଣାରେ ପୋଲିସ ପକ୍ଷରୁ ଆସାମୀକୁ ଗିରଫ କରିବା ପାଇଁ ବାରମ୍ବାର ପ୍ରୟାସ ଜାରି ରହିଥିବା ବେଳେ ଫେରାର ଥିବାରୁ ଆସାମୀକୁ ଗିରଫ କରିବାରେ ପୋଲିସ ଅସଫଳ ରହିଛି । ତେବେ ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପିଡିତା ଓ ତାର ପରିବାର ପ୍ରତି ମୂହୁର୍ତ୍ତରେ ଭୟରେ ରହୁଥିବା ଜଣାଯାଇଛି । ଅପରପକ୍ଷେ ଆସାମୀକୁ ଆଗୁଆ ଜାମିନରେ ଆଣି ଘଟଣାକୁ ଚପାଇ ଦେବାକୁ ତାଙ୍କ ପରିବାର ଓ ନିକଟ ସଂପର୍କୀୟଙ୍କ ଦ୍ୱାରା ଜୋରଦାର ଉଦ୍ୟମ କରା ଯାଉଥିବା ଅଞ୍ଚଳରେ ଆଲୋଚନା ହେଉଛି ।

# ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଉଦ୍‌ଯାପିତ



ସାଲେପୁର ,(ସବ୍ୟୁ) : ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ସଂଗୀତା ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଯେଉଁ ମହାମନିସି ମାନେ ଅଞ୍ଚଳର ଶିକ୍ଷାର ବିକାଶ ପାଇଁ ଏହି ମହାବିଦ୍ୟାଳୟକୁ ଗଢ଼ି ତୋଳିଛନ୍ତି ସେମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଅଛି । ସାଲେପୁର ମହାବିଦ୍ୟାଳୟର ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

ଏହାର ଗାରିମାକୁ ଆହୁରି ଆଗକୁ ନେବାପାଇଁ ସର୍ବଦା ଚେଷ୍ଟା କର ବୋଲି ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମହାନ୍ୟାୟ ଅଧିବକ୍ତା ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇ ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଜଣେ ଛାତ୍ର ସ୍ୱାଭିମାନୀ ହେବା ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ କଟକ ଅତିରିକ୍ତ ଜିଲ୍ଲାପାଳ ତଥା ସାଲେପୁର ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡ଼ଃ ଦିବ୍ୟଲୋଚନ ମହନ୍ତ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ଶିକ୍ଷାକୁ ଉଚିତ ମାର୍ଗରେ ଲଗାଇଲେ ଜଣେ ଭଲ ମଣିଷ ହୋଇ ପାରିବ ବୋଲି ଦିଗଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗଣିତ ବିଭାଗ ମୁଖ୍ୟ ଡ଼ଃ ଆଲୋକ ଚନ୍ଦ୍ର ମହାନ୍ତି, ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ଼ଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ଛାତ୍ରୀଛାତମାନଙ୍କ ଦ୍ୱାରା ପରିବେଷିତ ନାଟକ ବୋଉ ମନୋରଞ୍ଜନର ବେଶ ଖୋରାକ ଯୋଗାଇଥିଲା। ବେଳେ ଅଧ୍ୟାପିକା,ଅଧ୍ୟାପକ ମାନଙ୍କ ଦ୍ୱାରା ଅଦିନ ଝଡ ନାଟକ ପରିବେଷଣ କରାଯାଇଥିଲା । ଅଧ୍ୟାପିକା ବୈଜୟନ୍ତି ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ରୀନା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମେ ମହାବିଦ୍ୟାଳୟ ପକ୍ଷରୁ ଅତିଥି ମାନଙ୍କୁ ମୁଖ୍ୟ ଫାଟକ ପାଖରୁ ଏକ ଶୋଭାଯାତ୍ରାରେ ଅଣାଯାଇ ମଞ୍ଚରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏହି ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## 'ଚାଷୀ ମାରଣ ନୀତି' ବିରୋଧରେ ବିଜେଡିର ପ୍ରତିବାଦ ସଭା

ବିଂଝାରପୁର ,(ସବ୍ୟୁ ):ସରକାରଙ୍କ ଚାଷୀ ମାରଣ ନୀତି ଓ ଧାନ କିଣାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ବିଂଝାରପୁର ବ୍ଲକର ଜରି ଗ୍ରାମପଂଚାୟତ ର ବିଜେଡି ପକ୍ଷରୁ ଜରି କୃଷି ସମବାୟ ସମିତି କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା ଏବଂ ଗଣଧାରଣା ଦିଆଯାଇଥିଲା । ଉମାକାନ୍ତ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ମିଳିବାରେ ବହୁ ବିଳମ୍ବ ହେଉଛି । ଏପରିକି କୌଣସି କାରଣ ନଥାଇ ଧାନ ବିକ୍ରୟ ପରିମାଣକୁ ୨୫%ରୁ ୩୦% କମାଇ ଦିଆଯାଇଛି, ଯାହା ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି । ଜାନୁଆରୀ ଶେଷରେ ମଣ୍ଡି ଖୋଲିଥିଲେ ସୁଦ୍ଧା ମିଲରମାନେ ଧାନ ଉଠାଇବା ପାଇଁ ଗାଡ଼ି ପଠାଉ ନାହାନ୍ତି । ଫଳରେ ଏପର୍ଯ୍ୟନ୍ତ ମାତ୍ର ୨୫% ଧାନ ବିକ୍ରି ହୋଇପାରିଛି । ସରକାର କଟ୍ନି–ଛଟ୍ନି ହେବ ନାହିଁ ବୋଲି କହୁଥିଲେ ମଧ୍ୟ ପ୍ରକୃତରେ କ୍ୱିଣ୍ଟାଲ ପିଛା ପ୍ରାୟ ୭ କେଜି ଧାନ କଟାଯାଉଛି । ଏହାକୁ ତୁରନ୍ତ ବନ୍ଦ କରିବା ସହ ପୂର୍ବରୁ କଟାଯାଇଥିବା ଟଙ୍କା ଫେରସ୍ତ ପାଇଁ ଦାବି ହୋଇଛି । ଚାଷୀଙ୍କୁ ଖୋଟ ଅଖା ଯୋଗାଇ ନଦେଇ ଖୋଟ ଅଖା ବ୍ୟବହାର ପାଇଁ ବାଧ କରାଯାଉଛି । ଚଳିତ ବର୍ଷ ଏହାକୁ ବାଧ୍ୟତାମୂଳକ ନକରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି । ଚାଷୀଙ୍କ ଏହି ଗୁରୁତର ସମସ୍ୟା ପ୍ରତି ସରକାର 'ନିଦାବିଷ୍ଟୁ' ସାଜିଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି ପ୍ରତିବାଦ ସଭାରେ ବିଂଝାରପୁର ବ୍ଲକ ବିଜେଡି ସଭାପତି ଦିଲୀପ କୁମାର ରାଉଳ. ସରପଞ୍ଚ ନନ୍ଦ କିଶୋର ମଲିକ. ଅମର ମଲିକ ଙ୍କ ସମେତ ବହୁ ବିଜେଡି କର୍ମୀ ତଥା ଚାଷୀ ଯୋଗ ଦେଇ ପ୍ରତିବାଦ କରିବା ସହ ଏକ ଦାବିପତ୍ର ସମବାୟ ସମ୍ପାଦକ ଙ୍କୁ ପ୍ରଦାନ କରିଥିଲେ ।

# ସାଇବର ଠକେଇ ମାମଲା: ତଦନ୍ତ ଆରମ୍ଭ

ପାଣିକୋଇଲ, (ସବ୍ୟୁ) : ଅପରେସନ ସାଇବର କବଚ ରାଜ୍ୟରେ ଆରମ୍ଭ ହୋଇଛି । ସାଇବର ଅପରାଧ ଉପରେ ଲଗାମ ଲଗାଇବାକୁ ଓଡିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେସନ କବଚ । ରାଜ୍ୟର ବିଭିନ୍ନ ଅଂଚଳରେ ଥିବା ବେନାମୀ ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଉଛି । କେତେକ ସ୍ଥାନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ କେତେକ ସ୍ଥାନରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଏହି କ୍ରମରେ ପାଣିକୋଇଲି ପୁଲିସ ବ୍ୟାଙ୍କରୁ ଅଭିଯୋଗ ପାଇଁ ସାଇବର ଠକେଇ ନେଇ ଏକ ମାମଲା ୫୧/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବିଭିନ୍ନ ସମୟରେ କିଛି ଜମାଖାତାଧାରୀ ସାଇବର ଠକେଇର ଶିକାର ହେଉଥିବା ବେଳେ କିଛି ଜମଖାତାଧାରୀ ମଧ୍ୟ ଏହି ଠକେଇ କରୁଛନ୍ତି । ଥାନାଧିକାରୀ ରଂଜିତ ମହାନ୍ତି ନିଜେ ଏହି ମାମଲାର ତଦନ୍ତ କରୁଛନ୍ତି । ପାଣିକୋଇଲିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ୯ଟି ଆକାଉଂଟ ଫ୍ରିଜ କରାଯିବା ସହ ଜମାଖାତାଧିକାରୀଙ୍କ ନାମରେ ମାମଲା ରୁଜୁ କରାଯାଇଛି । ପାଣିକୋଇଲି ଏସବିଆଇ ଶାଖାର ଜମାଖାତାଧାରୀ ମନୋଜ କୁମାର ଦାସ, ଗୌରାଂଗ ଚରଣ ସୁଣ୍ଡି, ସରୋଜ କୁମାର ସାହୁ, ଶୀତଲ ସ୍ୱାଇଁ, ପ୍ରକାଶ ଚନ୍ଦ୍ର କବି, ସଂଜୟ କୁମାର ଦାସ, ଆଶୁତୋଷ ପଣ୍ଡା, ରମାକାନ୍ତ ସାହୁ, ଜୟବ୍ରତ ସାହୁ ଙ୍କ ନମାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ହୋଇଛି । ଏହି ମାନଙ୍କ ଜମାଖାତାକୁ କେତେ ଟଙ୍କା ଆସିଛି, କେତେ ଟଙ୍କାର ନେଣଦେଣ ହୋଇଛି । କାହା ପାଖକୁ ଟଙ୍କା ପଠାଯାଇଛି, କେତେ ଟଙ୍କା ଗଚ୍ଛିତ ରହିଛି ତାହା ସମ୍ପୂର୍ଣ୍ଣ ବିବରଣୀ ଉପରେ ତଦନ୍ତ ଚାଲିଥିବା ତଦନ୍ତାଧିକାରୀ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

# ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବରୀ, (ସବ୍ୟୁ) : ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମପୀଠ ଅଭିମନ୍ୟୁ ବାଲିଆସ୍ଥିତ ବଣ ବାବାଜୀ ମହାପୁରୁଷଙ୍କ ପୀଠରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ ଘଟିଛି । ଗତ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୪ ଦିନଧରି ଉକ୍ତ ଉତ୍ସବ ପାଳିତ ହୋଇଥିଲା । ବିଦଗ୍ଧ କବିଙ୍କ ସ୍ଥାପିତ ବାଲିଆ ବୃନ୍ଦାବନର ରାଧିକାଛନ୍ଦାସ୍ଥିତ ବୃଷଭାନୁ ପରିବାରର ଦାୟାଦ୍ ଗୋପବନ୍ଧୁ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟର ମୂଳଦୁଆ ସ୍ଥାପିତ ହୋଇଥିଲା । ତେବେ ଦୀର୍ଘ ୩ ବର୍ଷଧରି ଉକ୍ତ ପୀଠରେ ଶ୍ରୀ ଜଗନ୍ନାଥ, ମାଆ ବିମଳା, ମା ମହାଲକ୍ଷ୍ମୀ, ଭଗବାନଶିବ ଶଙ୍କର, ଦଶାବତାର, ନବଗ୍ରହ ଶ୍ରୀ ହନୁମାରଙ୍କ ମନ୍ଦିର ନୂତନ ଭାବେ ପ୍ରତିଷ୍ଠା ହେବାର ଯୋଜନାର ପରିସମାପ୍ତି ହେବା ପରେ ଏହାର ପ୍ରାଥମିକ କାର୍ଯ୍ୟକ୍ରମ ୧୯ ତାରିଖରେ ଶୁଭାରମ୍ଭ ହୋଇଥିଲା । ପ୍ରଥମ ଦିବସ ୧୯ ତାରିଖ, ଗୁରୁବାର ଅଙ୍କୁରା ରୋପଣ, ସଂଧ୍ୟା ଘଟିକା (ମଣ୍ଡଳାଦିକରଣ, ଧାନ୍ୟାଧିବାସ) ୨୦ ତାରିଖ,ଶୁକ୍ରବାର ଜଳସଯାତ୍ରା, କଳସାଧିବାସ, ସକାଳ ୭ ଘଟିକା ସୂର୍ଯ୍ୟପୂଜା, ଗୁରୁପୂଜା, ଗୋ ପୂଜା, ବିଗ୍ରହ ମାନଙ୍କ ସ୍ନାନ, ଶୟନ ଓ ବୈଷ୍ଣବ ନାମାଗ୍ନି ସ୍ଥାପନ ଘୃତଯଜ୍ଞ ଆରମ୍ଭ କରାଯାଇଥିଲା ।

୨୧ ତାରିଖ ଶନିବାର ସୂର୍ଯ୍ୟାଦି ପୂଜନ, ବିଗ୍ରହ ମାନଙ୍କର ଗ୍ରାମ୍ୟ ଭ୍ରମଣ ୨ ତାରିଖ ଚତୁର୍ଦ୍ଧାମୂର୍ତ୍ତୀଙ୍କ ନ୍ୟାସ, ବିଗ୍ରହ ମାନଙ୍କର ନ୍ୟାସ ସହିତ ସ୍ତପ୍ତଶତୀ ଚଣ୍ଡିପାଠ ଓ ଘୃତଯଜ୍ଞ କରାଯାଇଥିଲା ୨୨ ତାରିଖ, ରବିବାର ପ୍ରାତଃ ସମୟେ, ସୂର୍ଯ୍ୟାଦି ପୂଜନ, ଦେବତା ମାନଙ୍କର ଉପଚାର ପୂଜା, ସକାଳୁ–ସଂଧ୍ୟା ୪ର୍ଥ ପ୍ରହର ବ୍ୟାପୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଶ୍ରୀମଦ୍ ଭାଗବତ ଗୀତାପାଠ, ଶ୍ରୀ ଜୀଉଙ୍କ ନବଯୌବନ ଦର୍ଶନ,ସମ୍ପୂଟକ, ପୂର୍ଣ୍ଣାହୁତି ସଂଧ୍ୟା ୭ ଘଟିକା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପଣ୍ଡିତ ଶରତ ଚନ୍ଦ୍ର ପଣ୍ଡାଙ୍କ ସମେତ ୭ ଜଣ ପୂଜକଙ୍କ ସହେଯାଗ କ୍ରମେ ସମସ୍ତ କାର୍ଯ୍ୟ ସମାହିତ ହୋଇଥିଲା । ତେବେ ପୀଠ ପଣ୍ଡିତ ମାନସ ବୃନ୍ଦାବନର ବ୍ରହ୍ମପରିବାରର ବିଶ୍ୱଜିତ ମିଶ୍ର ଠାକୁରଙ୍କ ନିତ୍ୟ ସେବାରେ ନିଜକୁ ନିୟୋଜିତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଶ୍ରୀ ବଣବାବାଜୀ ମହାପୁରୁଷ କମିଟି ଦ୍ୱାରା ପରିଚାଳିତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଯୋଗଦାନ କରୁଥିବା ବେଳେ ଶ୍ରୀ ଜୀଉ ମାନଙ୍କର ନବ ଯୌବନ ଦର୍ଶନ ଅତ୍ୟନ୍ତ ମନୋଲୋଭା ଥିଲା ।

# କେନ୍ଦ୍ରାପଡା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସ୍ୱନକ୍ଷତ୍ର ଦିବସ ଉତ୍ସବ




କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା କୋ-ଅପରେଟିଭ ବ୍ୟାଙ୍କର ୩୯ତମ ସ୍ୱନକ୍ଷତ୍ର ଦିବସ ମଙ୍ଗଳବାର ଅପରାହ୍ନରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ଦିବଂଗତ ଭାଗବାତ ପ୍ରସାଦ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ସମବାୟର ଆଦ୍ୟ ପ୍ରବର୍ତ୍ତକ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଫଟୋଚିତ୍ର ନିକଟରେ ପୁଷ୍ପାର୍ଘ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପ୍ରାରମ୍ଭିକ ସୂଚନା ଦେବାପରେ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ସଭାପତିତ୍ୱରେ ବିଭିନ୍ନ ଆର୍ଥିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କର ପ୍ରତିଷ୍ଠାତା ସଦସ୍ୟ/ସଦସ୍ୟାଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ୟାଙ୍କ ଆଜି ଏକ ମହା ଦ୍ରୁମରେ ପ୍ରକାଶ କରିଥିଲେ ।

ଇତି ମଧ୍ୟରେ ବ୍ୟାଙ୍କରେ ସାଫ୍ କଟକଣା ହଟିଯାଇଥିବାରୁ ବ୍ୟାଙ୍କର କାର୍ଯ୍ୟକାରି ପରିସୀମା ବ୍ୟାଙ୍କର ଶାଖା ସମ୍ପ୍ରସାରଣ, ଅଶୀଂଦାର ମାନଙ୍କୁ ଲାଭାଂଶ ବଣ୍ଟନ, ପୁଞ୍ଜିବିନିଯୋଗ, କଟକଣା ହ୍ରାସ ଇତ୍ୟାଦି ବହୁ ପ୍ରତିବନ୍ଧକ ହଟିଯାଇ ଆଗାମୀ ଦିନରେ ଜିଲ୍ଲାରେ ଚାରି ଗୋଟି ଶାଖା ଖୋଲିବା କଥା ପ୍ରକାଶ କରିଥିଲେ । ବ୍ୟାଙ୍କକୁ ରିଜବ୍ ବ୍ୟାଙ୍କ ଦ୍ୱାରା ଆର୍ଥିକଭାବେ ସୁଦୃଢ ଓ ଉତ୍ତମ ପରିଚାଳିତ ବ୍ୟାଙ୍କ ଭାବରେ ପରିଗଣିତ କରାଯାଇଅଛି ବୋଲି ସୂଚନା ପାଇ ସଭାରେ ଥିବା ବ୍ୟକ୍ତିମାନେ ଆନନ୍ଦ ପ୍ରକାଶ କରିଥିଲେ । ଦ୍ୱିତୀୟତ ଆମ ବ୍ୟାଙ୍କକୁ ଭାରତ ସରକାରଙ୍କ ଦ୍ୱାରା ଅମ୍ବ୍ରେଲା ଅରଗାନାଇଜେସନ ଦେଶରେ ବିଭିନ୍ନ ଅର୍ବାନ ବ୍ୟାଙ୍କ ମାନଙ୍କ ଦ୍ୱାରା ସଫଟ୍‌ୱେୟାର ସିଲେକ୍ସନ ପାଇଁ ଦେଶର ୧୪ ଗୋଟି ପ୍ରମୁଖ ବ୍ୟାଙ୍କ ଗୁଡିକୁ ଚୟନ କରାଯାଇ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କକୁ ଚୟନ କରାଯାଇଥିବାରୁ ସଭାରେ ସଭାପତି ଓ ପରିଚାଳନା ପରିଷଦ ସଦସ୍ୟମାନଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା । ବ୍ୟାଙ୍କର ନେଟ୍, ଏନ୍‌ପିଏ ଶୁନ ପ୍ରତିଶତ ଓ ଗ୍ରସ୍ ଏନ୍‌ପିଏ ୧୧ ପ୍ରତିଶତ ରେ ଥିବା ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ ।

ଏହି ଆର୍ଥିକ ବର୍ଷ ଶେଷ ସୁଧା ୭ ପ୍ରତିଶତକୁ ହ୍ରାସ କରିବାକୁ ନିଷ୍ପତି ନିଆଯାଇଥିବା ପ୍ରକାଶ କରିଥିଲେ । ବ୍ୟାଙ୍କର ପୁଞ୍ଜି ପର୍ଯ୍ୟାପ୍ତ ପରିମାଣ ୧୨ ପ୍ରତିଶତରେ ପହଞ୍ଚିଥିବା ସଭାପତି ପ୍ରକାଶ କରିଥିଲେ । ଏହି ସଭାରେ ବ୍ୟାଙ୍କର ପ୍ରତିଷ୍ଠାତା ପରିଚାଳନା ପରିଷଦର ସଦସ୍ୟ ଡ. ବିଶ୍ୱପ୍ରକାଶ କାନୁଗୋ, ଆକବର ଅଲ୍ଲୀ, ବର୍ତ୍ତମାନ ପରିଚାଳନା ପରିଷଦର ସଦସ୍ୟ ଲକ୍ଷ୍ମୀନାରାୟଣ ଦାଶ, ପ୍ରାକ୍ତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶୀଲ କୁମାର ସାମଲ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜକାନ୍ତ ସାହୁ, ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ମନୋଜ କୁମାର ସାହୁ, ପରେଶ ଚନ୍ଦ୍ର ଦାଶ, ପ୍ରଦୀପ କୁମାର ମହାନ୍ତି, ବରଦା ବ୍ୟାଙ୍କ ପରିଚାଳକ, ପ୍ରାକ୍ତନ ନିର୍ଦ୍ଦେଶକ ଶରତ କୁମାର ବେହୁରା, ସନ୍ତୋଷ କୁମାର ସେଠୀ ବ୍ୟାଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ବ୍ୟାଙ୍କର ଏତାଦୃଶ କାର୍ଯ୍ୟପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଆଗାମୀ ଦିନରେ ବ୍ୟାଙ୍କକୁ ଆଗେଇ ନେବାପାଇଁ ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

ପରିଶେଷରେ ବ୍ୟାଙ୍କର ଉପସଭାନେତ୍ରୀ ଅପର୍ଣ୍ଣା ମହାନ୍ତି ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ପରିଚାଳନା ପରିଷଦ ସଦସ୍ୟ ପ୍ରଫୁଲ କୁମାର ସାହୁ, ବିଧୁଭୂଷଣ ମହାପାତ୍ର, ରଶ୍ମି ରଞ୍ଜନ ଚୌଧୁରୀ, ମହେନ୍ଦ୍ର କୁମାର ପରିଡା, ନବଜ୍ୟୋତି ରାୟ ପ୍ରମୁଖ ଉପସ୍ଥିତ ଥିଲେ । ବ୍ୟାଙ୍କ କର୍ମଚାରୀ ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ଶଶାଙ୍କ ଶେଖର ଲେଙ୍କା, ଆଦିତ୍ୟ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଚଣ୍ଡିଖୋଲ କଲେଜ ଇତିହାସ ବିଭାଗ ଅଧ୍ୟୟନ ମଣ୍ଡଳୀ ବୈଠକ

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଅଗ୍ରୀମ ଶିକ୍ଷାନୁଷ୍ଠାନ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ୨୦୨୫–୨୦୨୬ ଓ ୨୦୨୬–୨୦୨୭ ଶିକ୍ଷାବର୍ଷ ପାଇଁ ପାଠ୍ୟକ୍ରମକୁ ଚୁଡାନ୍ତ କରିବା ପାଇଁ ଅଧ୍ୟୟନ ମଣ୍ଡଳୀର ବୈଠକ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିଶ୍ୱବଦ୍ୟାଳୟର କୂଳପତିଙ୍କ ପ୍ରତିନିଧି ଭାବରେ କଲେଜ ଉନ୍ନୟନ ପରିଷଦର ମୁଖ୍ୟ ତଥା ଇତିହାସ ବିଭାଗୀର ପ୍ରଫେସର ଜୟନ୍ତୀ ଦୋରା,ଅଧ୍ୟକ୍ଷ ଡ଼ ପ୍ରସନ୍ନ କୁମାର ମହାପାତ୍ର,ବିଷୟ ବିଶେଷଜ୍ଞ ଭାବେ ଡ଼ ସାମୁଏଲ ଲିମା, ଡ ସୌମ୍ୟ ରଞ୍ଜନ ସାହୁ,ଅଧ୍ୟାପକ ରୁଦ୍ର ନାରାୟଣ ଦାସ,ପୁରାତନ ଛାତ୍ର ପ୍ରତିନିଧି ଭାବରେ ଦେବରଞ୍ଜନ ସ୍ୱାଇଁ ,ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ସଲିଳ ରାଜନନ୍ଦନ ମହାନ୍ତି, ଅଧ୍ୟାପକ ନିରାକାର ପାତ୍ର ଓ ହରେନ୍ଦ୍ର ନାରାୟଣ ବେହେରା ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ।

# ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକର ଗୋପାଳପୁର ପଂଚାୟତସ୍ଥିତ ଦୁଲ୍ଲାରପୁରର ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର କୋଷାଧକ୍ଷ କଲ୍ଲୋଳଚନ୍ଦ୍ର ମହାନ୍ତିଙ୍କର ୮୦ତମ ସ୍ୱନକ୍ଷତ୍ର ଦିବସ ଏବଂ ଦିବ୍ୟଜନନୀ ଶ୍ରୀମାଆଙ୍କ ୧୪୯ତମ ଜନ୍ମତିଥି ଅବସରରେ ଏକ ପାଠଚକ୍ର ସମ୍ମିଳନୀ ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଶ୍ରୀମାଆ ଶ୍ରୀ ଅରବିନ୍ଦଙ୍କର ଫଟୋଚିତ୍ରରେ ଧୂପପୁଷ୍ପ ଅର୍ପଣ ପୂର୍ବକ ସମବେତ ଧ୍ୟାନ କରାଯାଇଥିଲା । ପରେ ଦୁର୍ଗାସ୍ତୋତ୍ର, ମାଆ ବହିର ତୃତୀୟ ଅଧ୍ୟାୟ ପଠନ କରାଯିବା ସହିତ ମାତୃ ସଂଗୀତ ଗାନ କରାଯାଇଥିଲା । ଦିବ୍ୟଜନନୀ ଶ୍ରୀ ମାଆ ଶୀର୍ଷକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଶିକ୍ଷାବିତ ବ୍ରଜସୁନ୍ଦର ନାୟକ, କବି ସଦାଶିବ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ମାତୃସାଧକ ଗୌତମ ଚରଣ ଜେନା, ଶରତ ଚନ୍ଦ୍ର ମହାନ୍ତି, ଆଲୋକ କୁମାର ମହାରଣା, ସୁବାଷ ଚନ୍ଦ୍ର ମହାନ୍ତି, ମହିମାଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ସାମ୍ବାଦିକ ବିଜୟ କୁଅଁର, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, କବି ପ୍ରଫୁଲ୍ଲ କୁମାର ସିଂ, ଗଦାଧର ପାଣି ପ୍ରମୁଖ ଯୋଗଦେଇ ଶ୍ରୀ ମାଆଙ୍କ ଆର୍ବିଭାବ ଓ ତାଙ୍କର କାର୍ଯ୍ୟଶୈଳୀ ସଂପର୍କରେ ତାତ୍ତ୍ୱିକ ତଥ୍ୟ ସମ୍ବଳିତ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଆଂଚଳିକ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା ଭାଇଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବି : ନୟାଗଡ଼ ବନ୍ଦ ସଫଳ

ନୟାଗଡ଼, (ସବ୍ୟୁ): ନୟାଗଡ଼ ଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ନୟାଗଡ଼ ସହର ଦିନିକିଆ ବନ୍ଦ ପାଳନ କରାଯାଇଛି । ଜନ ସମୁହ ସମର୍ଥନରେ ମଙ୍ଗଳବାର ଦିନ ନୟାଗଡ଼ ସହର ବନ୍ଦ ଆନ୍ଦୋଳନ ପାଳନ ହୋଇଥିଲା । ବିଭିନ୍ନ ଅନୁଷ୍ଠାନର ମିଳିତ ପ୍ରୟାସରେ ନୟାଗଡ଼ ସହର ବନ୍ଦ ଆନ୍ଦୋଳନ ସଫଳ ପରିଲକ୍ଷିତ ହୋଇଛି । ନୟାଗଡ଼ ଉନ୍ନତି ପାଇଁ ଜିଲ୍ଲା ମହକୁମା ଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ହୋଇଆସୁଛି । ରାଜ୍ୟରେ ଭାଜପା ସରକାର ଗଠନ ପରେ ନୟାଗଡ଼ ବାସୀଙ୍କ ମଧ୍ୟରେ ମେଡିକାଲ କଲେଜ




ପ୍ରତିଷ୍ଠା ସ୍ୱପ୍ନ ପୂରଣ ହେବାର ବିଶ୍ୱାସ ଦୃଢ଼ିଭୂତ ହୋଇଛି । ନୟାଗଡ଼ ବିକାଶ ଓ ଉନ୍ନତି ସହିତ ଜିଲ୍ଲା ତଥା ଆଖପାଖ ଅଞ୍ଚଳର ନାଗରୀକ ଙ୍କୁ ଏକ ଉନ୍ନତ ସଓ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଦୃଢ଼ ଦାବି ହୋଇଛି । ଏହି ସମର୍ଥନରେ ମଙ୍ଗଳବାର ଦିନ ନୟାଗଡ଼ ସହର ବନ୍ଦ ଆନ୍ଦୋଳନ ସଫଳ ହୋଇଛି । ଆନ୍ଦୋଳନରେ ଜୟ ନୟାଗଡ଼ ଫାଉଣ୍ଡେସନ ର କର୍ମକର୍ତ୍ତା ଏସ ଏ ଆହଦ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସିପିଆଇ ଏମ ନେତା ବିଶ୍ୱନାଥ ମହାପାତ୍ର, କଂଗ୍ରେସ ନେତା ଆଇନଜୀବୀ ମନୋଜ କୁମାର ସାହୁ, ସାମ୍ବାଦିକ ଗୋକୁଳ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଶ୍ରୀଧର ପ୍ରଧାନ ଆଦି ବହୁ ସଂଖ୍ୟକ ନାଗରିକ ଆନ୍ଦୋଳନ ରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଉଠାପନ କରିଥିଲେ । ଆନ୍ଦୋଳନ ସମର୍ଥନରେ ସହରରେ ସମସ୍ତ ଦୋକାନ ବଜାର ଓ ଘରୋଇ ପ୍ରତିଷ୍ଠାନ ବନ୍ଦ ରହିଥିଲା । ଆନ୍ଦୋଳନ ସମୟରେ ଔଷଧ ଦୋକାନ ଏବଂ ଅତ୍ୟାବଶ୍ୟକ ସେବା ଜାରି ରହିଥିଲା । ମେଡିକାଲ କଲେଜ ପ୍ରତିଷ୍ଠା ଦାବି ରେ ଦିନିକିଆ ନୟାଗଡ଼ ସହର ବନ୍ଦ ଆନ୍ଦୋଳନ ଯୋଗୁଁ ବିଶେଷକରି ଯାତ୍ରୀ ଓ ବାଟୋଇ ଅସୁବିଧା ର ସମ୍ମୁଖୀନ ହୋଇଥିଲେ । ଦାବି ପୂରଣ କରିବାରେ ବିଳମ୍ବ ଘଟିଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରିବାକୁ କୁହାଯାଇଛି । ଏନେଇ ଜିଲ୍ଲା ପ୍ରଶାସନ ଜରୀଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

## ଟାଙ୍ଗୀ ଏନଏସି ନିର୍ବାଚନ : ଚେୟାରମ୍ୟାନ ପଦବୀ ପାଇଁ ମଇଦାନରେ ଲମ୍ବା ଧାଡି

ଟାଙ୍ଗୀ,(ସବ୍ୟୁ):ବହୁ ବର୍ଷର ଦାବି ପରେ ସରକାର ଟାଙ୍ଗୀ କୁ ନୋଟିଫାଏଡ ଏରିଆ କାଉନସିଲ ( ବିଜ୍ଞାପିତ ଅଞ୍ଚଳ ପରିଷଦ) ଘୋଷଣା କଲେ । ଏବେ ଟାଙ୍ଗୀର ୨୧ ଓ୍ୱାର୍ଡ କୁ ୧୨ ଟି କାଉନସିଲ ରେ ପରିଣତ କରାଯାଇଥିବାବେଳେ ଖୁବ ଶିଘ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରେ ନବଗଠିତ ଏନଏସି ନିର୍ବାଚନ ପରି ଟାଙ୍ଗୀ ମଧ ନିର୍ବାଚନ ସାମନା କରିବାକୁ ଯାଉଛି । ତେବେ ଏନଏସି ଚେୟାରମ୍ୟାନ ପଦବୀ ଟି ଦଳୀୟ ସଙ୍କେତ ହୋଇଥିବା ରୁ ସଂରକ୍ଷଣ ,ଅଣସଂରକ୍ଷିତ,ସାଧାରଣ ବର୍ଗ ଅଥବା ଅନ୍ୟ କିଛି ଘୋଷଣା କରାଯାଇନଥିଲେ ମଧ ବିଭିନ୍ନ ଦଳକୁ ସମର୍ଥନ କରୁଥିବା ଏକ ଲମ୍ବା ତାଲିକା ଏବେ ଲୋକଲୋଚନକୁ ଆସୁଛି । ମୁଖ୍ୟତଃ ଭାରତୀୟ ଜନତା ପାର୍ଟୀ ଓ ବିଜୁ ଜନତା ଦଳ ମଧ୍ୟରେ ମୁକାବିଲା ହେଉଥିବା ବେଳେ ଆଗାମୀ ୨୦୨୯ ରେ ବିଧାନସଭା ମଣ୍ଡଳି ପୁର୍ନଗଠନ ହେବାକୁ ଥିବାରୁ ଟାଙ୍ଗୀ ଏକ ନୂତନ ବିଧାନ ସଭା ମଣ୍ଡଳି ହେବାକୁ ଯାଉଛି । ତେଣୁ ଉଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି କଂଗ୍ରେସ ମଧ ଟାଙ୍ଗୀ ଚେୟାରମ୍ୟାନ ପଦବୀ ହାତେଇ ନେବାକୁ ଗୋଟି ଚାଳନା ଆରମ୍ଭ କରିଛି । ଗତ ତ୍ରିସ୍ତରିୟ ପଞ୍ଚାୟତ ନିର୍ବାଚନ ରେ ବିଜେଡି ସମର୍ଥିତ ପାର୍ଥୀ କିଶୋର କୁମାର ବେହେରା ଟାଙ୍ଗୀ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ ।କିନ୍ତୁ ଆଗାମୀ ଏନଏସି ନିର୍ବାଚନ ରେ ବିଜେପି ଟିକେଟ ରେ ଏନଏସି ଚେୟାରମ୍ୟାନ ପାଇଁ ଶ୍ରୀ ବେହେରାଙ୍କୁ ଦଳ ସୁଯୋଗ ଦେଇପାରେ ବୋଲି ଆଲୋଚନା ଜୋର ଧରିଛି । ତେବେ ଗତ ପଞ୍ଚାୟତ ନିର୍ବାଚନରେ ଟାଙ୍ଗୀ ସରପଞ୍ଚ ଶ୍ରୀ ବେହେରାଙ୍କ ଠାରୁ ମାତ୍ର ୩ଶହରୁ କମ ଭୋଟ ରେ ପରାଜିତ ହୋଇଥିବା ଆଡଭୋକେଟ ରମେଶଚନ୍ଦ୍ର ବେହେରା ଏବେ ନିଜ ସଂଗଠନକୁ ଗତ ନିର୍ବାଚନ ଅପେକ୍ଷା ଆଗାମୀ ଏନଏସି ନିର୍ବାଚନରେ ନିଜ ସପକ୍ଷରେ ଜନମତ ମଜବୁତ କରିଥିବା ଓ ସେ ଲୋକପ୍ରିୟତା ହାସଲ କରୁଥିବା ନେଇ ସାଧାରଣରେ ଚର୍ଚା ଜୋର ଧରିଥିବା ବେଳେ ସେ ନିର୍ବାଚନ ମଇଦାନ ରେ ଠିଆ ହେଉଥିବା ଜଣାପଡିଛି। ଦଳୀୟ ଟିକେଟ ମିଳିଲେ ଯୁବ ସମାଜସେବୀ ସୁଧାଂଶୁ କୁମାର ରଣସିଂହ,ବରିଷ୍ଠ ଆଡଭୋକେଟ ତପନ କୁମାର ମହାନ୍ତି,ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭାରତ ଭୂଷଣ ଜଗଦେବ,ନରେନ୍ଦ୍ର କୁମାର ମହାପାତ୍ର,ସୁନିଲ କୁମାର ମହାନ୍ତି,କ୍ରିଡା ସଂଗଠକ ବିଜୟ କୁମାର ରାଉତ,ବର୍ତମାନର ସରପଞ୍ଚ କିଶୋର କୁମାର ବେହେରା, ପୁରୁଖା ରାଜନେତା ସମାଜସେବୀ ବିଜୟ କୁମାର ମହାପାତ୍ର, ସମାଜସେବୀ ବସନ୍ତ କୁମାର ସାହୁ,ପୂର୍ବତନ ସମିତିସଭ୍ୟ ନିଳକ= ବେହେରା,ଅଶୋକ କୁମାର ମହାପାତ୍ର,ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର ଙ୍କ ସୁପୁତ୍ର ଭିସ୍ମନାରାୟଣ ମହାପାତ୍ର,ସାମ୍ବାଦିକ ରଘୁନାଥ ସାହୁ,ବରିଷ୍ଠ ଆଡଭୋକେଟ ନକୁଳ କୁମାର ନାୟକ,ଭୂବନେଶ୍ୱର ସାଂସଦ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ ଙ୍କ ଧର୍ମପନୀ ସସ୍ମିତା ପଟ୍ଟନାୟକ ପ୍ରମୁଖ ନିର୍ବାଚନ ମଇଦାନକୁ ଓହ୍ଲାଇ ପାରନ୍ତି ।ଏପରିକି ଏହି ସମାଜସେବୀ ମାନଙ୍କ ମଧ୍ୟରୁ କାହାପ୍ରତି ଭୋଟର ଙ୍କ ଆନୁଗତ୍ୟ,ଆସ୍ଥା ଓ ବିଶ୍ୱାସ ରହିଛି ବିଜେପି,ବିଜେଡି,କଂଗ୍ରେସ ଦଳର ଅଙ୍କ କସା ମଧ ଜୋରରେ ଚାଲିଥିବା ଜଣାପଡିଛି। ଏତଦବ୍ୟତୀତ ବହୁ ପରିପକ୍ୱ ରାଜନୀଜ୍ଞ,ଶିକ୍ଷାବିତ,ନିଷ୍କଳଙ୍କ ବ୍ୟକ୍ତିତ୍ୱ ଟାଙ୍ଗୀର ପ୍ରଥମ ଏନଏସି ଚେୟାରମ୍ୟାନ ପ୍ରାର୍ଥୀ ହୋଇ ସେବା କରିବା ଅଭିଳାଷ ଥିଲେ ମଧ ବୟବହୁଳ ନିର୍ବାଚନ କୁ ସାମ୍ନା କରିବାକୁ ସାହାସ ଜୁଟାଇ ପାରୁନଥିବା ମଧ ଆଲୋଚନା ହେଉଛି । ବିଜେପି ଶାସନ କ୍ଷମତା କୁ ଆସିବା ପରେ ବିଭିନ୍ନ ସାମୁହିକ ପଦକ୍ଷେପ ନେଇଥିଲେ ମଧ ସେସବୁ ଜନସ୍ୱାର୍ଥ ବିରୋଧୀ ହୋଇଥିବା ସାଧାରଣରେ ଆଲୋଚନା ର ଖୋରାକ ଯୋଗାଇ ଦେଇଥିବା ରୁ ଏହାର ପ୍ରଭାବ ସିଧାସଳଖ ଭୋଟରଙ୍କ ଉପରେ ପଡିବା ସ୍ୱାଭାବିକ ତେବେ କର୍ମୀ ଓ ଦଳୀୟ ମୋହରରେ ନିର୍ବାଚନକୁ ସାମ୍ନା କରିବାକୁ ଯାଉଥିବା ବ୍ୟକ୍ତି କିପରି ଭୋଟରଙ୍କ ଶ୍ରଦ୍ଧାଭାଜନ ହୋଇପାରିବେ ସ ନେଇ ଚର୍ଚା ମଧ ଜୋର ଧରିଛି । ଏହି ନିର୍ବାଚନ ସେ ପ୍ରାର୍ଥୀ ଯେ କୌଣସି ଦଳର ହେଉନା କାହିଁକି ନିଜ ବ୍ୟକ୍ତିତ୍ୱ ଓ ଭୋଟରଙ୍କ ପ୍ରତି ଆନୁଗତ୍ୟ ତଥା ସେମାନଙ୍କ ମନକୁ କିଣିପାରୁଥିବା ବ୍ୟକ୍ତି ଜିତା ପଟ ନେଇପାରେ ବୋଲି ବୁଦ୍ଧିଜିବୀ ମହଲରେ ମଧ ଚର୍ଚା ଜୋର ଧରିଛି ।

## ସାକ୍ଷୀଗୋପାଳ ମନ୍ଦିର ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ

### ତହସିଲଦାର ମ୍ୟାନେଜିଂ ଟ୍ରଷ୍ଟି ମନୋନୀତ

ସାକ୍ଷୀଗୋପାଳ , (ସବ୍ୟୁ): ସାକ୍ଷୀଗୋପାଳ ମନ୍ଦିର ନିମନ୍ତେ ନବଗଠିତ ଟ୍ରଷ୍ଟ ବୋର୍ଡର ପ୍ରଥମ ବୈଠକ ମନ୍ଦିର କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। । ସତ୍ୟବାଦୀ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ଦେବୋତ୍ତର କମିଶନର ଙ୍କ ଆଦେଶ କ୍ରମେ ପ୍ରଥମ ବୈଠକରେ ଉପସ୍ଥିତ ଟ୍ରଷ୍ଟ ବୋର୍ଡ ସଦସ୍ୟ ମାନେ ସର୍ବସମ୍ମତିକ୍ରମେ ସତ୍ୟବାଦୀ ତହସିଲଦାର ତଥା ମନ୍ଦିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ଭାବରେ ମନୋନୀତ କରିଥିଲେ । ପୂର୍ବ ବୈଠକରେ ଆଲୋଚନା କରାଯାଇଥିବା ପାଳିଆ ସେବାୟତ ମାନଙ୍କ ପାଉଣା ବୃଦ୍ଧି ସମ୍ପର୍କରେ ସହକାରୀ ଦେବୋତ୍ତର କମିଶନରଙ୍କ ଦୃଷ୍ଟି ଆକର୍ଷଣ, ମନ୍ଦିର ଚର୍ତୁପାଶ୍ୱ, ରାମ ମନ୍ଦିର, ପାର୍କିଂ ସ୍ଥଳ, ଶୌଚାଳୟ ନିକଟରେ ଆଲୋକ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମନ୍ଦିର ବେଢ଼ା ମଧ୍ୟରେ ଉନ୍ନୟନ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି, ଖୁବଶିଘ୍ର କାମ ଆରମ୍ଭ ହେବ ବୋଲି ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ ବୈଠକରେ ସୂଚନା ଦେଇଥିଲେ । ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଉପ ନିର୍ଦ୍ଦେଶକ ଉଦ୍ୟାନ ମଞ୍ଜୁଳା ତ୍ରିପାଠୀ, ଆଇଆଇସି ସୌମ୍ୟରଞ୍ଜନ ମହାଲିକ, ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସକ ବନଜକାନ୍ତ ପତି, ସେବାୟତ ପ୍ରତିନିଧି ବାଳକୃଷ୍ଣ ମହାପାତ୍ର, ବୁଦ୍ଧିଜିବୀ ଲୋକନାଥ ବାରିକ ଓ କବିରାଜ ଦଳେଇ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ନୂତନ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହିତ ସଂଯୋଜନା କରିଥିଲେ ।

## ଅବକାରୀ ବିଭାଗ ଚଢାଉ : ମଦ ସହିତ ପୋଚ ନଷ୍ଟ

ଆଠଗଡ଼ ,(ସବ୍ୟୁ): ମଦ ସହିତ ପୋଚ ନଷ୍ଟ । ଏହା ନିତିଦିନିଆ ଘଟଣା । ଏହି ଚଢାଉକୁ ମଦ ମାଫିଆମାନେ ଖାତିର କରୁନାହାନ୍ତି ।ଚଢାଉ ହେବାର ଦୁଇ ଘଣ୍ଟା ମଧ୍ୟରେ ପୂର୍ବ ଭଳି ଦେଶୀ ମଦ ବ୍ୟବସାୟ ଚାଲୁଅଛି ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିଓ୍ୱାରୀ ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପଧାନ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ତିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା (ଉପରଗଡ, ଗରପଡ଼ା, ପାଇକସାହି) ,ପଣସ ପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ ମିଳିତ ଚଡାଉ କରାଯାଇ ଥିଲା । ଉକ୍ତ ଚଡାଉରେ ସର୍ବମୋଟ ୩୩୬୦ ଲିଟର ଦେଶୀ ମଦ ସହ ୨୧୩୧୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ଏବଂ ୭ ଗୋଟି ମାମଲା ରୁଜୁ କରା ଯାଇଛି । ଆଜିର ଚଢ଼ାଉରେ ରବି ନାରାୟଣ ପଧାନ ଅବକାରୀ ନିରୀକ୍ଷକ ଆଠଗଡ , ବାପି ସାହୁ,ଅବକାରୀ ଉପନିରିକ୍ଷକ,ବାଙ୍କୀ ଅବକାରୀ ଥାନା, ଅକ୍ଷୟ କୁମାର ଜେନା, ନରସିଂହପୁର, ବାଙ୍କୀ ଅବକାରୀ ବିଭାଗ ରେ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ

ବାଲିପାଟଣା ,(ସବ୍ୟୁ): ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ବାଲିପାଟଣା ସ୍ଥିତ ପ୍ରଭୁ ପସନ୍ଦ ଭବନ ଠାରେ ମଙ୍ଗଳବାର ପୂର୍ବାହ୍ନ ରେ ୯୦ ତମ ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ ଓ ସାଧନା କେନ୍ଦ୍ର ୩୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଉଣ୍ଟ ଆବୁ ଧାର୍ମିକ ପ୍ରଭାଗର ସଂଯୋଜକ ରାମନାଥ ଭାଇଜୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଶ୍ୱରୀୟ ସଂସ୍ଥା ର ସୀତା ଭଉଣୀ,ମିନି ଭଉଣି, ରଶ୍ମି ଭଉଣୀ, ସୌଭାଗ୍ୟ ଭଉଣୀ,କୁନି ଭଉଣୀ ଙ୍କ ସହିତ ନିରଞ୍ଜନ ଭାଇ,ଧରଣୀ ଭାଇ,ରମେଶ ଭାଇ,ସୁରେନ୍ଦ୍ର ଭାଇ ଓ ଥାନା ଏସ ଆଇ ପ୍ରଦୀପ ନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରାତଃ ରେ ବ୍ରହ୍ମା ଭାଇ ଭଉଣୀ ମାନେ ବାଲିପାଟଣା ଛକ ଠାରୁ ଏକ ଧର୍ମ ଶୋଭାଯାତ୍ରା ରେ ଯାଇ ସାଧନା କେନ୍ଦ୍ର ଠାରେ ପହଞ୍ଚିବା ପରେ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରାଯାଇଥିଲା ।

## ଚୋର ଗିରଫ: ବାଇକ ଫେରି ପାଇଲେ ମାଲିକ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୋଲିସ କେସ ନଂ ୨୩/ ୨୧/୧/୨୬ ର ଅନୁସନ୍ଧାନ କରି ମଙ୍ଗଳବାର ଦିନ ଜଣେ ବାଇକ ଚୋରକୁ ଗିରଫ କରିଥିବାବେଳେ ଗୋଟିଏ ବାଇକ ଉଦ୍ଧାର କରି ତାର ପ୍ରକୃତ ମାଲିକକୁ ହସ୍ତାନ୍ତର କରିଥିବା ଜଣାପଡିଛି । ସୂଚନାରୁ ଜଣାପଡିଛି ଥାନା ଏସ ଆଇ ଦୀପଳିଶା ନାୟକ ବିଶେଷ ସୂତ୍ରରୁ ଖବର ପାଇ ବେଗୁନିଆ ଥାନା କଡବ ଦେଉଳି ଗ୍ରାମର ରାଜେଶ ସେଠୀକୁ ବାଇକ ଚୋରୀ ମାମଲାରେ ଗିରଫ କରିବା ସହିତ ଏକ ଚୋରା ବାଇକ ଉଦ୍ଧାର କରିଥିଲେ । ଆଜି ଏସ ଆଇ ଶ୍ରୀମତୀ ନାୟକ ହରିରାଜପୁର କାକୁଡିଆ




ଗ୍ରାମର ବାଇକ ମାଲିକ ମନୋଜ କୁମାର ଦାସଙ୍କୁ ତାଙ୍କ ବାଇକ ହସ୍ତାନ୍ତର କରି ଚୋରକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।କିଛି ଦିନ ପୂର୍ବରୁ ଏସ ଆଇ ଶ୍ରୀମତୀ ନାୟକ ୧୫ ଟି ଚୋରା ବାଇକ ଉଦ୍ଧାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପ୍ରଶଂସା ପାତ୍ର ହୋଇଥିଲେ ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

### ଗଡ଼ମାଣିତ୍ରି ବିଜୟୀ

ଭାପୁର ,(ସବ୍ୟୁ):ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଜୟ ମହାବୀର ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଦୁର୍ଗାପୁର ଖେଳ ପଡିଆରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ ରେ ଖୋର୍ଦ୍ଧା କ୍ଲବ ଓ ଗଡ଼ମାଣିତ୍ରି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ରେଫରୀ ଏମ ଏମ ବେଗ,ଚିତ୍ତରଞ୍ଜନ ପରିଡା,ଲକ୍ଷ୍ମୀଧର ଚୌଧୁରୀ ଓ ତାଙ୍କୁ ସହଯୋଗ କରିଥିଲେ ବୈକୁଣ୍ଠ ମହାପାତ୍ର, ସୁଶାନ୍ତ ମିଶ୍ର । ମୁଖ୍ୟ ଅତିଥିଭାବେ ଶ୍ରୀଯୁକ୍ତ ବେଣୁଧର ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଶ୍ରୀ ବାଳଗୋପାଳ ଷଡ଼ଙ୍ଗୀ, ଶ୍ରୀ ପ୍ରତାପ ଚନ୍ଦ୍ର ସିଂ, ଶ୍ରୀ ରମେଶ ଚନ୍ଦ୍ର ବରା ଓ ବସନ୍ତ କୁମାର ମାଝୀ ମହାଶୟ ମାନେ ଯୋଗଦେଇଥିଲେ ଏହି ମ୍ୟାଚରେ ଅତିଥିମାନେ ଓ ମହାବୀର କ୍ଲବର ସଦସ୍ୟମାନେ ପଡିଆ ମଧ୍ୟରେ ଖେଳାଳି ମାନଙ୍କ ସହ କର ମର୍ଦ୍ଦନ କରି ଉତ୍ତମ ଓ ସୁନ୍ଦର ଖେଳ ପଦର୍ଶନ କରିବା ପାଇଁ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଟୁର୍ଣ୍ଣାମେଣ୍ଟରଗ୍ରାଣ୍ଡ ଫାଇନାଲ ଦିବସ ମ୍ୟାଚରେ ଖୋର୍ଦ୍ଧା କ୍ଲବ ଓ ଗଡ଼ମାଣିତ୍ରି କ୍ଲବ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ କୌଣସି ଗୋଲ ସ୍କୋର ହୋଇ ନଥିବା ବେଳେ ଖେଳର ଦିତୀୟାର୍ଦ୍ଧରେ ମଧ କୌଣସି ଗୋଲ ହୋଇ ନ ଥିଲା । ଫଳରେ ଟ୍ରାଏ ବ୍ରେକର ହୋଇ ଥିଲା । ତେବେ ୨. ୦ ଗୋଲରେ ଗଡ଼ମାଣିତ୍ରି କ୍ଲବ ବିଜୟୀ ହୋଇଛି । ଏହି ମ୍ୟାଚର ମୁଖ୍ୟ ରେଫରି ଏମ ଏମ ବେଗ,ଚିତ୍ତରଞ୍ଜନ ପରିଡା,ବୈକୁ= ମହାପାତ୍ର ଲାଇନରେ ରହି ସହାୟତା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ଶରତ କୁମାର ମହାପାତ୍ର ପରିଚାଳନା କରିଥିଲେ । ଏହି ମ୍ୟାଚକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଦର୍ଶକମାନେ ଆସି ଥିଲେ । ଏହି ଖେଳ ଲୋକମାନଙ୍କ ମଧ୍ୟରେ ଏକ ସଦଭାବନା ଓ ଦୃଢ଼ ମନୋଭାବ ସୃଷ୍ଟି କରିବ ବୋଲି ସ୍ଥାନୀୟ ଲୋକ ମତ ରଖିଛନ୍ତି ।

## ୧୯୭୯ ବ୍ୟାଚ ବନ୍ଧୁ ମିଳନ ଉତ୍ସବ

କାକଟପୁର , (ସବ୍ୟୁ): କାକଟପୁର ବ୍ଲକ ବାଜପୁର ଭଗବତୀ ବିଦ୍ୟାପୀଠ(୧୯୭୯) ମାଟ୍ରିକ ବ୍ୟାଚର ଚତୁର୍ଥ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ରାମଚଣ୍ଡୀଙ୍କ ପୀଠରେ ରମେଶ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ପରିବାର ଜନଙ୍କ ସହ ୩୫ ଜଣ ଯୋଗଦେଇଥିଲେ । ସର୍ବ ପ୍ରଥମେ ସାଥି ପ୍ରଫୁଲ ( ପ୍ରଫୁଲ ମହାରାଜା )ଙ୍କ ଦ୍ୱାରା ଲିଖିତ ସ୍ୱାଗତମ ବନ୍ଦନା ଗାନ କରାଯାଇ ଥିଲା ଓ ପରେ ପରେ ଇହଲୀଳା ସମ୍ବରଣ କରିଥିବା ବଂଧୁମାନଙ୍କ ସମ୍ମାନରେ ନୀରବ ପ୍ରାର୍ଥନା କରାଯାଇଥିଲା । ଉପସ୍ଥିତ ସଦସ୍ୟ ମାନଙ୍କୁ ସଂଗ୍ରାମ ସ୍ୱାଇଁ ସାଗତ ଭାଷଣ ଦେଇ ଅଭିନନ୍ଦନ ଜଣାଇଥିଲେ ।ସ୍ୱାଗତ ବନ୍ଦନା ପରେ ଉପସ୍ଥିତ ବଂଧୁମାନେ ବ୍ୟକ୍ତିଗତ ଜୀବନଯାତ୍ରା ର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ ଏବଂ ସାଥିରେ ଆସିଥିବା ପରିବାରର ଅନ୍ୟ ସଦସ୍ୟଙ୍କୁ ପରିଚୟ କରାଇ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସଂଗ୍ରାମ,ପ୍ରଫୁଲ ଓ ମେନକା, ନାରାୟଣ ବାବୁ ସଙ୍ଗୀତ ପରିବେଷଣ କରିଥିଲେ । ନିୟମିତ ବ୍ୟବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା,ଅସମୟରେ



ସବୁ ବଂଧୁଙ୍କୁ ସାହାଯ୍ୟର ହାତ ବଢ଼େଇବା ସମ୍ପର୍କ ଦୃଢ଼ କରିବା ପାଇଁ ପରସ୍ପର ସାମାଜିକ କାର୍ଯ୍ୟକ୍ରମ ରେ ମିଳିତ ହେବା ଏ ଗ୍ରୁପ ର କାର୍ଯ୍ୟକଳାପକୁ ପରିଚାଳିତ କରିବା ପାଇଁ ଗଠିତ କମିଟି ଆବାହକ ଭାବରେ ରମେଶ ସାହୁ(ଶ୍ୟାମ ରାୟ ପାଟଣା)ଙ୍କୁ ମନୋନୟନ କରାଗଲା । ଅନ୍ୟ ସଦସ୍ୟ ଭାବରେ ବିଚିତ୍ରା ନନ୍ଦ ପୃଷ୍ଟି, ନୀରଦ ବରନ ସାହୁ, ରମେଶ ଚନ୍ଦ୍ର ସାହୁ( ବାଜପୁର), ପଦ୍ମଚରଣ ସାହୁ, ସଂଗ୍ରାମ ସିଂ ସ୍ୱାଇଁ , ପ୍ରଫୁଲ କୁମାର ସାହୁ , କାର୍ତ୍ତିକ ଚନ୍ଦ୍ର ସାହୁ,ଭିକାରୀ ଚରଣ ମିଶ୍ର, ପ୍ରହଲ୍ଲାଦ ସାହୁ, ପ୍ରଶାନ୍ତ ତ୍ରିପାଠୀ , ପ୍ରସନ୍ନ ପାତ୍ର, ଈଶ୍ୱର ଚନ୍ଦ୍ର ସାହୁ , ପ୍ରମୋଦ କିଶୋର ଦାସ,ସୁବାସ ଦାସ,ଗଙ୍ଗାଧର ତୋଷ, ପାର୍ବତୀ, ନର୍ମଦା , ବନଲକ୍ଷ୍ମି , ନଳିନି , ମେନକା କୁ ମନୋନୀତ କରାଗଲା ।ବିଚିତ୍ରା ନନ୍ଦ ସମସ୍ତ ସାଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ବିପଦ ପାଲଟିଛି ରାସ୍ତା ପାର୍ଶ୍ୱ ଗଛ



କଣ୍ଟିଲୋ,(ସବ୍ୟୁ): ଖଣ୍ଡପଡା-ବାଣପୁର ପୂର୍ତ୍ତ ବିଭାଗ ରାସ୍ତା ରେ ଏକାଧିକ ମୃତ ଗଛ ଏବେ ପଥଚାରୀ ଙ୍କ ପାଇଁ ବିପଦ ସାଜିଛି ।ଗୋପୀନାଥପୁର ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ଏକାଧିକ ବୃହତକାୟ ମୃତ ଆମ୍ବ ଗଛ ଯାହାର ଡାଳ ଗୁଡିକ ରାସ୍ତାକୁ ଢାଙ୍କି ରହିଛି ଏବଂ ଯେକୌଣସି ସମୟରେ ଭାଙ୍ଗିଯିବାର ସମ୍ଭାବନା ରହିଛି । ।ଆମ୍ବ ଗଛଟି ଭାଙ୍ଗିଯିବା ଆଶଙ୍କା ଥିବାରୁ ଅଘଟଣ ଘଟିବାର ସମ୍ଭାବନା ମଧ ରହିଛି । ଏହି ରାସ୍ତା ପର୍ଯ୍ୟଟନ ସ୍ଥଳୀ ନୀଳମାଧବ ପୀଠ ତଥା ଜିଲ୍ଲା ସଦର ମହକୁମା ମୁଖ୍ୟ ରାସ୍ତା ହୋଇଥିବାରୁ ବ୍ୟସ୍ତ ବହୁଳ ରାସ୍ତା ଭାବେ ପରିଗଣିତ । ତୁରନ୍ତ ଉକ୍ତ ଆମ୍ବ ଗଛରୁ ରାସ୍ତା ମଧ୍ୟକୁ ବିପଦପୂର୍ଣ୍ଣ ଭାବେ ରହିଥିବା ଡାଳ କଟାଯିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବୀ କରିଛନ୍ତି ।

## ରାଜ୍ୟ ସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି

ବାଲିଅନ୍ତା , (ସବ୍ୟୁ) :ନହରକଣ୍ଟା ସରସତୀ ଶିକ୍ଷା ମନ୍ଦିରରେ ୨୭ତମ ରାଜ୍ୟ ସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା -୨୦୨୬ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଭାଇଭଉଣୀ ମାନଙ୍କ ଦିନ ୧୦ଟା ଠାରୁ ୧୨ଟା ମଧ୍ୟରେ ଗଣିତ, ସାହିତ୍ୟ,ବିଜ୍ଞାନ ଓ ସାଧାରଣ ଜ୍ଞାନ ଓ ମାନସିକ ଦକ୍ଷତା କୁ ନେଇ ୧୫୦ ରୁ ଅଧିକ ଶିଶୁ ଭାଇଭଉଣୀ ମାନେ ପରୀକ୍ଷା ଦେଇଥିଲେ । ଏହି ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷାକୁ ବିଦ୍ୟାଳୟର ପ୍ରତିଷ୍ଠାତା ଓ ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ, ଗୁରୁମା ମମତା ସାମଲ ,ପ୍ରଦିପ୍ତ ସାହୁ, ସୋନାଲି ପ୍ରଧାନ, ସଂଯୁକ୍ତା ରାଉତରାୟ, ମଧୁସ୍ମିତା ରାୟ ଓ ସୌଭାଗିନୀ ସାହୁ ପରିଚାଳନା କରିଥିଲେ ।

## ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଶୁଭ ଖୁଣ୍ଟି ସ୍ଥାପନ

ଦଶପଲ୍ଲା ,(ସବ୍ୟୁ): ଚଳିତ ବର୍ଷ ଦଶପଲ୍ଲା ର ଐତିହାସିକ ଭାରତ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ପାଇଁ ଆଦ୍ୟ ପର୍ବ ଶୁଭଖୁଣ୍ଟି ସ୍ଥାପନ ହୋଇଛି । ଶ୍ରୀ ରଘୁନାଥ ଜୀଉ ଓ ଶ୍ରୀ ହନୁମାନ ଜୀଉ ଙ୍କ ମନ୍ଦିର ସମ୍ମୁଖ ରେ ପାରମ୍ପରିକ ଗଛତାଳ ରେ ନିର୍ମିତ ଛାମୁଣ୍ଡିଆ ପାଇଁ ଏହି ଶୁଭ କାଠଖୁଣ୍ଟ ସ୍ଥାପନା କରାଯାଇଛି । ପବିତ୍ର ମଙ୍ଗଳବାର ତିଥି ରେ ପୂଜାର୍ଚ୍ଚନା କରାଯାଇ ଏହି ଖୁଣ୍ଟ ପୋତା ଯାଇଛି. ଶ୍ରୀ ରଘୁନାଥ ଜୀଉ ଲଙ୍କାପୋଡି ଯାତ୍ରା ପରିଚାଳନା କମିଟି ଆନୁକୂଲ୍ୟ ରେ ୧୮୦୨ ମସିହା ଠାରୁ ଆରମ୍ଭ ହୋଇଥିବା ଦଶପଲ୍ଲା ର ଏହି ରାମ ଲୀଳା ବା ଲଙ୍କାପୋଡି ଯାତ୍ରା ଚଳିତବର୍ଷ ୨୨୪ ବର୍ଷ ରେ ପଦାର୍ପଣ କରିଛି । ଚଳିତ ବର୍ଷ ପବିତ୍ର ଶ୍ରୀରାମ ନବମୀ ୨୭ ମାର୍ଚ୍ଚ ଠାରୁ ୮ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଦୀର୍ଘ ୧୩ ଦିନ ମୁଖ୍ୟ ମଞ୍ଚ ରେ ରାମାୟଣ ନାଟକ ପ୍ରଦର୍ଶିତ ହେବାସହ ଯାତ୍ରା ର ମୁଖ୍ୟ ଉତ୍ସବ ରାବଣ ବଧ ଏପ୍ରିଲ ୭ ତାରିଖ ଦିନ ଅନୁଷ୍ଠିତ ହେବ । ଶୁଭ ଖୁଣ୍ଟି ସ୍ଥାପନ ବେଳେ ପରିଚାଳନା କମିଟି ସମ୍ପାଦକ ସୂର୍ଯ୍ୟ ମଣି ଦାଶ, ଉପ ସଭାପତି ପ୍ରଦୋଷ କୁମାର ଜେନା, ବରିଷ୍ଠ କର୍ମକର୍ତ୍ତା ହାଡିବନ୍ଧୁ ମହାଖୁଡ଼, ନାଟ୍ୟସଂସଦ ସଭାପତି, ସମ୍ପାଦକ, ନାଟ୍ୟଗୁରୁ ଓ କଳାକାର ମାନେ ଉପସ୍ଥିତ ଥିଲେ ।

## ଓଜନ ହ୍ରାସ ବ୍ୟତୀତ ବାରିଆଟ୍ରିକ ସର୍ଜରୀର ଲାଭ

ଭୁବନେଶ୍ୱର (ସବ୍ୟୁ): ଓଜନ ହ୍‌ରାସ କରିବାର ବିଭିନ୍ନ ଉପଲବ୍ଧ ପଦ୍ଧତି ମଧ୍ୟରୁ ବାରିଆଟ୍ରିକ୍ ସର୍ଜରୀ ହେଉଛି ସବୁଠାରୁ ଜଣାଶୁଣା ବିକଳ୍ପ । ଏହା ଜଣେ ବ୍ୟକ୍ତିଙ୍କ ପାଚନ ପ୍ରଣାଳୀରେ ପରିବର୍ତ୍ତନ ଆଣିଥାଏ । ସବୁଠାରୁ ଅଧିକ ଥର କରାଯାଉଥିବା ପ୍ରକ୍ରିୟା ଗ୍ୟାଷ୍ଟ୍ରିକ୍ ସ୍ଲିଭ୍ ପାକସ୍ଥଳୀର ଏକ ଅଂଶକୁ ବାହାର କରିଦିଏ, ଯାହା ଏହାର ଆୟତନକୁ ସୀମିତ କରେ, ଭୋକ ହରମୋନର ଉତ୍ପାଦନ କମ୍ କରିଥାଏ ଏବଂ ଗ୍ୟାଷ୍ଟ୍ରିକ୍ ବାଇପାସ୍ ପରିସ୍ଥିତିରେ, ଏହା ଛୋଟ ପାକସ୍ଥଳୀ ପାଉଚ୍ ସୃଷ୍ଟି କରେ ଏବଂ କ୍ଷୁଦ୍ର ଅନ୍ତ୍ରକୁ ପୁନଃପଥିତ କରିଥାଏ । ଗୋଟିଏ ପକ୍ଷରେ, ଏହା ଜଣେ ବ୍ୟକ୍ତି ଖାଇପାରୁଥିବା ଖାଦ୍ୟର ପରିମାଣକୁ ସୀମିତ କରିଥାଏ ବୋଲି ଭୁବନେଶ୍ୱର ହାଇଟେକ୍ ମେଡିକାଲ୍ କଲେଜ ଏବଂ ହସ୍ପିଟାଲର ପ୍ରଫେସର ଡା. ବିରଞ୍ଚି ନାରାୟଣ ଲେଙ୍କା କହିଛନ୍ତି । ଅନ୍ୟପକ୍ଷରେ ଏହା ହରମୋନର ପରିବର୍ତ୍ତନ ଆଣିଥାଏ, ଯାହା ଶରୀରର ମେଟାବୋଲିଜିମକୁ ମୂଳ ସ୍ଥିତିକୁ ଫେରାଇ ଆଣିଥାଏ, ଭୋକର ଅନୁଭବକୁ ନିୟନ୍ତ୍ରଣ କରିଥାଏ ଏବଂ ଶରୀରର ଶର୍କରା ଏବଂ ଚର୍ବି ପ୍ରକ୍ରିୟାକରଣ କ୍ଷମତା ବୃଦ୍ଧି କରିଥାଏ । ସେ ଆହୁରି ମଧ କହିଛନ୍ତିଯେ, ଏହା ଟାଇପ ୨ ମଧୁମେହରେ ଯଥେଷ୍ଟ ଉନ୍ନତି ହେବାର ଆଶ୍ୱସ୍ତି ପ୍ରଦାନ କରେ ଏବଂ ଉଚ୍ଚ ରକ୍ତଚାପ ,ଉଚ୍ଚ କୋଲେଷ୍ଟ୍ରଲ୍ ରୋଗକୁ ମଧ ହ୍ରାସ କରେ । ଏହା ରୋଗୀମାନଙ୍କୁ ଏକକାଳୀନ ଅନେକ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାର କ୍ଲାନ୍ତିକର କାର୍ଯ୍ୟରୁ ରକ୍ଷା କରୁଛି । କିଛି କ୍ଷେତ୍ରରେ, ବାରିଆଟ୍ରିକ୍ ଅସ୍ତ୍ରୋପଚାରରୁ ମେଟାବୋଲିକ୍ ଉନ୍ନତି ଘଟିଥାଏ, ଫଳରେ ପୂର୍ବରୁ ଉନ୍ନତ ଫ୍ୟାଟି ଲିଭର ପୀଡିତ ରୋଗୀଙ୍କ ପାଇଁ ଏକ ବିକଳ୍ପ ଥିବା ଯକୃତ ପ୍ରତିରୋପଣ ଆଦୌ ଆବଶ୍ୟକ ନ ହୋଇପାରେ । ଏହାର ଲାଭ ମେଡିକାଲ ଚାର୍ଟ ବାହାରେ, ଦୈନନ୍ଦିନ ଜୀବନର ସାଧାରଣ ଆବଶ୍ୟକତା ମଧ୍ୟରେ ସାମିଲ ହୋଇଛି । ଯେପରିକି ସ୍ଲିପ୍ ଆପ୍ନିଆ ଚିକିତ୍ସା ପରେ ସାରା ରାତି



ସହଜରେ ନିଶ୍ୱାସ ନେବାର ଆନନ୍ଦ, ଯାହା ଫଳରେ ଦିନସାରା ଭଲ ନିଦ ଏବଂ ଅବାଧ ଶକ୍ତି ମିଳିଥାଏ । ଏହା ହୃଦରୋଗ, ଷ୍ଟ୍ରୋକ୍, ମଧୁମେହ ଏବଂ କିଛି କର୍କଟ ରୋଗରୁ ମୃତ୍ୟୁର ଆଶଙ୍କାକୁ ବହୁ ପରିମାଣରେ ହ୍‌ରାସ କରିଥାଏ ଏବଂ ଏହା ଅଣ-ଶଲ୍ୟଚିକିତ୍ସା ପଦ୍ଧତି ସହିତ ସମାନ ଅଟେ । ରୋଗୀଙ୍କ ଖାଦ୍ୟ ଏବଂ ବ୍ୟାୟାମ ପ୍ରତି ଉତ୍ସର୍ଗୀକୃତ ଭାବ ହିଁ ଅସ୍ତ୍ରୋପଚାରକୁ ଆଗାମୀ ବର୍ଷ ପାଇଁ ରୋଗୀଙ୍କ ପରିବର୍ତ୍ତନ ଏବଂ ସ୍ୱାସ୍ଥ୍ୟ ସଂରକ୍ଷଣରେ ଏହାର ମୁଖ୍ୟ ଭୂମିକା ଭାବରେ ଦାବି କରିବାକୁ ସୁଯୋଗ ଦେଇଥାଏ । ବାରିଆଟ୍ରିକ୍ ସର୍ଜରୀ ସଠିକ୍ ବ୍ୟକ୍ତିଙ୍କ ପାଇଁ ଶେଷ କଥା ନୁହେଁ । ଏହା ଏକ ଜୀବନର ଆରମ୍ଭ ଯାହା ରୋଗର ପ୍ରତିବନ୍ଧକ ଦ୍ୱାରା ପ୍ରଭାବିତ ହୋଇନଥାଏ, ବରଂ ସ୍ୱାସ୍ଥ୍ୟ, ସୁଯୋଗ ଏବଂ ପୁନର୍ଜୀବିତ ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ ।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଜିଲ୍ଲା ପ୍ରଶାସନର ଅଣଦେଖା

## ଅନୁଦାନ ଥାଇ ବି ହୋଇପାରୁନି ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ

ଖଣ୍ଡପଡ଼ା, (ସବ୍ୟୁ): ନୟାଗଡ଼ ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ପଞ୍ଚାୟତର ରତନପୁର ଗ୍ରାମକୁ PMI ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି ।ବାରମ୍ବାର ଦାବି ପରେ ମଧ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣରେ ପ୍ରଶାସନିକ ଉଦାସୀନତା ଦେଖା ଦେବା ପରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ ନେଇ ନୟାଗଡ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା । ନୟାଗଡ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ରାସ୍ତା ନିର୍ମାଣ ନେଇ ତତ୍ପରତା ଦେଖାଇ ଥିଲା । ପରେ ଗ୍ରାମକୁ PMI ରାସ୍ତା ନିର୍ମାଣ ହେବା ନେଇ ଗ୍ରାମବାସୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିବା ବେଳେ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ



ରାସ୍ତା ନିର୍ମାଣ ନେଇ ଗତ ୬ ମାସ ତଳେ ସରକାରୀ ଜାଗା ଚିହ୍ନଟ ଓ ଲେ ଆଉଟ କାର୍ଯ୍ୟ ଶେଷ ହୋଇଛି ।ରାସ୍ତା ନିର୍ମାଣ ନେଇ ଆବଶ୍ୟକ ଜାଗା ଚିହ୍ନଟ ପରେ ଉକ୍ତ ଜାଗାରେ ଥିବା କିଛି ଗଛ ଗୁଡିକ କଟାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି ।ତେବେ ରାସ୍ତା ନିର୍ମାଣ ନେଇ ପ୍ରସ୍ତାବିତ ଜାଗାରୁ ଗଛ କାଟିବା ନିମନ୍ତେ ବନ ବିଭାଗ ଅନୁମତି ପ୍ରଦାନ କରିବାର ଆବଶ୍ୟକତା ଥିବାରୁ ଏ ନେଇ ବିଳମ୍ବ ହେଉଥିବା ଜଣାପଡିଛି ।ତେଣୁ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଓ ନୟାଗଡ ବନଖଣ୍ଡ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।ସୂଚନା ଯୋଗ୍ୟ କଣ୍ଟିଲୋରୁ ଗଣିଆକୁ ସଂଯୋଗ କରୁଥିବା ୪୮ ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ରତନପୁର ଗ୍ରାମକୁ ରାସ୍ତା ନିର୍ମାଣରେ କେତେକ ଜବରଦଖଲକାରୀ ବାଧକ ସାଜିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି ।ଗ୍ରାମର ୬୩୦ ନଂ ପ୍ଲଟ ସରକାରୀ ରାସ୍ତା କିସମର ଜମିକୁ ଅନଧିକାର ଭାବେ ଜବରଦଖଲକାରୀମାନେ ବାଡ ବନ୍ଦି କରି ନିଜ ଅକ୍ତିଆରରେ ରଖିଥିବାରୁ ରାସ୍ତା ନିର୍ମାଣରେ ସମସ୍ୟା ସୃଷ୍ଟି ହେଉଥିବା ବେଳେ ରାସ୍ତା ନିର୍ମାଣ ନେଇ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ନିକଟରେ ଅନୁଦାନ ଅର୍ଥ ଗତ ୫ ବର୍ଷ ଧରି ପଡି ରହିଥିବା ଜଣାପଡିଛି ।ବର୍ଷା ଋତୁ ପୂର୍ବରୁ ରତନପୁର ଗ୍ରାମକୁ PMI ରାସ୍ତା ନିର୍ମାଣ ନିମନ୍ତେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।ପ୍ରକାଶଥାଉକି ଗ୍ରାମକୁ ଭଲ ରାସ୍ତାଟି ଏ ନଥିବାରୁ ସ୍ଥାନୀୟ ବାସିନ୍ଦା ଜରୁରୀକାଳୀନ ପରିସ୍ଥିତିରେ ୧୦୮, ୧୦୨ ଆମ୍ବୁଲାନ୍ସ ସେବା ଓ ଅଗ୍ନିଶମ ସେବା ପରି ମୌଳିକ ସେବାରୁ ବଞ୍ଚିତ ହୋଇଥିବା ଜଣାପଡିଛି ।

## ବାଲ୍ୟ ବିବାହ ରୋକିବାରେ କିଶୋରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କୋଣାର୍କ,(ସବ୍ୟୁ): ବାଲ୍ୟ ବିବାହର ମୂଳୋତ୍ପାଟନର ସମାଜର ସୁ ବର୍ଗର ଲୋକଙ୍କ ଭୂମିକା ରହିଛି । ତେବେ କିଶୋରୀମାନେ ଶିକ୍ଷିତ ଓ ସଚେତନ ହେଲେ ବାଲ୍ୟ ବିବାହ ପରି ସାମାଜିକ ଅପରାଧକୁ ରୋକାଯାଇପାରିବ ବୋଲି ଆଇସିଡିଏସ ପକ୍ଷରୁ ଆୟୋଜିତ କିଶୋରୀ ମେଳାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । କିଶୋରୀମାନେ ହିଁ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ମତ ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗୋପ୍‌ ଲକର ନାଖଣ୍ଡି ପଞ୍ଚାୟତ ଓ ସିମିଳି ପଞ୍ଚାୟତରେ କିଶୋରୀ ମେଳା-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଗୋପ ସିଡିପିଓ ମୀନାକ୍ଷି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଆଇସିଡିଏସର କୋଣାର୍କ ସେକଟର ସୁପରଭାଇଜର ବବିତା ସଓ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କିଶୋରୀ ମେଳାରେ ଶତାଧିକ କିଶୋରୀ ଯୋଗଦେଇ 'ବାଲ୍ୟ ବିବାହ' ଶୀର୍ଷକ ବକ୍ତୃତା, ଝୋଟି ଓ ପୁଚି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମଙ୍ଗଳବାର ଆଇସିଡିଏସ ସୁପରଭାଇଜର ବବିତା ସଓ୍ୱାଇଁଙ୍କ ଅଧ୍ୟକ୍ଷତାରେ ଭୈରବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ପ୍ରଧାନଶିକ୍ଷୟିତ୍ରୀ କାଜଲାଳା ପରିଡ଼ା, ସ୍କୁଲ ପରିଚାଳନା କମିଟି ସଭାପତି ମଙ୍ଗରାଜ ସ୍ୱାଇଁ, ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ବିଶ୍ୱାଳ ଓ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ଅତିଥିରୂପେ ଯୋଗଦେଇ ବାଲ୍ୟ ବିବାହ ନିୟନ୍ତ୍ରଣ ସଂପର୍କରେ ଆଲୋଚନା କରିବା ସହିତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା କିଶୋରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଉଭୟ ପଞ୍ଚାୟତର ସମସ୍ତ ଅଙ୍ଗନଓ୍ୱାଡ଼ି କର୍ମୀ କିଶୋରୀ ମେଳାରେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୨/୪୪)

ସାଂଖ୍ୟଯୋଗଃ

ଶ୍ରୀଭଗବାନୁବାଚ

ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ॥ ୪୪ ॥

(ଯଦି କହ, କାମିମାନେ କଷ୍ଟକର କାମନାସବୁ ପରିତ୍ୟାଗ କରି ନିଶ୍ଚୟ ବୁଦ୍ଧିକୁ ଆଶ୍ରୟ କରନ୍ତି ନାହିଁ କାହିଁକି ? ସେଥିପାଇଁ କହୁଛନ୍ତି)– ହେ ପାର୍ଥ ! ଯେଉଁ ମୂଢ଼ମାନେ କର୍ମଫଳର ପ୍ରଶଂସାବାଚକ ବେଦବାକ୍ୟରେ ଆସକ୍ତ ଏବଂ (ଏହା ଭିନ୍ନ ଅନ୍ୟ କୌଣସି ଜ୍ଞାତବ୍ୟ ବିଷୟ ନାହିଁ) ଏପରି କହନ୍ତି, ସେହିସବୁ କାମନାପରାୟଣ, ସ୍ୱର୍ଗାଭିଳାଷୀ ମୂଢ଼ମାନେ ଜନ୍ମ, କର୍ମ ଓ କର୍ମଫଳପ୍ରଦ ଭୋଗୈଶ୍ୱର୍ଯ୍ୟର ସାଧକ ଏବଂ ନାନାବିଧ କ୍ରିୟାବିଶେଷର ବାହୁଲ୍ୟବିଶିଷ୍ଟ ଯେଉଁସବୁ ଆପାତତଃ କର୍ଣ୍ଣସୁଖ ଜନିତ ବାକ୍ୟ ପ୍ରୟୋଗ କରିଥାନ୍ତି, ସେଥିରେ ଅପହୃତଚିତ୍ତ, ଭୋଗୈଶ୍ୱର୍ଯ୍ୟରେ ଏକାନ୍ତ ଆସକ୍ତ ବ୍ୟକ୍ତିମାନଙ୍କର କାର୍ଯ୍ୟାକାର୍ଯ୍ୟନିର୍ଣ୍ଣୟକାରିଣୀ ବୁଦ୍ଧି ସ୍ଥିର ହୋଇ ରହେ ନାହିଁ । ॥ ୪୪॥

# ବିଧାନସଭାକୁ ବିରୋଧୀ ଦଳ ଅଚଳ କରୁଛନ୍ତି କାହିଁକି ?

ଓଡ଼ିଶା ବିଧାନସଭାର ଚଳିତ ବଜେଟ ଅଧିବେଶନ ଗତ ଏପ୍ରିଲ ୧୭ ତାରିଖରୁ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସୁରୁଖୁରୁରେ ଚାଲି ପାରିନାହିଁ । ମୁଖ୍ୟ ବିରୋଧୀ ଦଳ ବିଜେଡିର ନେତା ନବୀନ ପଟ୍ଟନାୟକଙ୍କ ପ୍ରତି ଜନସାଧାରଣଙ୍କର ସମ୍ମାନ ରହିଥିଲେ ମଧ୍ୟ ତାଙ୍କ ନେତୃତ୍ୱରେ ଦଳ ଠିକ୍ ଭାବେ ଚାଲି ପାରୁନାହିଁ ବୋଲି କୁହାଯାଉଛି । ଦ୍ୱିତୀୟ ବିରୋଧୀ ଦଳ କଂଗ୍ରେସର ସେପରି କୌଣସି ବଳିଷ୍ଠ ଭୂମିକା ଥିବା ପରି ଜଣା ପଡୁନାହିଁ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଦଳର କେତେଜଣ ମାନି ଚାଲୁଥିଲେ ମଧ୍ୟ ଆଉ କେତେଜଣ ଅମାନିଆ ହୋଇ ଦଳ ଏପରି ଚାଲିପାରିବ ନାହିଁ ବୋଲି ପ୍ରକାଶ କରି ଖୋଲାଖୋଲି ବିଦ୍ରୋହ ଆରମ୍ଭ କରି ଦେଲେଣି ।

ପାଟକୁରାର ଯୁବ ବିଧାୟକ ଅରବିନ୍ଦ ମହାପାତ୍ର, ନବୀନ ପଟ୍ଟନାୟକଙ୍କୁ ସମ୍ମାନ ପ୍ରଦର୍ଶନ କରି ଆସୁଥିବା ବେଳେ, ସେହି କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ କେତେକ ନେତା ଅସହିଷ୍ଣୁ ହୋଇ ତାଙ୍କ ବିରୋଧରେ ନାନାଦି ଷଡଯନ୍ତ୍ର ଆରମ୍ଭ କରିଛନ୍ତି ବୋଲି ସେ ଅଭିଯୋଗ କରୁଛନ୍ତି । ନବୀନ ବାବୁ ପୁରୁଣା କେତେକ ନେତାଙ୍କ କଥା ମାନି ଯଦି ଯୁବ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଛନ୍ତି, ତା ହେଲେ ଦୀର୍ଘ ଦିନ ଧରି ନିଲମ୍ବନର କାରଣ ସେ ଦର୍ଶାଇ ପାରୁ ନାହାନ୍ତି କାହିଁକି ? ନବୀନ ବାବୁ ପର କଥାରେ ପଡ଼ି ଥିବା ବିଧାୟକ ଶ୍ରୀ ମହାପାତ୍ର ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି ଦଳର ମୁଖପାତ୍ରଙ୍କ ଜରିଆରେ କୁହାଇ ଦେଉଛନ୍ତି । ଦୁଃଖର କଥା, ଦଳର ଜଣେ ମୁଖପାତ୍ର ପିଲାକିଆ ଢଙ୍ଗରେ ନବୀନ ବାବୁଙ୍କ ବିରୋଧରେ ଯୁବ ବିଧାୟକ 'ମିଡ୍ ଡେ ଅପରେସନ' କରୁଥିଲେ ବୋଲି ସାମ୍ବାଦିକ ସମ୍ମିଳନୀ କରି କହିଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହୁଏ । କାରଣ କୌଣସି ଠୋସ ପ୍ରମାଣ ନଥାଇ ଜଣେ ମାନ୍ୟବର ବିଧାୟକଙ୍କ ବିରୋଧରେ ଏପରି ଅଭିଯୋଗ ଅଣାଯିବା କେତେଦୂର ଯଥାର୍ଥ ?

**ଏବେ ଲୋକଙ୍କ ନଜରରୁ ନିଜ ଦଳର ଗୋଷ୍ଠୀ କନ୍ଦଳକୁ ଦୂରେଇ ରଖିବାକୁ ନବୀନ ବାବୁ କୁଆଡେ ବିଧାନସଭା ବାହାରେ ବିରାଟ ଏକ ସଭା କରିବା ସହିତ ଅଧିବେଶନକୁ ବାରମ୍ବାର ମୁଲତବୀ ରଖାଯିବାକୁ ଯେପରି ପ୍ରଶ୍ରୟ ଦେଉଛନ୍ତି, ତାହା ଉଚିତ ହେଉନାହିଁ । ନୂଆପଡ଼ା ଉପ-ନିର୍ବାଚନରେ ତାଙ୍କର ଦଳ ହାରିଯିବା ପରେ ମଧ୍ୟ ସେ ସେଥିରୁ କୌଣସି ଶିକ୍ଷା ଲାଭ ନ କରିବା ଦୁର୍ଭାଗ୍ୟଜନକ ଘଟଣା ବୋଲି ସାଧାରଣରେ ଏବେ କୁହାଯାଉଛି ।**

ସେଥିପାଇଁ କୁହାଯାଇଛି ଯେ ଚୋରି ବିଦ୍ୟା ନେଇ ଜାଣି ଥୋଇ ପାରିଲେ, ଭଲ ହେବ । ନଚେତ୍ ଧରାପଡ଼ିବା ହିଁ ସାର ହେବ କିମ୍ବା 'ଠାକୁର ଘରେ କିଏ ? ନା' ମୁଁ କଦଳୀ ଖାଇନାହିଁ' ପରି ହେବ । ସେହିପରି କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ମହାକୁଡ଼ ଯେତେବେଳେ ସ୍ୱାଧୀନ ବିଧାୟକ ଥିଲେ, ସେତେବେଳେ ଉପରେ ପଡ଼ି ବିଜେଡିର ନେତା ଓ ଅଫିସରମାନେ ତାଙ୍କୁ ସମ୍ମାନ ଦେଇ ଆସୁଥିଲେ । ମାତ୍ର ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପାର୍ଟି ତାଙ୍କୁ ଟିକେଟ ଦେବାରୁ ସେ ନିର୍ବାଚିତ ହୋଇ ବିଧାୟକ ହେଲେ । ବିଜେଡି ଦଳର କେତେକ ନେତା ତାଙ୍କୁ କୁଆଡେ ସହି ନ ପାରି ତାଙ୍କ ବିରୋଧରେ ମଧ୍ୟ ଷଡଯନ୍ତ୍ର ରଚନା କଲେ । ସେ ବିଜେଡିର କେତେକ ସଭାକୁ ବ୍ୟକ୍ତିଗତ କାରଣରୁ ଆସି ପାରି ନଥିଲେ । ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର ବିଧାୟକ । ତେଣୁ ନିଜ ଜିଲ୍ଲା ବା ନିଜ ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ସେ ନିଜ ଜିଲ୍ଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଜଣେ ବିଧାୟକ ଭାବେ ଭେଟିବା କ'ଣ ଏକ ଅପରାଧ ? ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀ ଦଳର ନେତା ନବୀନ ବାବୁ ଏଥିରେ ଖୁସି ହେବା କଥା । ଗତ ୨୦୨୪ରେ ତାଙ୍କ ଦଳର ଶାସନ ବଦଳି ଯାଇ ଏକାକୀ ବିଜେପି ରାଜ୍ୟରେ ସରକାର ଗଢ଼ିଲା । ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଘରକୁ ଯାଇ ତାଙ୍କୁ ଶପଥ ଗ୍ରହଣ ଉତ୍ସବକୁ ଆସିବାକୁ ନିଜେ ନିମନ୍ତ୍ରଣ କରିଥିଲେ ଏବଂ ନବୀନ ବାବୁ ଆସିବାରୁ ତାଙ୍କୁ ମଞ୍ଚାସୀନ କରାଇ ବଡ଼ ବଡ଼ ନେତାମାନଙ୍କ ସହିତ ପ୍ରଥମ ଧାଡ଼ିରେ ବସିବାକୁ ସୁଯୋଗ ସେ ଦେଇଥିଲେ । ତେଣୁ ସେହି ନବୀନ ବାବୁ ଦଳକୁ ବିଭ୍ରାନ୍ତ କରୁଥିବା ନେତାମାନଙ୍କ କଥାରେ ନ ପଡ଼ି, ଦୁଇଜଣ ଦଳୀୟ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିବା କ'ଣ ଠିକ୍ ପଦକ୍ଷେପ ? ବିଜେଡିର ଯେଉଁ ତୁଙ୍ଗ ନେତାମାନେ ତାଙ୍କୁ ଭଲ ପରାମର୍ଶ ଦେଇ ପାରନ୍ତେ, ନବୀନ ବାବୁ ସେମାନଙ୍କୁ ନ ପଚାରି କୁଆଡ଼େ ଦଳେ ଖୋସାମତିଆ ଓ ବଟିପେଲାଙ୍କ କଥାରେ ଚାଲୁଛନ୍ତି ବୋଲି ସାଧାରଣରେ ଏବେ ଚର୍ଚ୍ଚା ଜୋର ଧରିଛି । ଏହା ଯଦି ହୁଏ, ତା ହେଲେ ଉଭୟ ବିଧାୟକ ବିଜେପି ଆଡକୁ ଢଳିପାରନ୍ତି ବୋଲି ଅନୁମାନ କରାଯାଉଛି ।

ଏବେ ଲୋକଙ୍କ ନଜରରୁ ନିଜ ଦଳର ଗୋଷ୍ଠୀ କନ୍ଦଳକୁ ଦୂରେଇ ରଖିବାକୁ ନବୀନ ବାବୁ କୁଆଡେ ବିଧାନସଭା ବାହାରେ ବିରାଟ ଏକ ସଭା କରିବା ସହିତ ଅଧିବେଶନକୁ ବାରମ୍ବାର ମୁଲତବୀ ରଖାଯିବାକୁ ଯେପରି ପ୍ରଶ୍ରୟ ଦେଉଛନ୍ତି, ତାହା ଉଚିତ ହେଉନାହିଁ । ନୂଆପଡ଼ା ଉପ-ନିର୍ବାଚନରେ ତାଙ୍କର ଦଳ ହାରିଯିବା ପରେ ମଧ୍ୟ ସେ ସେଥିରୁ କୌଣସି ଶିକ୍ଷା ଲାଭ ନ କରିବା ଦୁର୍ଭାଗ୍ୟଜନକ ଘଟଣା ବୋଲି ସାଧାରଣରେ ଏବେ କୁହାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)

samayaeditorial2021@gmail.com

ଏହି ପୃଷ୍ଠାରେ ପ୍ରକାଶିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପାଣିନୀଙ୍କ ଠାରୁ ଏଆଇ ଷ୍ଟାକ୍ ପର୍ଯ୍ୟନ୍ତ : ଦିଲ୍ଲୀର ଏଆଇ ମଞ୍ଚରେ ଜାତୀୟ କ୍ଷମତାର ନୂତନ ପରିଭାଷା



**ହରଦୀପ ସିଂ ପୁରୀ**
କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ

ପ୍ରାଚୀନ ଭାରତର ମହାନ ବ୍ୟାକରଣବିଦ୍ ପାଣିନୀ ଯେତେବେଳେ କଥିତ ଭାଷାର ଅବ୍ୟବସ୍ଥାକୁ ଏକ ସଂକ୍ଷିପ୍ତ, ସଂରଚିତ ଏବଂ ଗଣନାସଂଗତ ବ୍ୟାକରଣରେ ପରିଣତ କରିଥିଲେ, ସେ ଏକ ଶାଶ୍ୱତ ସତ୍ୟକୁ ପ୍ରମାଣିତ କରିଥିଲେ, ବୁଦ୍ଧିମତ୍ତା ସବୁଠାରୁ ପ୍ରଭାବଶାଳୀ ହୁଏ ଯେତେବେଳେ ତାହାକୁ ସଂରଚନାତ୍ମକ ଭାବରେ ପ୍ରକାଶ କରାଯାଏ। ଜ୍ଞାନକୁ ବ୍ୟବସ୍ଥିତ କରିବାର ଏହି ପ୍ରବୃତ୍ତି ପରବର୍ତ୍ତୀ କାଳରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆନୁଷ୍ଠାନିକ ରୂପ ନେଇଥିଲା, ଯେଉଁଠାରେ ଜ୍ଞାନକୁ ସୀମାତୀତ କରି ବିତର୍କ, ସଂରକ୍ଷଣ ଏବଂ ପ୍ରସାରଣ ପାଇଁ ଏକ ସୁଦୃଢ଼ ଢାଞ୍ଚା ଗଠିତ ହୋଇଥିଲା । ଭାରତ କୃତ୍ରିମ ପ୍ରଜ୍ଞା (ଏଆଇ) ପ୍ରଭାବ ସମ୍ମିଳନୀ ୨୦୨୬ ଆୟୋଜନ କରିବାର ସିଦ୍ଧାନ୍ତ ସମାନ ଧରଣର ସଭ୍ୟତାଗତ ଚିନ୍ତାଧାରାରୁ ହିଁ ଆସିଥିଲା । କାରଣ ପ୍ରଯୁକ୍ତି ବିଦ୍ୟାରେ ପରବର୍ତ୍ତୀ ଯେଉଁ ବିରାଟ ପ୍ରଗତି ଘଟିବାକୁ ଯାଉଛି ତାହା ଏହିଭଳି ବ୍ୟବସ୍ଥା ବିଷୟରେ ଯାହା ଶିକ୍ଷାଲାଭ କରାଯାଇ ପାରିବ, ଯୁକ୍ତି କରାଯାଇ ପାରିବ ଏବଂ ମାତ୍ରାରେ କାର୍ଯ୍ୟ କରିପାରିବ ଏବଂ ବିଶ୍ୱ ଏପରି ଭବିଷ୍ୟତ ନିମନ୍ତେ ଯୋଗ୍ୟ କି ନୁହେଁ, ଯେଉଁଥିରେ କେବଳ କିଛି ରାଷ୍ଟ୍ରର ପ୍ରାଣକେନ୍ଦ୍ର (ରାଜଧାନୀ) କେବଳ ନିଷ୍ପତ୍ତି ନେବେ ଯେ ସେହି ବ୍ୟବସ୍ଥାଗୁଡ଼ିକ କିପରି ଗଠିତ ହେବ । ଗତ ସପ୍ତାହରେ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ଏହି ଶିଖର ସମ୍ମିଳନୀ ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ରମାନଙ୍କ ଦ୍ୱାରା ଆୟୋଜିତ ପ୍ରଥମ ବୈଶ୍ୱିକ ସମ୍ମିଳନୀ ଥିଲା । ଏହାର ପୂର୍ବବର୍ତ୍ତୀ ସଂସ୍କରଣରେ ଏହି ମାତ୍ରାର ଅଂଶଗ୍ରହଣ କଦାପି ଆକର୍ଷିତ ହୋଇ ପାରିନଥିଲା । ଚଳିତ ଶିଖର ସମ୍ମିଳନୀରେ ପୃଥିବୀର ୧୦୦ଟି ରାଷ୍ଟ୍ରରୁ ୨୦ ଜଣ ରାଷ୍ଟ୍ରମୁଖ୍ୟ, ୬୦ଟି ରାଷ୍ଟ୍ରର ମନ୍ତ୍ରୀ, ୫୦୦ରୁ ଅଧିକ ଏ.ଆଇ. ନେତା ଏବଂ ପାଭିଲିଅନରେ ଦଶଗୋଟି ବିଷୟ ଉପରେ ୩୦୦ ପ୍ରଦର୍ଶନକାରୀ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତ ନିଜର ଏଭଳି ବ୍ୟାପକ ମାତ୍ରାର କାର୍ଯ୍ୟକ୍ରମ ଆୟୋଜନ ଚିନ୍ତାଧାରାକୁ ସାକାର କରି ଆଗକୁ ଆଗେଇ ଚାଲିଛି । ଏଥିରେ ତଥ୍ୟ ସମ୍ପର୍କୀତ ସାର୍ବଭୌମତ୍ୱ, ଡିଜାଇନ ଦ୍ୱାରା ଅନ୍ତର୍ଭୁକ୍ତିକରଣ, ପୂର୍ବ ନିର୍ଦ୍ଧାରିତ ଭାବରେ ଉତ୍ତର ଦାୟିତ୍ୱକୁ ସୁନିଶ୍ଚିତ କରିବାର ପ୍ରାବଧାନ ରହିଛି । ଏହିସବୁ ସର୍ତ୍ତ ଅନୁସାରେ ବିଭିନ୍ନ ବୈଶ୍ୱିକ ନେତୃବର୍ଗଙ୍କୁ ଭାରତରେ ସେମାନଙ୍କର ଉତ୍ପାଦ ନିର୍ମାଣ ନିମନ୍ତେ ଆମନ୍ତ୍ରଣ କରାଯାଉଛି । ଏଭଳି ଚିନ୍ତାଧାରା ପ୍ରଧାନମନ୍ତ୍ରୀଙ୍କ ଏମଏଏନଏଭି ପରିକଳ୍ପନାରେ ତୀବ୍ର ଭାବରେ ପ୍ରତିଫଳିତ ହୋଇଛି : ଏହା ପଛରେ ରହିଛି ନୈତିକ ସୁରକ୍ଷା ବ୍ୟବସ୍ଥା, ଦାୟିତ୍ୱପୂର୍ଣ୍ଣ ଶାସନ ତଥା ଉତ୍ତରଦାୟିତ୍ୱ, ତଥ୍ୟ ଉପରେ ସାର୍ବଭୌମତ୍ୱ ଅଧିକାର ଯାହା ଦ୍ୱାର କୃତ୍ରିମ ବୁଦ୍ଧିମତ୍ତାର କଞ୍ଚାମାଲକୁ ଯେପରି ପୂର୍ବରୁ ଅନ୍ୟାନ୍ୟ ସାମଗ୍ରୀ କ୍ଷେତ୍ରରେ ଆହରଣ କରାଯାଉଥିବା, ସେପରି ଆହରଣ କରାଯାଇ ନପାରିବ । ବ୍ୟାପକ ଉପଲବ୍ଧତା ଫଳରେ ଯେପରି ଏହାର ସୁଫଳ ମଧ୍ୟପ୍ରଦେଶର କୃଷକମାନଙ୍କ ନିକଟରେ ପହଞ୍ଚି ପାରିବ ଯାହାକି ବେଙ୍ଗାଲୁରୁର ଜଣେ ଇଞ୍ଜିନିୟରଙ୍କ ପାଖରେ ପହଞ୍ଚି ପାରୁଛି ଏବଂ ଏହାର ଆଇନଗତ ବୈଧତା ମଧ୍ୟ ରହିବ ଯାହା ଫଳରେ ପ୍ରତ୍ୟେକ ନିୟୋଜିତ ବ୍ୟବସ୍ଥା ଗଣତାନ୍ତ୍ରିକ ଯାଞ୍ଚ ନିମନ୍ତେ ଉତ୍ତରଦାୟୀ ରହିପାରିବ । କୃତ୍ରିମ ପ୍ରଜ୍ଞା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରାଟି ହେଲା ଏହା ମଣିଷ ହାତରେ କମାଣ୍ଡ ରଖିବା ସହିତ କୃତ୍ରିମ ପ୍ରଜ୍ଞାକୁ ଏକ ମୁକ୍ତ ଆକାଶ ଯୋଗାଇ ଦିଆଯିବ । ଏହାରି ଉପରେ ତାଙ୍କର ଢାଞ୍ଚା ରେଖାଙ୍କିତ କରେ ଯାହାକି ବିଶ୍ୱର ଅନେକ ଧନୀକ ରାଷ୍ଟ୍ର ଗ୍ରହଣ କରିବାକୁ ନାରାଜ।

ସେହି ନୀତିଗୁଡ଼ିକ ସମ୍ପ୍ରତି ଦିଲ୍ଲୀ ଘୋଷଣାନାମା ଜରିଆରେ ବହୁପକ୍ଷୀୟ ମହତ୍ତ୍ୱ ବହନ କରୁଛି । ଏ.ଆଇ. ପ୍ରଭାବ ସମ୍ମିଳନୀରେ ଗୃହୀତ ଏବଂ ଏହା ପୂର୍ବରୁ ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧର ପ୍ରଥମ ପ୍ରମୁଖ କୃତ୍ରିମ ପ୍ରଜ୍ଞା ନିୟନ୍ତ୍ରିତ ବ୍ଲୁପ୍ରିଣ୍ଟ କୁହାଯାଉଥିବା, ଏକ ବିକାଶମୁଖୀ ଦୃଷ୍ଟିକୋଣ ଆହରଣ କରି, ଏକ ପ୍ରଯୁକ୍ତିଭିତ୍ତିକ ତଥା ଆଇନସିଦ୍ଧ ପଦ୍ଧତି ଜରିଆରେ ଅନୁବନ୍ଧିତ କଠୋର ଅନୁପାଳନ ଉପରେ ନମନୀୟ ସୁରକ୍ଷା ବ୍ୟବସ୍ଥାକୁ ଦୃଢ ଭାବରେ ସମର୍ଥନ ଯୋଗାଏ । ଏହି ତିନିଗୋଟି ପ୍ରମୁଖ ସ୍ତମ୍ଭ ଚତୁଃପାର୍ଶ୍ୱରେ ବିଶ୍ୱସ୍ତରୀୟ ସହଯୋଗକୁ ମଧ୍ୟ ସଂଗଠିତ କରେ । ତାହା ହେଲା: ମାନବ ସମାଜ, ପୃଥିବୀ ଏବଂ ପ୍ରଗତି । ୨୨ଗୋଟି ଭାରତୀୟ ଭାଷାକୁ ସମର୍ଥନ କରୁଥିବା ଭାରତଜେନ୍ ଭଳି ଜନସଂଖ୍ୟା ପର୍ଯ୍ୟାୟର ସମାଧାନ, ବିଶ୍ୱର ଅଧିକତର ରାଷ୍ଟ୍ର ଇଂରାଜୀ ଭାଷା ମାଧ୍ୟମରେ କାର୍ଯ୍ୟ କରାନ୍ତି ନାହିଁ ବୋଲି ରହିଥିବା ବାସ୍ତବତାର ସମସ୍ୟାକୁ ସମାଧାନ କରେ। ଭାରତର ନିଜସ୍ ସବସିଡଯୁକ୍ତ ଜି.ପି.ୟୁ. ବର୍ତ୍ତମାନ ଘଣ୍ଟାକୁ ୬୫ ଟଙ୍କା ମୂଲ୍ୟର ପ୍ରବେଶ ଉପରେ ପ୍ରତିବନ୍ଧିତ ଏକ ପ୍ରସ୍ତାବିତ ବିଶ୍ୱ କମ୍ପ୍ୟୁଟ ବ୍ୟାଙ୍କ୍ । ଏହା ସର୍ବତ୍ର ଉପଲବ୍ଧ ପ୍ରତିବନ୍ଧକକୁ ହ୍ରାସ କରେ । ଏହା ବ୍ୟତୀତ ଡାଟାର ସାର୍ବଭୌମତ୍ୱ ଉପରେ ଘୋଷଣାନାମାର ଗୁରୁତ୍ୱକୁ ସିଧାସଳଖ କୃତ୍ରିମ ପ୍ରଜ୍ଞା ଅତିରିକ୍ତ ସକ୍ରିୟତାକୁ ମଧ୍ୟ ଚାଲେଞ୍ଜ କରେ । ଏହି ଧାରା ଅନୁସାରେ ବିକାଶଶୀଳ ରାଷ୍ଟ୍ରମାନଙ୍କର ତଥ୍ୟ ସଂଗୃହୀତ ହୋଇଥାଏ ଏବଂ ମଡେଲଗୁଡ଼ିକୁ ତାଲିମ ପ୍ରଦାନ କରିବା ସକାଶେ ସେମାନଙ୍କୁ ବ୍ୟବହାର କରିବା ଲାଗି ଦେୟ ଦେବାକୁ ପଡ଼େ। ଏହି ଢାଞ୍ଚାକୁ ଯାହା ଯାହା ବିଶ୍ୱସନୀୟତା ପ୍ରଦାନ କରେ ତାହା ହେଲା ଦୀର୍ଘ ଦଶନ୍ଧି ଧରି ଏହାକୁ ରୂପାୟନ କରାଯାଇ ସେଥିରୁ ଉପଲବ୍ଧ ଅନୁଭୂତି । କାରଣ ସରକାର ଏକ ଶ୍ୱେତପତ୍ର ଜରିଆରେ କୃତ୍ରିମ ପ୍ରଜ୍ଞା ପର୍ଯ୍ୟନ୍ତ ପହଞ୍ଚି ନାହାନ୍ତି ବରଂ ସବୁଠାରୁ ମହତ୍ତ୍ୱାକାଂକ୍ଷୀ ଏକ ଡିଜିଟାଲ ଜନ ସଂସାଧନ କାର୍ଯ୍ୟକ୍ରମ ମାଧ୍ୟମରେ ତାହା ହାସଲ କରାଯାଇଛି ଯାହାକି ବିଶ୍ୱର ଯେକୌଣସି ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରାୟତଃ ଆପଣାଇ ଥାଆନ୍ତି । ୟୁ.ପି.ଆଇ. ବ୍ୟବସ୍ଥା କେବଳ ୨୦୨୫ ମସିହାରେ ୨୨୮ ବିଲିୟନ ଟଙ୍କାର କାରବାର କରିଛି ଯାହାକି ଆମେରିକୀୟ ଡଲାର ହିସାବରେ ୩-୪ ଟ୍ରିଲିୟନ ଡଲାର । ଏହା ବିଶ୍ୱର ରିଅଲ ଟାଇମ ଡିଜିଟାଲ ପେମେଣ୍ଟ ମାତ୍ରାର ପ୍ରାୟ ଅର୍ଦ୍ଧେକ ଏବଂ ତାହା ସାରା ବିଶ୍ୱର ଭିସା ପ୍ରକ୍ରିୟା ଠାରୁ ମଧ୍ୟ ଅଧିକ । ଜାମ ତ୍ରୟୀ ୨୦୧୫ ମସିହା ଠାରୁ ଏବେ ସୁଦ୍ଧା ୩.୪୮ ଲକ୍ଷ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି । କୌଣସି ଗୋଟିଏ ନୀତି ପ୍ରବନ୍ଧନ ଜରିଆରେ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ପରିଚୟ, ପେମେଣ୍ଟ ଏବଂ ପ୍ରାପ୍ୟ ଯୋଗ୍ୟ ଡେଲିଭରୀକୁ ଏତେ ମାତ୍ରାରେ ସାକାର କରିନାହିଁ ଏବଂ ଏହା ହିଁ ହେଉଛି ମୂଳଦୁଆ ଯାହା ଉପରେ ଭାରତର କୃତ୍ରିମ ପ୍ରଜ୍ଞାର ସ୍ୱରୂପ ଦଣ୍ଡାୟମାନ । ଯଦି ଡିଜିଟାଲ ସାର୍ବଜନୀନ ସଂସାଧନର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କୁ ରାଷ୍ଟ୍ର ସହିତ ଯୋଡ଼ିବା, ତେବେ କୃତ୍ରିମ ପ୍ରଜ୍ଞା ସଂସାଧନର ଆଭିମୁଖ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କୁ ପ୍ରଯୁକ୍ତିର ଦକ୍ଷତା ସହି ସଂଯୋଗ କରିବା ଏବଂ ଏଠାରେ ସଂଖ୍ୟା ଏକ ଉଲ୍ଲେଖନୀୟ ବୈଷମ୍ୟ ପ୍ରଦର୍ଶନ କରେ । ଭାରତ ବିଶ୍ୱର ୨୦ ପ୍ରତିଶତ ଡାଟା ସୃଜନ କରୁଥିବାବେଳେ ଏହା ହାରାହାରି ୩ ପ୍ରତିଶତ ବୈଶ୍ୱିକ ଡାଟା ସେଣ୍ଟରର ଦକ୍ଷତାକୁ ଉପଯୋଗ କରେ । ଏହି ବୈଷମ୍ୟ ବର୍ତ୍ତମାନ ୟୁ.ପି.ଆଇ. ବ୍ୟବସ୍ଥା ଗଠନ ହୋଇଥିବା ଉଦ୍ଦେଶ୍ୟ ଭଳି ଏପରି ବୈଷମ୍ୟକୁ ଦୂର କରିଚାଲିଛି- ଦ୍ରୁତତର ଭାବରେ, ଅଧିକ ମାତ୍ରାରେ ଏବଂ ଏକ ସାର୍ବଭୌମ ଡିଜାଇନ ଜରିଆରେ। ଭାରତ ମଣ୍ଡପମଠାରେ ଆୟୋଜିତ ଗୋଟିଏ ସପ୍ତାହର ଏହି ସମ୍ମିଳନୀ ଅବସରରେ କ'ଣ ସବୁ ଘୋଷଣା କରାଯାଇଥିଲା ତାହା ଉପରେ ବିଚାର କରିବା ଏକାନ୍ତ ଜରୁରୀ । ମାଇକ୍ରୋସଫ୍ଟ ୨୦୩୦ ମସିହା ସୁଦ୍ଧା ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧ ନିମନ୍ତେ ୫୦ ବିଲିୟନ ଡଲାର, ଭାରତ ପାଇଁ ୧୭.୫ ବିଲିୟନ ଡଲାର ପୂର୍ବରୁ ସୁନିଶ୍ଚିତ କରିଛି । ଗୁଗଲ: ଆମେରିକା- ଭାରତ ସଂଯୋଗୀକରଣ ଉପକ୍ରମ, ଯାହାକି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧୫ ବିଲିୟନ ଡଲାର ସୃଜନ କରିବାକୁ ସଂକଳ୍ପବଦ୍ଧ। ଆମାଜନ ୱେବ ସର୍ଭିସେସ: ମହାରାଷ୍ଟ୍ରରେ ୮.୪ ବିଲିୟନ ଡଲାର ନିବେଶ କରିବ । ଆଦାନୀ ଗୋଷ୍ଠୀ ୨୦୩୫ ମସିହା ସୁଦ୍ଧା ଅକ୍ଷୟ ଶକ୍ତି ଚାଳିତ କୃତ୍ରିମ ପ୍ରଜ୍ଞା ଡାଟା କେନ୍ଦ୍ର ପାଇଁ ୧୦୦ ବିଲିୟନ ଡଲାର ନିବେଶ କରିବ । ୟୋଟା ଡାଟା ସର୍ଭିସେସ: ଏନଭିଡିଆ ବ୍ଲାକୱେଲ ଅଲ୍ଟ୍ରା ଚିପ୍ସ ବ୍ୟବହାର କରି ଏସିଆର ସର୍ବବୃହତ୍ତ କୃତ୍ରିମ ପ୍ରଜ୍ଞା କମ୍ପ୍ୟୁଟିଂ ହବ ମଧ୍ୟରୁ ଗୋଟିଏ ହେବା ନିମନ୍ତେ ୨ ବିଲିୟନର ଡଲାରରୁ ଅଧିକ ପୁଞ୍ଜି ନିବେଶ କରିବ । ଲାର୍ସନ ଏଣ୍ଡ ଟୁବ୍ରୋ: ଏନଭିଡିଆ ସହିତ ଭାରତର ସର୍ବବୃହତ ଗିଗାୱାଟ ସ୍କେଲ କୃତ୍ରିମ ପ୍ରଜ୍ଞା କାରଖାନା ନିର୍ମାଣ ନିମନ୍ତେ ଏକ ପ୍ରସ୍ତାବିତ ଉପକ୍ରମ । ଇଣ୍ଡିଆ ଏ.ଆଇ ମିଶନର ଜାତୀୟ କମ୍ପ୍ୟୁଟ କ୍ଲଷ୍ଟର ୩୮,୦୦୦ ଜି.ପି.ୟୁ. ଅତିକ୍ରମ କରିଛି ଏବଂ ୫୮,୦୦୦କୁ ଛୁଇଁବା ଦିଗରେ ଆଗକୁ ଅଗ୍ରସର ହେଉଛି, ଯାହା ବିଶ୍ୱ ମୂଲ୍ୟର ପ୍ରାୟ ଏକ ତୃତୀୟାଂଶରେ ଷ୍ଟାର୍ଟ ଅପ୍ ନିମନ୍ତେ ବର୍ତ୍ତମାନ ଉପଲବ୍ଧ । ଆଗାମୀ ଦୁଇ ବର୍ଷ ମଧ୍ୟରେ ଦେଶରେ ୨୦୦ ବିଲିୟନ ଡଲାର ମୂଲ୍ୟର କୃତ୍ରିମ ପ୍ରଜ୍ଞା ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ସରକାର ଲକ୍ଷ୍ୟ ରଖିଛନ୍ତି ଯାହାକି କେବଳ ସରକାରଙ୍କର ଆକାଂକ୍ଷା ନୁହେଁ, ବରଂ ପୂର୍ବରୁ ସରକାର କରିଥିବା ଘୋଷଣା ଏବଂ ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବାରେ ଏହା ସହାୟକ ହେବ । ଏହି ନିବେଶକୁ ଦୀର୍ଘକାଳୀନ ଢାଞ୍ଚାଗତ ଲାଭରେ ପରିଣତ କରିବାକୁ ସୁନିଶ୍ଚିତ କରିବା ହେଉଛି ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ରୀୟ ବଜେଟର ଉଦ୍ଦେଶ୍ୟ, ଯାହା ବିଶ୍ୱସ୍ତରୀୟ କ୍ଲାଉଡ଼ ସେବା ନିମନ୍ତେ ଭାରତୀୟ ଡାଟା ସେଣ୍ଟରଗୁଡ଼ିକ ବ୍ୟବହାର କରୁଥିବା ବିଦେଶୀ କମ୍ପାନୀମାନଙ୍କ ପାଇଁ ୨୦୪୭ ମସିହା ପର୍ଯ୍ୟନ୍ତ ଟିକସ ଛାଡ଼କୁ ବୃଦ୍ଧି କରେ ଏବଂ କୃତ୍ରିମ ପ୍ରଜ୍ଞା ଏବଂ ଉନ୍ନତ ଉତ୍ପାଦନ ଷ୍ଟାର୍ଟଅପ୍ ନିମନ୍ତେ ଏକ ଭେଞ୍ଚର କ୍ୟାପିଟାଲ ପାଣ୍ଠିକୁ ୧.୧ ବିଲିୟନ ଆମେରିକୀୟ ଡଲାର ନିବେଶର ପ୍ରତିଶ୍ରୁତି ପ୍ରଦାନ କରେ । ସେହିଭଳି ୩୪,୦୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଜାତୀୟ କ୍ରିଟିକାଲ ମିନେରାଲ ମିଶନ ଲିଥିୟମ, କୋବାଲ୍ଟ ଏବଂ ବିରଳ ମୃତ୍ତିକାକୁ ସୁରକ୍ଷିତ କରେ ଯାହା ଉପରେ କୃତ୍ରିମ ପ୍ରଜ୍ଞା ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ତଥାପି କୁହାଯାଇପାରେ ଯେ ଲୋକମାନଙ୍କ ନିକଟରେ ଯଦି ଏସବୁ ସାଧନ ନପହଞ୍ଚେ ତେବେ ଏହାର କୌଣସି ମୂଲ୍ୟ ନାହିଁ । ଏ. ଆଇ. ସମ୍ମିଳନୀର ପ୍ରଥମ ଦିନରେ ହିଁ ୨.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଦାୟିତ୍ୱସମ୍ପନ୍ନ ଭାବରେ ନବାଚାର ନିମନ୍ତେ କୃତ୍ରିମ ପ୍ରଜ୍ଞାକୁ ଉପଯୋଗ କରିବା ସକାଶେ ସଂକଳ୍ପ ଗ୍ରହଣ କରିଥିଲେ, ଯାହା ଗିନିଜ ୱାର୍ଲ୍ଡ ରେକଡସର ସ୍ୱୀକୃତି ନିମନ୍ତେ ଦାଖଲ କରାଯାଇଛି । ତିରିଶଗୋଟି ଡାଟା ଏବଂ କୃତ୍ରିମ ପ୍ରଜ୍ଞା ଲାବ୍ ଦେଶର ଟିୟର-୨ ଏବଂ ଟିୟର-୩ ସହରରେ କାର୍ଯ୍ୟକ୍ଷମ କରିବା, ଯୋଜନାବଦ୍ଧ ଭାବରେ ଏକ ୫୭୦ ଲାବ୍ ନେଟୱାର୍କର ପ୍ରଥମ ଲହର ସୃଷ୍ଟି କରିବା ସହିତ ଏ.ଆଇ.କୋଷ ୭,୫୦୦ରୁ ଅଧିକ ଡାଟାବେସ୍ ଏବଂ ୨୭୩ ଗୋଟି ମଡେଲ ସେୟାର ସାର୍ବଜନୀନ ଭିତ୍ତିଭୂମି ଭାବରେ ପ୍ରଦାନ କରେ । ବର୍ତ୍ତମାନର ସରକାର କେନ୍ଦ୍ରରେ କାର୍ଯ୍ୟଭାର ଗ୍ରହଣ କରିବା ସମୟରେ ଭାରତରେ ୧୬ଗୋଟି ଆଇ.ଆଇ.ଟି.ଥିଲା, ଯାହାକି ଆଜି ୨୩ରେ ପହଞ୍ଚିଛି । ଓପନ ଏ.ଆଇ.ର ସି.ଇ.ଓ. ସୂଚନା ଦେଇଛନ୍ତି ଯେ ଭାରତ ଚାଟ୍ ଜି.ପି.ଟିର ଦ୍ୱିତୀୟ ସର୍ବବୃହ୍ଣ ବଜାରରେ ପରିଣତ ହୋଇସାରିଛି, ଯାହାର ସାପ୍ତାହିକ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟା ୧୦୦ ନିୟୁତ ଅଟେ । ଏଠାରେ ବ୍ୟବହାର ରହିଛି ଏବଂ ଉତ୍ପାଦନର କ୍ଷମତା ବୃଦ୍ଧି ପାଇ ଚାଲିଛି । ଶିଖର ସମ୍ମିଳନୀ ଅବସରରେ ତିନିଗୋଟି ସାର୍ବଭୌମ ଏ.ଆଇ. ମଡେଲ ଉନ୍ମୋଚିତ ହୋଇଛି, ଯେଉଁଥିରେ ସର୍ବମ୍ ଏ.ଆଇ.ର ୧୦୫ ବିଲିୟନ ପାରାମିଟର ଏକ ବିରାଟ ଭାଷା ମଡ଼େଲ ତାଲିମପ୍ରାପ୍ତ ବ୍ୟବସ୍ଥା ଯାହା ସମ୍ପୂର୍ଣ୍ଣ ରୂପେ ଭାରତୀୟ କମ୍ପ୍ୟୁଟରେ ତାଲିମପ୍ରାପ୍ତ ଏବଂ ଭାରତଜେନର ପରମ୨, ଏକ ୧୭ ବିଲିୟନ ପାରାମିଟରଯୁକ୍ତ ବହୁଭାଷୀ ମଡେଲ ଏବଂ ଏହା ଦେଶର ସମସ୍ତ ୨୨ଗୋଟି ସମ୍ବିଧାନ ଅନୁସୂଚିତ ଭାଷାକୁ ସମର୍ଥନ କରେ । ଏଗୁଡ଼ିକ ବିଦେଶୀ ମଡେଲର ସୁନିଶ୍ଚିତ ଅନୁକୂଳନ ନୁହେଁ, ଏଗୁଡ଼ିକ ସାର୍ବଭୌମ ଭିତ୍ତିଭୂମି ଉପରେ ସ୍ୱଳ୍ପ ନିବେଶରୁ ହିଁ ନିର୍ମିତ । ସମାନ୍ତରାଳ ଭାବରେ କହିବାକୁ ଗଲେ ବର୍ତ୍ତମାନ ସହଭାଗୀତା କିପରି ସଂରଚିତ ହୋଇଛି, କାରଣ ଏଗୁଡ଼ିକ ଆଉ ବିଦେଶୀ ପ୍ରଯୁକ୍ତିବିଦ୍ୟାକୁ ଲାଇସେନ୍ସ ପ୍ରଦାନ କରିବା ପ୍ରସଙ୍ଗରେ ନୁହେଁ, ବରଂ ସାର୍ବଭୌମ କ୍ଷମତା ସହ ନିର୍ମାଣ କରିବା ପ୍ରସଙ୍ଗରେ । ଷ୍ଟାରଗେଟ୍ ପଦକ୍ଷେପ ଅଧୀନରେ ୧୦୦ ମେଗାୱାଟ ଏ.ଆଇ. ପ୍ରସ୍ତୁତ ଡାଟା ସେଣ୍ଟର କ୍ଷମତା ସହିତ ଆରମ୍ଭ କରି ଏବଂ ଏକ ଗିଗାୱାଟ ପର୍ଯ୍ୟନ୍ତ ସ୍କେଲିଂ କରିବା, ଏହା ସଂକେତ ପ୍ରଦାନ କରେ ଯେ ଭାରତୀୟ ଶିଳ୍ପ ଚାହିଦା ଦିଗରୁ ବିଶ୍ୱ ବୁଦ୍ଧିମତ୍ତାର ଯୋଗାଣ ଦିଗକୁ ଗତି କରୁଛି । ଏହି ଶିଖର ସମ୍ମିଳନୀ ଅପସରରେ ଭାରତ ଆନୁଷ୍ଠାନିକ ଭାବରେ ପ୍ୟାକ୍ସ ସିଲିକା ଘୋଷଣାପତ୍ର ସ୍ୱାକ୍ଷର କରିବା ଦ୍ୱାରା ଏହା ଜାପାନ, ଦକ୍ଷିଣ କୋରିଆ, ବ୍ରିଟେନ ଏବଂ ଅଷ୍ଟ୍ରେଲିଆ ସହିତ କୃତ୍ରିମ ପ୍ରଜ୍ଞା, ସେମିକଣ୍ଡକ୍ଟର ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ନିମନ୍ତେ ଯୋଗାଣ ଶୃଙ୍ଖଳ ସୁରକ୍ଷିତ କରୁଥିବା ଆମେରିକା ନେତୃତ୍ୱାଧୀନ ମେଣ୍ଟରେ ସ୍ଥାନୀତ ହୋଇଛି । ଦ୍ୱିପାକ୍ଷିକ ଭାରତ- ଆମେରିକା କୃତ୍ରିମ ପ୍ରଜ୍ଞା ସୁଯୋଗ ସହଭାଗିତା, ଉଭୟ ରାଷ୍ଟ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଉପରେ ନବାଚାର ସମର୍ଥକ ଆଭିମୁଖ୍ୟ ପ୍ରତି ପ୍ରତିବଦ୍ଧ କରାଇଥାଏ, ଯଦ୍ୟପି ୨୦୨୬ ମସିହାରେ ଭାରତ- ଫ୍ରାନ୍ସ ନବାଚାର ବର୍ଷକୁ ମିଳିତ ଦକ୍ଷତା ଏବଂ ଆକଳନଯୋଗ୍ୟ ଫଳାଫଳ ଉପରେ ସଂଗଠିତ ଆଉ ଗୋଟିଏ ନୂଆ ଅଖ ସଂଯୋଗ କରିଥାଏ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଶ୍ୱ ଏ.ଆଇ. ଇମ୍ପାକ୍ଟ ସମ୍ମିଳନୀ ଶୃଙ୍ଖଳାର ଆୟୋଜନ କରିବାରେ ଭାରତ ବୈଶ୍ୱିକ ଦକ୍ଷିଣ ଗୋଲାର୍ଦ୍ଧର ପ୍ରଥମ ରାଷ୍ଟ୍ର ଭାବରେ କେବଳ ଏହାକୁ ଆଲୋଚନା ମଧ୍ୟରେ ସୀମିତ ରଖି ନଥିଲା ବରଂ ପ୍ରତିଯୋଗିତା ନିମନ୍ତେ ଆଗ୍ରହୀ ସର୍ତ୍ତାବଳୀ ମଧ୍ୟ ନିର୍ଦ୍ଧାରଣ କରିଥିଲା । ତାହା ଦିଲ୍ଲୀ ଘୋଷଣାନାମା ନାମରେ ପରିଚିତ ଯାହା କୃତ୍ରିମ ପ୍ରଜ୍ଞାର ପ୍ରଶାସନର ନିୟମାବଳୀଗୁଡ଼ିକୁ ପୁନଃଲିଖନ କରିଛି । ଶହଶହ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି, ସ୍କ୍ରାଚରୁ ନିର୍ମିତ ସାର୍ବଭୌମ ମଡେଲ ଏବଂ ଏ.ଆଇ. ଯୁଗର ଯୋଗାଣ ଶୃଙ୍ଖଳ ସହିତ ଏକ ମଜଭୁତ ସୁରକ୍ଷା ସୌଧରେ ପ୍ରବେଶ କରିଛି । ପାଣିନୀଙ୍କ ବିଦ୍ୟା କଦାପି ଜଟିଳ ନଥିଲା । ଗଣ ହିଁ ବୁଦ୍ଧିମତ୍ତା । ଭାରତ ବର୍ତ୍ତମାନ ସେହିଭଳି ଗଣ ନିର୍ମାଣ ଦିଗରେ ଆଗକୁ ଅଗ୍ରସର ହେଉଛି ।

* * *

# ଗପ ନୁହେଁ, ବୟସ୍କ ମନର ଭାବନା



**ମନୋରଂଜନ ମହାନ୍ତି**

ମଣିଷ-ଶିଶୁ ଜନ୍ମ ହୁଏ । ମା' କୋଳରେ ବଢ଼େ । ବୟସ ବଢ଼ିବା ସହିତ ସଂସାର ପ୍ରତି ତା'ର ଆସକ୍ତି ବଢ଼େ । କୈଶୋର ଆସେ, ଯୌବନ ଆସେ, ବାର୍ଦ୍ଧକ୍ୟ ଆସେ, ଯେକୌଣସି ଅବସ୍ଥାରେ ଜୀବନ-ନାଟକ ସରିଯାଏ । ଜନ୍ମରୁ ମରଣଯାଏଁ ମଣିଷର ଅଭିନୟ ସତରେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ଏହି ଅଭିନୟ ଭିତରେ ରହସ୍ୟ ଥାଏ, ରୋମାଞ୍ଚ ଥାଏ ।

ସକାଳର ସୂର୍ଯ୍ୟୋଦୟକୁ ଦେଖି ବୟସ୍କ ମଣିଷଟିଏ ଭାବେ ଦିନେ ସେ ଏଇମିତି ଜନ୍ମ ହେଇଥିଲା । ଫୁଲଟିଏ ଫୁଟିବାର ଦେଖି ଭାବେ ତା' ଜୀବନ ଏଇମିତି ଫୁଟୁଥିଲା । କୋଇଲି ଗାଉଥିବାର ଶୁଣି ଭାବେ ତା' ସ୍ୱରରେ ଏଇମିତି ମଧୁରତା ଭରି ରହିଥିଲା । ପବନ ସାଇଁ ସାଇଁ ବହୁଥିବାର ଶୁଣି ସେ ବି ଦିନେ ଏଇମିତି ଚଳଚଞ୍ଚଳ ଥିଲା ବୋଲି ଅନୁଭବ କରେ । କୃଷକ ମାଟିରୁ ଶସ୍ୟ ଅମଳ କରୁଥିବାର ଦେଖି ସେ ଚିନ୍ତା କରେ ସେ ବି କେତେ କଣ ସୃଷ୍ଟି କରିଯିବ । ଗଛର ଫଳକୁ କେହି ଜଣେ ଖାଉଥିବାର ଦେଖି ଗଛଟି ଯେମିତି ଖୁସି ହେଉଛି, ହସିଉଠୁଛି, ଏହିପରି ତାକୁ ବୋଧ ହୁଏ ।

ପାରିବାରିକ, ସାଂସାରିକ ସମସ୍ୟାର ସମାଧାନର ବାଟ ସେ ଖୋଜି ପାଉଥାଏ ସତ, ତଥାପି ମନକୁ ହାଲ୍‌କା କରିବା ପାଇଁ ନଈକୂଳରେ ଘଡ଼ିଏ ଠିଆ ହେଉଥାଏ, ନଈର ଉତ୍ପତ୍ତିସ୍ଥଳ ଓ ପତନସ୍ଥଳ କଥା ସେ ଯେତିକି ଚିନ୍ତା କରୁଥାଏ, ତା'ଠାରୁ ଢେର୍ ଅଧିକ ଚିନ୍ତା କରୁଥାଏ ନଈଟି ବହୁଥିବା ଭଳି ତା' ଜୀବନ ବହିଯାଉଛି ଗୋଟେ ସୁଦୀର୍ଘ ସଙ୍ଗୀତ ଗାଇ ଗାଇ, ତାକୁ ସେ ଶୁଣୁ କି ନଶୁଣୁ । ପୁଣି ସମୁଦ୍ର-ବାଲିରେ ଠିଆହୋଇ ତା'ର ଏକ ଭିନ୍ନ ଅନୁଭବ ହୁଏ । ସେ ଭାବେ ଏତେ ବଡ଼ ସର୍ଜନାଟାଏ କିପରି ସମ୍ଭବ ହେଲା ସତରେ ! କେତେଆଡୁ କେତେ ନଈ ଆସି ସମୁଦ୍ରରେ ମିଶି ଯାଉଛନ୍ତି, ଲାଗୁଛି ସତେ ଯେପରି କେହି କାହା ପ୍ରତି ଅସହିଷ୍ଣୁ ହେଉନାହାନ୍ତି, ଛୋଟ ନଈର ହୀନମନ୍ୟତା ନାହିଁ କି ବଡ଼ ନଈର ଅହଂବୋଧ ନାହିଁ । ସମସ୍ତେ ଯେମିତି ନିଜକୁ ସମର୍ପି ଦେଇଛନ୍ତି ଗୋଟେ ବିଶାଳ ଜଳଭଣ୍ଡାରରେ, ସେମାନଙ୍କ ଅନ୍ତିମ ଆଶ୍ରୟ ସ୍ଥଳରେ ।

ପୁଣି ଯେତେବେଳେ ଆକାଶକୁ ଚାହେଁ, ସମାନ ଭାବରେ ଆଶ୍ଚର୍ଯ୍ୟ ହୁଏଁ । କିପରି ସମ୍ଭବ ହେଲା ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା ମାପି ହେଉନଥିବା ଏତେ ବଡ଼ ଶୂନ୍ୟସ୍ଥାନ ! ଜ୍ୟାମିତିଶାସ୍ତ୍ର ହାର୍ ମାନିଯାଏ । ସାତଟା ମହାଦେଶର ଗଣିତଜ୍ଞ ନତମସ୍ତକ ହୁଅନ୍ତି ଶୂନ୍ୟ ସମ୍ମୁଖରେ । ମହାଶୂନ୍ୟ-କୋଳରେ କିମିତି ଶୋଭା ପାଉଛନ୍ତି ଗୋଟେ ସୂର୍ଯ୍ୟ, ଗୋଟେ ଚନ୍ଦ୍ର ଆଉ ତା ସହିତ ବସିଛି ଗଣନାତୀତ ତାରାମାନଙ୍କର ଗୋଟେ ଆଖିଦୃଶିଆ ଦରବାର ! ଚନ୍ଦ୍ରର ନିଜସ୍ୱ ଆଲୋକ ନାହିଁ, ସୂର୍ଯ୍ୟାଲୋକରେ ସେ ଆଲୋକିତ । ମଣିଷ ଚନ୍ଦ୍ରରେ ପାଦ ଥାପିଲାଣି, ତଥାପି ରହସ୍ୟ ଭେଦିପାରୁ ନାହିଁ । ଗୋଟାଏ ଜ୍ୱଳନ୍ତ ଗ୍ୟାସୀୟ ଅଗ୍ନିପିଣ୍ଡ ସୂର୍ଯ୍ୟ କିମିତି ଆଲୋକ, ଉତ୍ତାପ ବିତରଣ କରିଚାଲିଛି ବ୍ରହ୍ମାଣ୍ଡ ଆରମ୍ଭରୁ, ଏହାହିଁ ବିସ୍ମୟ ।

ଶୂନ୍ୟରେ ଉଡୁଥିବା ଚଢ଼େଇକୁ ଦେଖି ବୟସ୍କ ମଣିଷଟିଏ ବିଭୋର ହୁଏ । ଭାବେ ଏ ଚଢ଼େଇ ଦେହରେ ଡେଣା ଖଞ୍ଜିଲା କିଏ ? ଉଡ଼ାଜାହାଜକୁ ସିନା ମଣିଷ ତିଆରି କରୁଛି, ହେଲେ ଚଢ଼େଇକୁ କିଏ ତିଆରି କରିଛି ? ପୁଣି ସମୁଦ୍ରରେ ବୁଡୁଥିବା ମାଛକୁ ଦେଖି ସମାନ ଭାବରେ ବିଭୋର ହୁଏ । ଭାବେ ଏ ମାଛ ଦେହରେ ଲାଞ୍ଜ ଖଞ୍ଜିଲା କିଏ ? ବୁଡ଼ାଜାହାଜକୁ ସିନା ମଣିଷ ତିଆରି କରୁଛି, ହେଲେ ମାଛକୁ କିଏ ତିଆରି କରିଛି ? ସେ ଏପରି ଭାବିବାର ଅକାଟ୍ୟ କାରଣ ବି ଅଛି । ଯେହେତୁ ଗୋଟେ ଉଡ଼ାଜାହାଜର ନିର୍ମାଣ ପଦ୍ଧତି ଚଢ଼େଇ ଦେହର ଗଢ଼ଣ ଆଉ ବୁଡ଼ାଜାହାଜର ନିର୍ମାଣ ମାଛର ଗଢ଼ଣ ସହିତ ସମାନ । ଏପରି ଭାବିବା ସହିତ ନିଜ ଚମଡ଼ା ଉପର କଥା ଯେତିକି ଭାବେ, ଚମଡ଼ା ତଳର କଥା ବେଶି ଭାବୁଥାଏ । କିଏ ସତରେ ସଜେଇ ରଖିଛି ମଣିଷ ଦେହ ଅଭ୍ୟନ୍ତରରେ ହାର୍ଟ୍, ଲଙ୍ଗସ୍, ଲିଭର୍, କିଡ୍‌ନୀ, ଇଣ୍ଟେଷ୍ଟାଇନ୍ ଓ ଆହୁରି ଅନେକ ଅଙ୍ଗ, ଯାହାକୁ କୋଟି କୋଟି ଟଙ୍କା ବିନିମୟରେ ବି ବିକ୍ରି କରିବାକୁ ମଣିଷ ଆଦୌ ଇଚ୍ଛା କରିବ ନାହିଁ ।

**କେବଳ ପାର୍ଥିବ ସମ୍ପତ୍ତି ଠୁଳ କରୁଥିବା ବାବୁମାନେ ମଣିଷ-ଜନ୍ମର ମୂଳ ଉଦ୍ଦେଶ୍ୟଟିକୁ ଭୁଲିଯାଆନ୍ତି । ଘର ଭିତରେ, ବାହାରେ ପରସ୍ପର କଳିଗୋଳ କରି ସମୟ, ଶକ୍ତି ନଷ୍ଟ କରନ୍ତି, ମାର୍ଗଭ୍ରଷ୍ଟ ହୁଅନ୍ତି । ନିଜର ତ୍ରୁଟି ନସୁଧାରି ଅନ୍ୟର ତ୍ରୁଟି ଉଖାରନ୍ତି । ଚଟୁଳ, ଚିକ୍କଣ, ଚାଲାକି କଥା କହି ଚେହେରା, ଚାହାଣି, ଚଳଣିରେ ନିଜକୁ ସଂଭ୍ରାନ୍ତ ପରିଚୟ ଦେଲେ ବି ଅନ୍ତରରେ ଉଦ୍‌ଭ୍ରାନ୍ତ ହୋଇ ରହିଥାଆନ୍ତି । ଫଳସ୍ୱରୂପ ସମ୍ମୁଖରେ ସ୍ତୁତିପାଠ କରି ପଶ୍ଚାତ୍‌ରେ ଦଂଶନ କରନ୍ତି ।**

ଶୂନ୍ୟରୁ ବର୍ଷା ଝରିଆସୁଛି ତଳକୁ, ଗଛରୁ ଫଳଟିଏ ପଡୁଛି ତଳକୁ, ପର୍ବତରୁ ଝରଣାଟିଏ ବହିଯାଉଛି ତଳକୁ । ଜଳୀୟବାଷ୍ପ ଉଠୁଛି ଉପରକୁ, ଚାରାଟିଏ ବଢ଼ିଯାଉଛି ଉପରକୁ, ପର୍ବତ ତଳେ ଠିଆ ହେଲେ ଦିଶୁଛି ତାର ଉପରିଭାଗ । ବୟସ୍କ ମଣିଷଟିଏ ମାଟିରେ ଚାଲେ, ମହାକାଶକୁ ଚାହେଁ । ପୁଣି ଉଡ଼ାଜାହାଜରେ ବସି ମହାକାଶରେ ଉଡ଼େ, ତଳକୁ ଓହ୍ଲାଇ ଆସି ମାଟି ସହିତ ନିଜକୁ ଯୋଡ଼େ । ସେ ଅନୁଭବ କରେ ବିଶ୍ୱବ୍ରହ୍ମାଣ୍ଡରେ ଗୋଟିଏ – କେବଳ ଗୋଟିଏ ଆଶ୍ଚର୍ଯ୍ୟ । ତା' ହଉଛି ମଣିଷମାନେ ବଞ୍ଚି ଥାଉଁ ଥାଉଁ ପରସ୍ପର ସମ୍ପର୍କଗୁଡ଼ାକ ମରିଯାଉଛି । ଜଳୀୟବାଷ୍ପ ସହିତ ବର୍ଷାର ସମ୍ପର୍କ ଅଛି । ଗଛ, ଫଳର ସମ୍ପର୍କ ଅଛି । ପର୍ବତ, ଝରଣାର ସମ୍ପର୍କ ଅଛି । ମାଟି ତଳେ, ମହାକାଶ କେତେ ଉପରେ । କି ମଧୁର ସମ୍ପର୍କ ସେମାନଙ୍କର ! ଖରାଦିନେ ମାଟି ତାତିଗଲେ ମହାକାଶ ବର୍ଷା ଢାଳିଦେଉଛି, ଶୀତଳ କରୁଛି ମାଟିକୁ । ଅଥଚ ମଣିଷ ପାଖାପାଖି ମଣିଷ ରହୁଛି । କିନ୍ତୁ ଜଣକ ସହିତ ଆରଜଣକର ସମ୍ପର୍କ ନାହିଁ । ଯା ମୂଳରେ ଅଛି କିଛି ମଣିଷଙ୍କ ଅଶୋଭନୀୟ କାମ, ଅସଂଯତ କଥା, ଅହୋରାତ୍ର ସ୍ୱାର୍ଥ ଚିନ୍ତା । ଛିଦ୍ରାନ୍ୱେଷୀ, ଛଦ୍ମାଚାରୀ ସେମାନେ । ଛଳନା ସେମାନଙ୍କ ଜୀବନ-ସର୍ବସ୍ୱ ।

ମଣିଷର ବୟସ ଯେତିକି ବଢୁଥାଏ, ଅନୁଭୂତି ତଦନୁପାତରେ ବଢୁଥାଏ, ଅନୁଭବ ଗାଢ଼ ହେଉଥାଏ । ବାଡ଼ିବଗିଚାରେ କାମ କଲାବେଳେ ବୟସ୍କ ମଣିଷଟିଏ ଭାବୁଥାଏ, ପ୍ରତି ମଣିଷର ମନ ଜଟିଳ ନହୋଇ ଯଦି ଫୁଲ ଭଳି କଅଁଳ ହୁଅନ୍ତା, ସ୍ୱାର୍ଥୀ ନହୋଇ ଯଦି ଗଛ ଭଳି ପରମାର୍ଥୀ ହୁଅନ୍ତା, ସଂକୁଚିତ ନହୋଇ ଯଦି ଲତା ଭଳି ପ୍ରସାରିତ ହୁଅନ୍ତା, ତେବେ ଜୀବନ ସୂର୍ଯ୍ୟଙ୍କ ଭଳି କେତେ ଜ୍ୟୋତିର୍ମୟ, ଚନ୍ଦ୍ରଙ୍କ ଭଳି କେତେ ଅମୃତମୟ ହୁଅନ୍ତା ସତରେ ! ନଈପଠାରେ ଠିଆ ହେଲାବେଳେ ଭାବୁଥାଏ, ନଈ ଯେମିତି ସମୁଦ୍ର ଆଡ଼କୁ ଧାଉଁଛି, ପ୍ରତି ମଣିଷ ଯଦି ପରମ ଅଭିମୁଖୀ ହୁଅନ୍ତା ଅର୍ଥାତ୍ ନିଜ ଭିତରେ ପରମର ଉପସ୍ଥିତିକୁ ଉପଲବ୍ଧି କରନ୍ତା, ତେବେ ଜୀବନରେ ସତ୍ୟ, ଶିବ, ସୁନ୍ଦର କେତେ ବିକଶିତ ହୁଅନ୍ତା ସତରେ ! ମୃତ୍ତିକାମଣ୍ଡଳରେ ମଣିଷ ଓ ଅନ୍ୟ ଜୀବଜନ୍ତୁ, ମହାସମୁଦ୍ରରେ ମାଛ ଓ ଅନ୍ୟାନ୍ୟ ଜୀବ । ମହାକାଶରେ ଚଢ଼େଇମାନଙ୍କୁ ଦେଖି ଭାବୁଥାଏଁ, ସତରେ କେହି ଜଣେ ପରମ ପୁରୁଷ ଅଛନ୍ତି ଯିଏ ବ୍ରହ୍ମାଣ୍ଡ-ସର୍ଜନାର ମୂଳାଧାର ହୋଇ ସ୍ଥଳଚର, ଜଳଚର, ନଭଚରର ଜାତିଜାତିକା ପ୍ରାଣୀମାନଙ୍କୁ ସୃଷ୍ଟି କରିଛନ୍ତି ? ସେମାନଙ୍କ ଶରୀରରେ ସ୍ଥଳ-ଜଳ-ନଭ ବାସ ପାଇଁ ଉପଯୋଗୀ ଅଙ୍ଗଗୁଡ଼ିଏ ଖଞ୍ଜି ଦେଇଛନ୍ତି । ମାଟି ଓ ମହାକାଶର ସମ୍ପର୍କ ଦେଖି ଭାବୁଥାଏଁ, ତତଲା ମାଟିକୁ ମହାକାଶର ବାରିପାତ ଶୀତଳ କଲା ଭଳି ଯଦି ଜଣେ ମଣିଷର ନିରାଶା, ଅବିଶ୍ୱାସରେ ଉତ୍ତପ୍ତ ଅନ୍ତରକୁ ଅନ୍ୟ ଜଣେ ମଣିଷ ଆଶା, ବିଶ୍ୱାସର ସଲିଳ ସିଞ୍ଚନରେ ଶୀତଳ କରନ୍ତା ତେବେ ସମାଜ-ଜୀବନ କେତେ ମଧୁମଙ୍ଗଳମୟ ହୁଅନ୍ତା ସତରେ !

ଏବେ ତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାର ଦ୍ରୁତ ଗତି । ମହାକାଶ ସମ୍ବନ୍ଧୀୟ ଗବେଷଣା ଅପ୍ରମିତ । ରହସ୍ୟ ଭେଦିବା ପାଇଁ ପ୍ରୟାସ । ଏ ସମସ୍ତ ଅଭିନନ୍ଦନୀୟ ନିଶ୍ଚିତ । ଏଥିସହିତ ବୟସ୍କ ମଣିଷଟିଏ ଭାବୁଥାଏ ପ୍ରତି ମଣିଷର ମୂଲ୍ୟବୋଧର ଦ୍ରୁତ ବିକାଶ, ଜୀବନ ସମ୍ବନ୍ଧୀୟ ଗଭୀର ଚିନ୍ତନ, ଜୀବନର ରହସ୍ୟ ଉଦ୍ଘାଟନ ଇତ୍ୟାଦିର କଥା ।

ଏ ଦୁଇଟି ସମାନ୍ତରାଳ ଗତିରେ ଚାଲିଲେ ସମଗ୍ର ସମାଜର ମଙ୍ଗଳ । କେବଳ ପାର୍ଥିବ ସମ୍ପତ୍ତି ଠୁଳ କରୁଥିବା ବାବୁମାନେ ମଣିଷ-ଜନ୍ମର ମୂଳ ଉଦ୍ଦେଶ୍ୟଟିକୁ ଭୁଲିଯାଆନ୍ତି । ଘର ଭିତରେ, ବାହାରେ ପରସ୍ପର କଳିଗୋଳ କରି ସମୟ, ଶକ୍ତି ନଷ୍ଟ କରନ୍ତି, ମାର୍ଗଭ୍ରଷ୍ଟ ହୁଅନ୍ତି । ନିଜର ତ୍ରୁଟି ନସୁଧାରି ଅନ୍ୟର ତ୍ରୁଟି ଉଖାରନ୍ତି । ଚଟୁଳ, ଚିକ୍କଣ, ଚାଲାକି କଥା କହି ଚେହେରା, ଚାହାଣି, ଚଳଣିରେ ନିଜକୁ ସଂଭ୍ରାନ୍ତ ପରିଚୟ ଦେଲେ ବି ଅନ୍ତରରେ ଉଦ୍‌ଭ୍ରାନ୍ତ ହୋଇ ରହିଥାଆନ୍ତି । ଫଳସ୍ୱରୂପ ସମ୍ମୁଖରେ ସ୍ତୁତିପାଠ କରି ପଶ୍ଚାତ୍‌ରେ ଦଂଶନ କରନ୍ତି । ଜୀବନର ସାୟାହ୍ନରେ ସଚେତନ ବୟସ୍କ ମଣିଷଟିଏ ଭାବୁଥାଏ, ଏଭଳି ବାବୁମାନେ ଯେଉଁଦିନ ଆପଣା କର୍ମ ପାଇଁ ଅନୁତପ୍ତ ହେବେ ସେଦିନ ସେମାନଙ୍କ ଜୀବନରେ ଅସଲ ସୂର୍ଯ୍ୟୋଦୟ ହେବ ।

ସେହି ସୂର୍ଯ୍ୟୋଦୟଟି ହେଉଛି ଆତ୍ମଜ୍ଞାନ, ମଣିଷ-ଜନ୍ମର ମୂଳ ଉଦ୍ଦେଶ୍ୟ : ସ୍ୱାର୍ଥ ନୁହଁ ପରମାର୍ଥ, ବକ୍ତବ୍ୟ ଓ ବ୍ୟବହାରରେ ରାଜସିକତା କି ତାମସିକତା ନୁହଁ ସାତ୍ତ୍ୱିକତା, ଅନୁଭବରେ ଦାନବତ୍ୱ ନୁହଁ ଦେବତ୍ୱ ଅର୍ଥାତ୍ ନିଜ ଓ ଅନ୍ୟ ସମସ୍ତଙ୍କ ମଧ୍ୟରେ ବ୍ରହ୍ମତ୍ୱର ଅନୁଭବ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**

# ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ରେ ନୂତନ ମାଇଲଷ୍ଟୋନ୍

ଭୁବନେଶ୍ୱର, (ସବ୍ୟୁ) ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ପ୍ରେସ୍ ମିଟ୍ ଆୟୋଜିତ ହୋଇଥିଲା, ଯେଉଁଥିରେ ବର୍ଷୋଧିକ କ୍ଲିନିକାଲ୍ ଅନୁଭବ ଓ ଦକ୍ଷତା ଆଧାରିତ ଲିଭର ପ୍ରତ୍ୟାରୋପଣ କ୍ଷେତ୍ରରେ ହସ୍ପିଟାଲର ସ୍ଥାନକୁ ପୁନଃ ଉଲ୍ଲେଖ କରାଯାଇଥିଲା। ଏହି ସମ୍ମିଳନୀରେ ଓଡିଶାରେ ବଢ଼ୁଥିବା ଲିଭର ରୋଗ ଭାର ନେଇ ଚିନ୍ତା ପ୍ରକାଶ ପାଇଥିଲା। ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ, ପ୍ରାୟ ପ୍ରତ୍ୟେକ ତିନି ଜଣ ମଧ୍ୟରୁ ଜଣେ ବ୍ୟକ୍ତି ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପାରନ୍ତି। ଏବଂ ପ୍ରତି ଛଅ ଜଣ ମଧ୍ୟରୁ ଗୋଟିଏ ବ୍ୟକ୍ତିଙ୍କୁ (ଲିଭର ଜନିତ ଗୁରୁତର ଅବସ୍ଥା) ହେବାର ଆଶଙ୍କା ରହେ, ଯାହା ପରେ ଲିଭର ସିରୋସିସ୍‌କୁ ଅଗ୍ରସର ହୋଇପାରେ। ଆମ ରାଜ୍ୟରେ ଲିଭର ସିରୋସିସ୍‌ର ପ୍ରକୋପ ପ୍ରାୟ ୧୬.୭ ଶତଂଶ ଥିବା ବେଳେ, ପୂର୍ବ ଭାରତରେ ପ୍ରାୟ ଅର୍ଦ୍ଧାଧିକ ଦୀର୍ଘକାଳୀନ ଲିଭର ରୋଗୀ ସିରୋସିସ୍‌ରେ ଚିହ୍ନଟ ହେଉଛନ୍ତି। ଦୁଃଖଦ ଭାବେ, ଅଧିକାଂଶ ରୋଗୀ ଶେଷ ଓ ଜଟିଳ ଅବସ୍ଥାରେ ଚିହ୍ନଟ ହେବାରୁ ଆଗୁଆ ଚିହ୍ନଟ ଓ ସମୟମତେ ଚିକିତ୍ସାର ଆବଶ୍ୟକତା ଅଧିକ ଭାବେ ଅନୁଭବ କରାଯାଇଛି।




ଜାତୀୟ ସ୍ତରରେ ଆବଶ୍ୟକତା ତୁଳନାରେ ଅଙ୍ଗ ପ୍ରତ୍ୟାରୋପଣ ସୁବିଧା ସୀମିତ ଥିବା ପରିପ୍ରେକ୍ଷିତରେ, ଏହି ପ୍ରେସ୍ ମିଟ୍‌ରେ ଉନ୍ନତ ଲିଭର ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ଉଲ୍ଲେଖ କରାଯାଇଥିଲା, ଯାହା ରୋଗୀମାନଙ୍କୁ ପୁନର୍ବାର ସ୍ୱାସ୍ଥ୍ୟ ଓ ସାଧାରଣ ଜୀବନକୁ ଫେରାଇ ଆଣିପାରେ। କାର୍ଯ୍ୟକ୍ରମରେ ଡାକ୍ତରମାନେ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ହୋଇଥିବା ରୋଗୀମାନେ ଏକାଠି ହୋଇ ନିଜ ଅନୁଭବ ସେୟାର କରିଥିଲେ। ଏହି ପ୍ରେସ୍ ମିଟ୍‌ରେ ଡାକ୍ତରମାନେ ଓ ସଫଳ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ରୋଗୀ ମାନେ ଯୋଗଦେଇଥିଲେ। ଏହି ବିଶେଷ କାର୍ଯ୍ୟକ୍ରମକୁ ବରିଷ୍ଠ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ସର୍ଜନ ଡାକ୍ତର ରାଜ ଶେଖର କେ, ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକମାନେ ଜାଣିପାରିଲେ ଯେ, ପ୍ରତ୍ୟେକ ସଫଳ ଅପରେସନ୍ କେବଳ ଚିକିତ୍ସା ସଫଳତା ନୁହେଁ, ଏହା ରୋଗୀଙ୍କ ସାହାସ, ପରିବାର ଲୋକଙ୍କ ସମର୍ଥନ ଓ ଡାକ୍ତରମାନଙ୍କ ପ୍ରତି ଭରସାର ଫଳ। ଅନୁଗୁଳର ନାଲକୋରେ କାର୍ଯ୍ୟରତ ସୁଧୀର ଭୁତିଆ କହିଥିଲେ, "ଦୀର୍ଘଦିନ ଧରି ପେଟ ଯନ୍ତ୍ରଣା ହେଉଥିବାରୁ ମୁଁ ମଣିପାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଆସିଥିଲି । ପରୀକ୍ଷା ପରେ ଡାକ୍ତରମାନେ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ପାଇଁ ପରାମର୍ଶ ଦେଲେ । ରାକ୍ଷୀ ଦିନ ମୋର ଅପରେସନ ହୋଇଥିଲା ଓ ମୋର ଭଉଣୀ ତାଙ୍କ ଲିଭରର ଏକ ଅଂଶ ଦାନ କରିଥିଲେ । ଆଜି ମୁଁ ସୁସ୍ଥ ଅଛି ଓ ସମସ୍ତଙ୍କୁ ଅନୁରୋଧ କରୁଛି ଯେ ଲିଭର ସମସ୍ୟାର କୌଣସି ଲକ୍ଷଣକୁ ଅଣଦେଖା କରନ୍ତୁ ନାହିଁ ।" ଠିକ୍ ସମୟରେ ଚିକିତ୍ସା ନିଶ୍ଚିତ ଭାବେ ଜୀବନ ବଞ୍ଚାଇପାରେ। ମଣିପାଲ ହସ୍ପିଟାଲର ବରିଷ୍ଠ ଲିଭର ଟ୍ରାନ୍ସପ୍ଲାଣ୍ଟ୍ ସର୍ଜନ ଡାକ୍ତର ରାଜ ଶେଖର କେ କହିଲେ, "ଯେତେବେଳେ ଲିଭର୍ ରୋଗ ଅଧିକ ଗୁରୁତର ହୋଇଯାଏ ଓ ଔଷଧ କାମ କରେ ନାହିଁ, ସେତେବେଳେ ଲିଭର୍ ଟ୍ରାନ୍ସପ୍ଲାଣ୍ଟ୍ ସବୁଠାରୁ ଭଲ ଉପଚାର ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

ସାକ୍ଷୀଗୋପାଳ ,(ସବ୍ୟୁ): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଦିନ ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ମୋଟ ୫୪ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୪୪ ଗୋଟି ବ୍ୟକ୍ତିଗତ,୮ ଗୋଟି ଗ୍ରାମ ସମ୍ବନ୍ଧୀୟ,୧ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ଗୋଟିଏ ରେଡକ୍ରସରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୪ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା ।ସେହିପରି ୪ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ଙ୍କୁ ଟ୍ରାଇ ସାଇକେଲ ଓ ହୁଇଲ ଚେୟାର ଜିଲ୍ଲାପାଳ ଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।

# ପୂର୍ବତଟ ରେଳପଥ ଦୁଇଟି ଏକ୍ସପ୍ରେସ୍ ଟ୍ରେନକୁ ଏଲ୍ଏଚ୍‌ବି କୋଚ୍ ସହିତ ଅପଗ୍ରେଡ୍ କରିବ

ଭୁବନେଶ୍ୱର (ସବ୍ୟୁ), ଯାତ୍ରୀ ସୁରକ୍ଷା, ଆରାମ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ସୁଗମ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନର କୋଚ୍ ଗୁଡ଼ିକୁ ଆଧୁନିକ ଏଲଏଚବି (ଲିଙ୍କେ ହଫମାନ ବୁଶ୍) କୋଚ୍‌ରେ ପରିବର୍ତ୍ତନ କରିବ । ଏଲଏଚବି କୋଚଗୁଡ଼ିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ଯାତ୍ରା ସୁବିଧା, ଉନ୍ନତ ସସପେନସନ୍ ସିଷ୍ଟମ୍ ଏବଂ ଆକର୍ଷଣୀୟ ଡିଜାଇନ୍ ସହିତ ନିର୍ମିତ କରାଯାଇଛିଛ ଏହି କୋଚଗୁଡ଼ିକ ଦ୍ରୁତ ଗତିରେ ଅଧିକ ସ୍ଥିରତା ପ୍ରଦାନ କରିବା ସହିତ ଯାତ୍ରୀଙ୍କୁ ଆଧୁନିକ ସୁବିଧା ସୁଯୋଗ ପ୍ରଦାନ କରିଥାଏ । ଏହି ଅପଗ୍ରେଡେସନ୍ ପୂର୍ବ ତଟ ରେଳପଥର ଆଧୁନିକୀକରଣ ଏବଂ ସୁରକ୍ଷା ବୃଦ୍ଧି ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଭାରତୀୟ ରେଳବାଇର ବ୍ୟାପକ ଦୃଷ୍ଟିକୋଣ ଅନୁରୂପ, ସମଗ୍ର ନେଟଓ୍ୱାର୍କରେ କ୍ରମଶଃ ପାରମ୍ପରିକ କୋଜଗୁଡ଼ିକୁ ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଏଲଏଚବି କୋଚ୍ ସହିତ ପରିବର୍ତ୍ତନ କରିବାର ଲକ୍ଷ୍ୟକୁ ସମର୍ଥନ କରେ । ଏହି ମାର୍ଗରେ ଯାତ୍ରା କରୁଥିବା ଯାତ୍ରୀମାନେ ଉନ୍ନତ ସୁବିଧା, ଉଚ୍ଚତର ସୁରକ୍ଷା ମାନଦଣ୍ଡ ଓ ସମଗ୍ର ଯାତ୍ରା ଅନୁଭବରେ ଉଲ୍ଲେଖନୀୟ ସୁଧାରର ଲାଭ ଉଠାଇପାରିବେ ।



# ଅମରନାଥ ପେଷ୍ଟ ଅନୁଷ୍ଠାନର ଷୋଡ଼ଶ ବାର୍ଷିକ ଉତ୍ସବ

ଚଣ୍ଡିଖୋଲ, (ସ୍ୱପ୍ର): ଅମରନାଥ ପେଷ୍ଟ ମ୍ୟାନେଜମେଣ୍ଟ ଟେକ୍‌ନୋଲୋଜି ଅନୁଷ୍ଠାନ ଏବଂ ଏ.ପି.ଏମ୍.ଟି. ଫାଉଣ୍ଡେସନ ପକ୍ଷରୁ ରବିବାର ଦିନ ପ୍ରସିଦ୍ଧ ପଞ୍ଚଦେବତାଙ୍କ କ୍ଷେତ୍ର ମହାବିନାୟକ ପୀଠ ଠାରେ ଅନୁଷ୍ଠାନର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଚଣ୍ଡୀଖୋଲର ଚଣ୍ଡୀମନ୍ଦିର ଓ ମହାବିନାୟକ ପୀଠର ପରିବେଶ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ, ପୂଜାର୍ଚ୍ଚନା ଓ ପ୍ରାଣୀମାନଙ୍କୁ ଫଳ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ରାଉତ ଓ କବି ଲବଙ୍ଗଲତା ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡ. ଶିବବ୍ରତ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀମାନଙ୍କୁ ପ୍ରମାଣପତ୍ର ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ସଲିତା ରାଉତ ଓ ଅମରନାଥ ରାଉତ ଯୋଗ ଦେଇଥିଲେ । ଅବିନାଶ ମହାନ୍ତି, ପ୍ରିୟବ୍ରତ ପୃଷ୍ଟି, ରଣଜିତ ସାହୁ, ଅଜୟ କୁମାର ଜେନା, ରୋଜାଲିନ ରାୟ ଓ ମୋନାଲିସା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୨ ମସିହାରେ ଏପିଏମ୍‌ଟିର ଅଧ୍ୟକ୍ଷ ଡ. ଶିବବ୍ରତ ରାଉତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ଏମ୍‌ଏସ୍‌ଏମ୍‌ଇ ପୁରସ୍କାର ପ୍ରଦାନ କରିଥିଲେ ।



# ମନସ୍ୱିନୀ ପରିଜାଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟରତ୍ନ ସମ୍ମାନ




ଭୁବନେଶ୍ୱର, (ସବ୍ୟୁ) : କୁଜଙ୍ଗ ବ୍ଲକର କବିୟିତ୍ରୀ ମନସ୍ୱିନୀ ପରିଜାଙ୍କୁ ଆପି ମୋମେଣ୍ଟ ଅଫ୍ ଇଣ୍ଡିଆ ତରଫରୁ ସମ୍ମାନୀତ କରାଯାଇଛି। ପୁରୀର ସଂସ୍କୃତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀମତୀ ପରିଜାଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟରତ୍ନ ସମ୍ମାନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଅଜିତ କୁମାର ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏସଟି କମିଶନର କାନନବାଳା ନାୟକ, ହାପି ମୋମେଣ୍ଟ ଅଫ୍ ଇଣ୍ଡିଆର ଅନ୍ତର୍ଜାତୀୟ ମୁଖ୍ୟ ଲୋକନାଥ ମିଶ୍ର , ଜାତୀୟ ମୁଖ୍ୟ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ରାଜ୍ୟମୁଖ୍ୟ ଆଦିମାତା କଳ୍ପନା, ଗୀତା ପ୍ରବଚକ, ଅଧ୍ୟପକ ପ୍ରଶାନ୍ତ କୁମାର ଶତପଥୀ ଉପସ୍ଥିତ ଥିଲେ। ଶ୍ରୀମତୀ ପରିଜାଙ୍କୁ ଉପଢ଼ୌକନ ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କାନ୍ତକବିଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳସଚିବ ଅନାମିକା ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାନ୍ତକବିଙ୍କ ସାରସ୍ୱତ ଅବଦାନ ସମ୍ପର୍କରେ ସ୍ମୃତିସ୍ମରଣ କରିବା ସହ ତାଙ୍କ ରଚନା କିପରି ଓଡ଼ିଶାରେ ଜାତୀୟତାବୋଧକୁ ଜାଗ୍ରତ କରିଥିଲା ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ କାନ୍ତକବିଙ୍କ ପୌତ୍ର ତଥା ବରିଷ୍ଠ ସ୍ତମ୍ଭକାର ଗୁରୁକଲ୍ୟାଣ ମହାପାତ୍ର ଯୋଗଦେଇ କାନ୍ତକବି କିପରି ଦୁଃଖ, କ୍ଲେଶ, ଦୈନ୍ୟ ଭିତରେ ବି ଓଡ଼ିଶାର ପାଠକମାନଙ୍କ ମୁଖରେ ହସ ଫୁଟାଇଥିଲେ,ତାଙ୍କ ସାହିତ୍ୟ କିପରି ଏ ଜାତି ପ୍ରତି ତାର ଦୟାବଦ୍ଧତା ପ୍ରତିପାଦନ କରିଛି ସେ ସମ୍ପର୍କରେ ମତ ରଖିଥିଲେ ।ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କାନ୍ତକବିଙ୍କ ଜୀବନର ଅନେକ ଅନାଲୋଚିତ ଦିଗକୁ ଅବତାରଣ କରିଥିଲେ । ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା କାନ୍ତକବିଙ୍କ କାଳଜୟୀ କୃତିର ପ୍ରଭାବ ସମ୍ପର୍କରେ ଅବତାରଣା କରିଥିବାବେଳେ ସଭାପତିତ୍ୱ ଅଭିଭାଷଣରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କାନ୍ତକବିଙ୍କ ସାହିତ୍ୟରେ ହାସ୍ୟରସ କିପରି ଯୁଗୋପଯୋଗୀ ଥିଲା ତାହାର ବର୍ଣ୍ଣନା କରିଥିଲେ । ପ୍ରଫେସର ମହାପାତ୍ର କାନ୍ତକବିଙ୍କ ସମଗ୍ର ସାହିତ୍ୟ କୃତିର ଅବତାରଣା କରିବା ପ୍ରସଙ୍ଗରେ ସମକାଳୀନ ସାହିତ୍ୟରେ କାନ୍ତକବିଙ୍କ ସାହିତ୍ୟ କୃତିର ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ କାନ୍ତକବିଙ୍କ ସାହିତ୍ୟର ସାର୍ବଜନୀନ ଲୋକାଦୃତି ସମ୍ପର୍କରେ ଉଲ୍ଲେଖ କରିଥିଲେ । ଓଡ଼ିଶୀ କଣ୍ଠସଂଗୀତ ବିଭାଗର ଛାତ୍ରୀମାନେ ଗୁରୁ ଡ. ନୀଳାଦ୍ରି କଲ୍ୟାଣ ଦାସଙ୍କ ସଂଯୋଜନାରେ ପାରମ୍ପରିକ ସଂଗୀତ ଭାବେ କାନ୍ତକବିଙ୍କ ବହୁ ଚର୍ଚ୍ଚିତ ତଥା ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ ' ପରିବେଷଣ କରିଥିଲେ । ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିବାବେଳେ ୨ୟ ବର୍ଷର ଛାତ୍ର ପ୍ରଣବ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।




# ଚିନ୍ମୟ ଅମ୍ରିତ ମହୋତ୍ସବ ଶ୍ରୀ ହନୁମତ୍ ଉଦ୍‌ଘାଟିତ

କଟକ, (ସବ୍ୟୁ): ଚିନ୍ମୟ ଅମ୍ରିତ ମହୋତ୍ସବ ଶ୍ରୀ ହନୁମତ୍ ଉଦଘାଟିତ ହୋଇଯାଇଛି। ଉଦଘାଟକ ମହୋତ୍ସବରେ ଉଦଘାଟକ ଭାବେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ କରକମଳରେ ଉଦଘାଟିତ ହୋଇଥିଲା। ଏହି ଉଦଘାଟନୀ ଉତ୍ସବରେ ମୂଖ୍ୟ ଅତିଥି ଭାବେ ଦିବ୍ୟ ଜୀବନ ସଂଘ ଋଷିକେଶ ପୂଜ୍ୟ ସ୍ୱାମୀ ଅଦ୍‌ଵୈତେ ନନ୍ଦ ମହାରାଜା ଯୋଗ ଦେଇଥିଲେ।ଏହି ଅମ୍ରିତା ମହୋତ୍ସବରେ ଚିନ୍ମୟ ମିଶନର ମୂଖ୍ୟ ସ୍ୱାମୀ ସ୍ୱରୁପା ନନ୍ଦ ମହାରାଜା ଆଜି ଠାରୁ ପ୍ରତି ଦିନ ସଙ୍କଟ ମୋଚନ ହନୁମାନ ଆଷ୍ଟକମ୍ ଉପରେ ହିନ୍ଦୀ ଭାଷାରେ ସନ୍ଧ୍ୟାରୁ ୮ ଟା ୩୦ମି ପର୍ଯ୍ୟନ୍ତ ପ୍ରବଚନ ଦେବେ।ଆଜି ସନ୍ଧ୍ୟାରେ ପ୍ରବଚକ ଭାବେ ସ୍ୱରୁପା ନନ୍ଦ ସରସ୍ୱତୀ ପ୍ରବଚନ ଦେଇ ଶ୍ରଦ୍ଧାଳୁମାନଙ୍କୁ ଆତ୍ମ ସନ୍ତୋଷ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ମୂଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଫେବୃଆରୀ ୨୫ ରୁ ୨୮ ତାରିଖ ଗୀତା ପଞ୍ଚାମୃତ ଉପରେ ଓଡ଼ିଆ ଭାଷାରେ ପ୍ରବଚନ ଦେବେ। ଆଜିର ଉଦଘାଟନୀ ସଂଧ୍ୟାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

# କ୍ୟାମ୍ପସ୍‌ରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ଘଟଣା : ରେଭେନ୍ସାର ୨ଛାତ୍ର ଗିରଫ

କଟକ(ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨ ଗୋଷ୍ଠୀ ମୁହାଁମୁହିଁ ଘଟଣାରେ ମାଲଗୋଦାମ ଥାନା ପୁଲିସ ଆଜି ଦୁଇ ଛାତ୍ରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଇଷ୍ଟ ହଷ୍ଟେଲରେ ରହୁଥିବା ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର କେନ୍ଦୁଝର ଜିଲ୍ଲା ନାଣ୍ଡିଆପଡ଼ାର ରଜତ କୁମାର ଦାସ(୨୧) ଓ ଯାଜପୁର ଜିଲ୍ଲା ବରି ରାମଚନ୍ଦ୍ରପୁରର ବିଶ୍ୱଜିତ ମହାଲିକ(୨୧) । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଗତ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆନ୍ତଃ ହଷ୍ଟେଲ୍ କ୍ରିକେଟ୍ ମ୍ୟାଚ୍ ଚାଲିଥିବା ସମୟରେ ଇଷ୍ଟ୍ ଓ ନିୟୁ ହଷ୍ଟେଲ୍ ଅନ୍ତେବାସୀଙ୍କ ମଧ୍ୟରେ ଖେଳକୁ ନେଇ ପାଟିତୁଣ୍ଡ ହୋଇଥିଲା । ସେହିଦିନ ସନ୍ଧ୍ୟାରେ ୨ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ କଥା କଟାକଟି ହେବା ସହିତ ପ୍ରବଳ ମାରପିଟ୍ ହୋଇଥିଲା । ମାଲଗୋଦାମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବିବାଦ ସମାଧାନ କରିବାକୁ ଉଦ୍ୟମ କରିଥିଲା । ଗତ ଶନିବାର ରାତିରେ ପୁଣି ଥରେ ୨ ହଷ୍ଟେଲ୍ ଛାତ୍ରଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହେବା ସହିତ ମାରପିଟ୍ ହୋଇଥିଲା । ଏଥିରେ ନିୟୁ ଛାତ୍ରାବାସର ୨ଜଣ ଅନ୍ତେବାସୀଙ୍କ ମୁଣ୍ଡ ଓ ପିଠିରେ ଗଭୀର ଆଘାତ ଲାଗିଥିଲା । ସେମାନଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣାରେ ଆହତଙ୍କ ପକ୍ଷରୁ ମାଲଗୋଦାମ ଥାନାରେ ଏତଲା ଦିଆଯାଇଥିଲା । ପୁଲିସ ବିଏନ୍‌ଏସର ଧାରା ୧୦୯(୧), ୧୧୭(୨), ୧୨୬(୨), ୩(୫), ୩୫୧(୩) ରେ ଏକ ମାମଲା(କେସ୍ ନଂ ୭୩) ରୁଜୁ କିଥିଲା । ଏହାରି ଆଧାରରେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅନ୍ୟପଟେ ଏଭଳି ଘଟଣାରେ ହଷ୍ଟେଲର ଛାତ୍ରମାନେ ହଷ୍ଟେଲ ଛାଡ଼ି ଘରକୁ ଚାଲିଯାଇଥିବା ଜଣାପଡ଼ିଛି ।

# ସୋନପୁର ଏସ୍‌ପିଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

କଟକ,(ସବ୍ୟୁ): ତେଲେଙ୍ଗାନା ରାଜ୍ୟର ଇଟାଭାଟିରେ କାମ କରିବାକୁ ଯାଇଥିବା ଶ୍ରମିକମାନେ ଏକପ୍ରକାର ବନ୍ଧା ପଡ଼ିଯାଇଛନ୍ତି । ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ମଧ୍ଯ ଚିକିତ୍ସା ସୁବିଧା ଟିକେ ମିଳିପାରୁନି । ଇଟାଭାଟି ବାହାରକୁ ସେମାନେ ଆସି ମଧ୍ଯ ପାରୁନାହାନ୍ତି । ଏହିଭଳି ଦାଦନ ଶ୍ରମିକଙ୍କ ଉଦ୍ଧାର ପାଇଁ ରୁଜୁ ମାମଲାରେ ହାଇକୋର୍ଟ ଭୀଷଣ ଉଦ୍‌ବେଗ ପ୍ରକାଶ କରିଛନ୍ତି । 'ଦାସତ୍ୱ ପ୍ରଥା ହଟିଯାଇଛି, କିନ୍ତୁ ଦାଦନ ଶ୍ରମିକଙ୍କ ଦୁଃଖ ଯାଇନି' ବୋଲି ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ମନ୍ତବ୍ୟ ଦେବାସହ ଏହି ଶ୍ରମିକଙ୍କ ଉଦ୍ଧାର ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସୋନପୁର ଜିଲ୍ଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେଲେଙ୍ଗାନାର ଯେଉଁ ଇଟାଭାଟିରେ ଏହି ଶ୍ରମିକମାନେ ଅଟକ ଅଛନ୍ତି ସେମାନଙ୍କୁ ସୋନପୁର ଏସ୍‌ପି ଯୋଗାଯୋଗ କରିବେ । ଯଦି ସେମାନଙ୍କ ଅଭିଯୋଗର ସତ୍ୟତା ଥାଏ ତାହେଲେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଆବେଦନକାରୀ ଦେବାର୍ଜ୍ଜଳ ମେଘାନୀ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ମାର୍ଚ୍ଚ ୧୬କୁ ଧାର୍ଯ୍ୟ ହୋଇଛି । ପରବର୍ତ୍ତୀ ଶୁଣାଣିରେ ଅଦାଲତଙ୍କ ଆଦେଶ ଆଧାରରେ କି' ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ଶ୍ରମିକଙ୍କୁ ଉଦ୍ଧାର କାର୍ଯ୍ୟ କେତେଦୂର ଅଗ୍ରଗତି ଘଟିଛି ତାହା ଉପରେ ସୋନପୁର ଏସ୍‌ପି ସତ୍ୟପାଠ ଜରିଆରେ ଜବାବ ରଖିବାକୁ ହାଇକୋର୍ଟ କହିଛନ୍ତି।

# ଆଧ୍ୟାତ୍ମିକ ସମ୍ମିଳନୀରେ ଡଃ ତିରୁପତି ପାଣିଗ୍ରାହୀ ସମ୍ବର୍ଦ୍ଧିତ




ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସ୍ଥିତ କ୍ରିଷ୍ଟାଲ କ୍ରାଉନ ସମ୍ମିଳନୀ କକ୍ଷରେ ଆଧ୍ୟାତ୍ମିକ ସମ୍ମିଳନୀ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଏଥରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଜୀ, ପୁରୀ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାଶ, ସ୍ୱାମୀ ଶଙ୍କରାନନ୍ଦ ଗିରି, ସ୍ୱାମୀ ସତ୍ୟାନନ୍ଦ ମହାରାଜ, ସ୍ୱାମୀ ସୁବଳ ମହାରାଜ ଯୋଗଦାନ କରିଥିଲେ । ପୂଜନୀୟା ମହାନ ସାଧ୍ୱୀ ରାସେଶ୍ୱରୀ ଦେବୀଜୀ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଡଃ ତିରୁପତି ପାଣିଗ୍ରାହୀ ଆଧ୍ୟାତ୍ମିକ ଜୀବନ ପ୍ରତିଟି ମଣିଷର ପ୍ରଥମ ସୋପାନ ହେବା ଦରକାର ଏବଂ ଅଧ୍ୟାତ୍ମିକତା ମଣିଷ ଜୀବନକୁ ଶୃଙ୍ଖଳିତ କରେ ବୋଲି କହିଛନ୍ତି ।

## ଜାତୀୟ ସିଏସ୍‌ଆର ସମ୍ମିଳନୀ ୨୦୨୬ରେ

# ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଡାଲମିଆ ଭାରତ ଫାଉଣ୍ଡେସନ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ) : ଡାଲ୍‌ମିଆ ସିମେଣ୍ଟ (ଭାରତ) ଲିମିଟେଡର ସିଏସଆର ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ୍)




କୁ ଜାତୀୟ ସିଏସଆର ସମ୍ମିଳନୀ ୨୦୨୬ରେ 'ଡିଷ୍ଟିନ୍‌ଗୁଇସ୍‌ଡ ଲିଡରସିପ ଅନର୍' ସମ୍ମାନରେ ସମ୍ମାନିତ କରାଯାଇଛି, ଯାହାକୁ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଟାଇମ୍ସ ଫାଉଣ୍ଡେଶନ ଦ୍ୱାରା ଆୟୋଜନ କରାଯାଇଥିଲା । ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସମୁଦାୟଗୁଡିକରେ ନିଯୁକ୍ତି କ୍ଷମତାକୁ ମଜବୁତ କରିବା, ସମାବେଶୀ ଶିକ୍ଷାକୁ ଆଗକୁ ବଢାଇବା ଏବଂ ସ୍ଥାୟୀ ଜୀବିକା ସୁଯୋଗକୁ ସକ୍ଷମ କରିବା କ୍ଷେତ୍ରରେ ଡିବିଏଫ୍‌ର ନିରନ୍ତର ପ୍ରୟାସଗୁଡିକର ସ୍ୱୀକୃତିରେ ଡାଲମିଆ ଭାରତ ଫାଉଣ୍ଡେଶନର ସିଇଓ ଅଶୋକ କୁମାର ଗୁପ୍ତା ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ସ୍ୱୀକୃତି ଦକ୍ଷତା ବିକାଶ, ଶିକ୍ଷା ଓ ଗ୍ରାମାଂଚଳ ବିକାଶ କ୍ଷେତ୍ରରେ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ ସମାବେଶୀ ଅଭିବୃଦ୍ଧି ସୁଯୋଗ ସୃଷ୍ଟି କରିବା ପାଇଁ ଡିବିଏଫ୍‌ର ନିରନ୍ତର ପ୍ରତିବଦ୍ଧତାକୁ ସୂଚିତ କରୁଛି । ବିଗତ ବର୍ଷଗୁଡିକରେ ଏହି ଫାଉଣ୍ଡେସନ ଦକ୍ଷତା ଅନ୍ତର ଦୂର କରିବା, ନିଯୁକ୍ତି କ୍ଷମତା ବୃଦ୍ଧି କରିବା ସାର୍ଥକ ଜୀବିକା ପାଇଁ ପହଂଚ ସହିତ ବଂଚିତ ସମୁଦାୟଗୁଡିକୁ ସଶକ୍ତ କରିବା ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରିଆସିଛି । ଏହି ଅବସରରେ ଡାଲମିଆ ଭାରତ ଫାଉଣ୍ଡେଶନର ସିଇଓ ଅଶୋକ କୁମାର ଗୁପ୍ତା କହିଛନ୍ତି, "ଆମେ ଏହି ସ୍ୱୀକୃତି ଗ୍ରହଣ କରି ବାସ୍ତବରେ ସମ୍ମାନିତ ଅନୁଭବ କରୁଛୁ । ଏହା ଆମର ଟିମ ଓ ସହଯୋଗୀଙ୍କ ଦୃଢ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ଯିଏ ଅର୍ଥପୂର୍ଣ୍ଣ ଓ ଦୀର୍ଘସ୍ଥାୟୀ ପ୍ରଭାବକୁ ପରିଚାଳନା କରିବା ପାଇଁ ସମୁଦାୟଗୁଡିକ ସହ ମିଶି କାର୍ଯ୍ୟ କରୁଛନ୍ତି । ଏହି ସମ୍ମିଳନୀର ଅଂଶ ଭାବେ ଶ୍ରୀ ଗୁପ୍ତା 'ସ୍କିଲିଙ୍ଗ: ଏମ୍‌ପାୱାରିଙ୍ଗ ଏମଏସଏମଇ ଆଣ୍ଡ ୟୁଥ୍ ଫର ସଷ୍ଟେନେବୁଲ ଲାଇଭ୍‌ଲିହୁଡ' ଶୀର୍ଷକ ଏକ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଝାରସୁଗୁଡ଼ାରେ ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଶକ୍ତି ୟୁନିଟ ସ୍ଥାପନ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ପ୍ରଥମ ସଂପୂର୍ଣ୍ଣ ମହିଳା ଶକ୍ତି ପରିଚାଳନା ଦଳ ନିୟୋଜନ କରିଛି। ଯେଉଁମାନେ ବିଶ୍ୱର ବୃହତ ଆଲୁମିନିୟମ ପ୍ଲାଂଟ ଝାରସଗୁଡ଼ାରେ ୧୩୫ ମେଗାୱାଟ ବିଦ୍ୟୁତ ୟୁନିଟ ପରିଚାଳନା ଦାୟିତ୍ୱରେ ରହିବେ। ୨୦୨୬ ମହିଳା ଦିବସ ପୂର୍ବରୁ ଏହା ଭାରତର ଖଣି ଏବଂ ଧାତୁ ଶିଳ୍ପ ମଧ୍ୟରେ ଅଧିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବ। ଆଧୁନିକ ଆଲୁମିନିୟମ ସ୍ମେଲଟରଗୁଡ଼ିକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିବା ଲାଗି ଏକ ନିରନ୍ତର ନିର୍ଭରଯୋଗ୍ୟ ଶକ୍ତି ଯୋଗାଣ ଦରକାର, ଯାହା ଆଲୁମିନିୟମ ଉତ୍ପାଦନ ଲାଗି ଗୁରୁତ୍ୱପୂର୍ଣ୍ଣ। ଝାରସୁଗୁଡ଼ାରେ ଥିବା ବେଦାନ୍ତ ଆଲୁମିନିୟମର ମେଗା ପ୍ଲାଂଟର ବିଦ୍ୟୁତ ଉତ୍ପାଦନ କ୍ଷମତା ୩୬୧୫ ଏମଡବ୍ଲ୍ୟୁ, ଯେଉଁଥିରୁ ୬୦୦ ମେଗାୱାଟ ପ୍ରତ୍ୟେକ ୪ ୟୁନିଟ ଓ ୧୩୫ ମେଗାୱାଟ ପ୍ରତ୍ୟେକ ୯ ୟୁନିଟ ରହିଛି। ଏବେ ୧୩୫ ମେଗାୱାଟ ତାପଜ




ବିଦ୍ୟୁତ କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବାକୁ ପ୍ରସ୍ତୁତ।

ବ୍ୟବସାୟିକ ଅଂଶୀଦାର ଏନଜିଏସଏଲ ସହଭାଗିତାରେ ନିଆଯାଇଥିବା ଏକ ପଦକ୍ଷେପରେ ଯୋଗ୍ୟ ମହିଳା ଇଂଜିନିୟର, ଟର୍ବାଇନ ଅପରେଟର, ମିଲ ଅପରେଟର ଓ ଅନ୍ୟାନ୍ୟଙ୍କୁ ନେଇ ବିଭିନ୍ନ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ସେମାନେ ଶ୍ରେଣୀଗୃହ ଭିତିକ ବୈଷୟିକ, କାର୍ଯ୍ୟକ୍ଷମ ଓ ନେତୃତ୍ୱ କ୍ଷମତାର ଏକ ଛଅମାସିଆ ତାଲିମ ଗ୍ରହଣ କରିବେ। ଏହି ମାଇଲଖୁଂଟ ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଏହି ପଦକ୍ଷେପ ଦର୍ଶାଉଛି ଯେ ମହିଳାମାନେ କେବଳ ଭାରୀ ଶିଳ୍ପରେ ଅଂଶଗ୍ରହଣ କରୁନାହାଁନ୍ତି ବରଙ୍ଗ ସେମାନେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ନେତୃତ୍ୱ ମଧ୍ୟ ନେଉଛନ୍ତି। ଏକ ସମ୍ପୂର୍ଣ୍ଣ ମହିଳା ଟିମକୁ ୧୩୫ ମେଗାୱାଟ ବିଦ୍ୟୁତ୍ ୟୁନିଟ୍ ପ୍ରଦାନ କରିବା ଆମର ବିଶ୍ୱାସକୁ ପ୍ରତିଫଳିତ କରିବା ସହିତ କ୍ଷମତା ନେତୃତ୍ୱକୁ ପରିଭାଷିତ କରିଛି। ୨୦୩୦ ସୁଦ୍ଧା ଆମେ ୩୦% ମହିଳା ପ୍ରତିନିଧିତ୍ୱ ଆଡକୁ ଅଗ୍ରସର ହେଉଥିବାରୁ ଆମେ ଭାରତରେ ଅନ୍ତର୍ଭୁକ୍ତ ଶିଳ୍ପ ଅଭିବୃଦ୍ଧି ପାଇଁ ମାନଦଣ୍ଡ ସ୍ଥାପନ କରିବାକୁ ଆମେ ପ୍ରତିବଦ୍ଧ ଅଟୁ।"

ଓଡିଶା ଅର୍ଥନୈତିକ ସର୍ଭେ ୨୦୨୫-୨୬ ଅନୁଯାୟୀ, ରାଜ୍ୟର ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୦୨୨ ରେ ୩୭.୬% ରୁ ବୃଦ୍ଧି ପାଇ ୨୦୨୪ ରେ ୪୮.୭% ହୋଇଛି, ଯାହାକି ଜାତୀୟ ହାରକୁ ଅତିକ୍ରମ କରିଛି। ଏହି ଗତି ସହିତ ବେଦାନ୍ତ ଆଲୁମିନିୟମ ମୁଖ୍ୟ ଶିଳ୍ପ କାର୍ଯ୍ୟରେ ମହିଳାମାନଙ୍କ ଉନ୍ନତି ପାଇଁ ଅର୍ଥପୂର୍ଣ୍ଣ ପଥ ସୃଷ୍ଟି କରି ଲିଙ୍ଗ ବିବିଧତାକୁ ସ୍ଥିର ଭାବରେ ଆଗକୁ ବଢ଼ାଉଛି। ଝାରସୁଗୁଡାରେ, ଏଥିରେ ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପଟଲାଇନ୍ ଦଳ, କମ୍ପାନୀର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ କ୍ରୁ ଏବଂ ଅଗ୍ନିବାହିନୀ, ଏହାର ସମ୍ପୂର୍ଣ୍ଣ ମହିଳା ଅଗ୍ନିଶମ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଭଳି ଅଗ୍ରଣୀ ମାଇଲଖୁଂଟ ଅନ୍ତର୍ଭୁକ୍ତ, ଏହା ସହିତ ଶ୍ରୀ ଶକ୍ତି ପଦକ୍ଷେପ ମାଧ୍ୟମରେ ମହିଳା କର୍ମଚାରୀମାନଙ୍କୁ ରାତ୍ରିକାଳିନ ସିଫ୍ଟ କାର୍ଯ୍ୟରେ ସାମିଲ କରିବାରେ ଓଡ଼ିଶାର ପ୍ରଥମ କମ୍ପାନୀ। ଏହା ବ୍ୟତୀତ ଉପଯୁକ୍ତ ଅଭିବୃଦ୍ଧି ପଦକ୍ଷେପ ମାଧ୍ୟମରେ ଉଚ୍ଚ ସମ୍ଭାବ୍ୟ ମହିଳା ନେତାଙ୍କୁ ଚିହ୍ନଟ ଏବଂ ବିକଶିତ ମଧ୍ୟ କରାଯାଉଛି।

# ଝୋଟର ଏମଏସପିକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଆଜି ବିପଣନ ଋତୁ ୨୦୨୬-୨୭ ପାଇଁ କଞ୍ଚାମାଲ ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କୁ ମଞ୍ଜୁରି ଦେଇଛନ୍ତି। ୨୦୨୬-୨୭ ଋତୁ ପାଇଁ ଝୋଟ (ଟିଡି ୩ ଗ୍ରେଡ୍) ର ଏମ୍ଏସପି କ୍ୱିଣ୍ଟାଲ ପିଛା ୫,୯୨୫ ଟଙ୍କା ସ୍ଥିର କରାଯାଇଛି। ଏହା ସର୍ବଭାରତୀୟ ହାରାହାରି ଉତ୍ପାଦନ ଖର୍ଚ୍ଚ ତୁଳନାରେ ୬୧.୮ ପ୍ରତିଶତ ଲାଭ ସୁନିଶ୍ଚିତ କରିବ। ବିପଣନ ଋତୁ ୨୦୨୬-୨୭ ପାଇଁ ଝୋଟ ପାଇଁ ଘୋଷିତ ଏମ୍ଏସପି ବଜେଟ ୨୦୧୮-୧୯ରେ ସରକାରଙ୍କ ଦ୍ୱାରା ଘୋଷିତ ସର୍ବଭାରତୀୟ ହାରାହାରି ଉତ୍ପାଦନ ମୂଲ୍ୟର ଅତି କମରେ ଦେଢ଼ ଗୁଣ ସ୍ତରରେ ଏମ୍ଏସପି ସ୍ଥିର କରିବାର ନୀତି ଅନୁରୂପ ଅଟେ। ବିପଣନ ଋତୁ ୨୦୨୬-୨୭ ପାଇଁ ଝୋଟର ଏମ୍ଏସପି ପୂର୍ବ ବିପଣନ ଋତୁ ୨୦୨୫-୨୬ ତୁଳନାରେ କ୍ୱିଣ୍ଟାଲ ପିଛା ୨୭୫/- ଟଙ୍କା ବୃଦ୍ଧି ପାଇଛି। ସରକାର ଝୋଟର ଏମ୍ଏସପି କ୍ୱିଣ୍ଟାଲ ପିଛା ୨,୪୦୦/- ଟଙ୍କାରୁ ବୃଦ୍ଧି କରି ୨୦୨୬-୨୭ ରେ କ୍ୱିଣ୍ଟାଲ ପିଛା ୫,୯୨୫/- ଟଙ୍କା କରିଛନ୍ତି, ଯାହା କ୍ୱିଣ୍ଟାଲ ପିଛା ୩,୫୨୫/- ଟଙ୍କା (୨.୫ ଗୁଣ) ବୃଦ୍ଧି ରେକର୍ଡ କରିଛି। ୨୦୧୪-୧୫ ରୁ ୨୦୨୫-୨୬ ମଧ୍ୟରେ ଝୋଟ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ଏମ୍ଏସପି ପରିମାଣ ୧,୩୪୨ କୋଟି



ଟଙ୍କା ଥିବାବେଳେ ୨୦୦୪-୦୫ ରୁ ୨୦୧୩-୧୪ ମଧ୍ୟରେ ପ୍ରଦାନ କରାଯାଇଥିବା ପରିମାଣ ୪୪୧ କୋଟି ଟଙ୍କା ଥିଲା। ଭାରତୀୟ ଝୋଟ ନିଗମ (ଜେସିଆଇ) କେନ୍ଦ୍ର ସରକାରଙ୍କ ନୋଡାଲ ଏଜେନ୍ସି ଭାବେ ମୂଲ୍ୟ ସହାୟତା ପରିଚାଳନା ଜାରି ରଖିବ ଏବଂ ଏଭଳି କାର୍ଯ୍ୟରେ ଯଦି କୌଣସି କ୍ଷତି ହୋଇଥାଏ, ତାହା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଭରଣା କରିବେ।

### ଆମେରିକାକୁ ଚୀନର ଅପିଲ

# ତୁରନ୍ତ ହଟାଅ ଏକପାଖିଆ ଶୁଳ୍କ

ବେଜିଂ: ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଆମେରିକା ପକ୍ଷରୁ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଲାଗୁ ହୋଇଥିବା ଏକପାଖିଆ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଅପିଲ୍ କରିଛି। ମୁଖପାତ୍ର ସ୍ପଷ୍ଟ କରିଛନ୍ତି ଯେ, ଚୀନ୍ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଓ ଏହାର ବିଶ୍ୱସ୍ତରୀୟ ପ୍ରଭାବକୁ ନିକଟରୁ ମୂଲ୍ୟାଙ୍କନ କରୁଛି। ବେଜିଂ କହିଛି, ସଂରକ୍ଷଣବାଦୀ ନୀତି କେବେବି କାହାକୁ ଲାଭ ପହଞ୍ଚାଏ ନାହିଁ। ଏହା ଅନ୍ତର୍ଜାତୀୟ ବାଣିଜ୍ୟ ନିୟମର ସ୍ପଷ୍ଟ ଉଲ୍ଲଂଘନ। ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଚୀନ୍ ମୁଖପାତ୍ର କହିଛନ୍ତି ଯେ, ବାଣିଜ୍ୟ ଯୁଦ୍ଧରେ କୌଣସି ପକ୍ଷ କେବେ ଜିତିପାରନ୍ତି ନାହିଁ। ଚୀନ୍ ସର୍ବଦା ଏକପାଖିଆ ଶୁଳ୍କ ବୃଦ୍ଧିକୁ ଦୃଢ଼ ବିରୋଧ କରିଆସିଛି। ଏହା ବିଶ୍ୱ ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ସୃଷ୍ଟି କରିଥାଏ।। ସଂରକ୍ଷଣବାଦ ଆର୍ଥିକ ବିକାଶକୁ ବାଧା ଦିଏ। ଭବିଷ୍ୟତରେ ଏହା କୌଣସି ଦେଶକୁ ଲାଭ ଦେଇନଥାଏ। ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଫେଣ୍ଟାନିଲ୍ ଶୁଳ୍କ ଓ ପାରସ୍ପରିକ ଶୁଳ୍କ କେବଳ ଅନ୍ତର୍ଜାତୀୟ ମାନଦଣ୍ଡ ନୁହେଁ ବରଂ ଆମେରିକାର ଘରୋଇ ଆଇନକୁ ମଧ୍ୟ ଉଲ୍ଲଂଘନ କରୁଛି। ତଥ୍ୟଗୁଡ଼ିକ



ବାରମ୍ବାର ପ୍ରମାଣିତ ହୋଇଛି ଯେ, ଯେତେବେଳେ ଚୀନ୍ ଓ ଆମେରିକା ଏକାଠି କାମ କରନ୍ତି, ଉଭୟ ଦେଶ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ପାଇଥାନ୍ତି। ମୁହାଁମୁହିଁ ସ୍ଥିତି ହେଲେ ଉଭୟ ଦେଶ ଯଥେଷ୍ଟ କ୍ଷତି ସହିଥାନ୍ତି। ବିଶ୍ୱ ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ବେଜିଂ ଗୁରୁତ୍ୱାରୋପ କରିଛି, ଦୁଇ ଦେଶ ମଧ୍ୟରେ ସହଯୋଗ ବିଶ୍ୱର ଦୁଇଟି ବୃହତ୍ତମ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟରେ ସ୍ଥିରତା ବଜାୟ ରଖିପାରିବ। ଏକପାକ୍ଷିକ କାର୍ଯ୍ୟ କାହାର ସ୍ୱାର୍ଥ ପୂରଣ କରେ ନାହିଁ ଏବଂ ବାଣିଜ୍ୟ ସମ୍ପର୍କରେ କେବଳ ତିକ୍ତତା ଓ ଅବିଶ୍ୱାସ ବୃଦ୍ଧି କରେ। ଆମେରିକାକୁ ଏହାର ଏକପାକ୍ଷିକ ଆଭିମୁଖ୍ୟ ପରିତ୍ୟାଗ କରିବା ଉଚିତ ଓ ଆଲୋଚନା ମାଧ୍ୟମରେ ତଥା ଅନ୍ତର୍ଜାତୀୟ ଆଇନର ଢାଞ୍ଚା ମଧ୍ୟରେ ବାଣିଜ୍ୟ ସମସ୍ୟାର ସମାଧାନ କରିବା ଉଚିତ ବୋଲି ସେ କହିଛନ୍ତି।

## ଶ୍ରୀନଗର ଏୟାରପୋର୍ଟରେ ଏନକ୍ଲେଭ୍ ସମ୍ପ୍ରସାରଣ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ବନ୍ଧୀୟ କ୍ୟାବିନେଟ୍ କମିଟି ଆଜି ଶ୍ରୀନଗର ଅନ୍ତର୍ଜାତୀୟ ବିମାନବନ୍ଦରରେ ୧,୬୭୭ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ପ୍ରସ୍ତାବିତ ସିଭିଲ୍ ଏନକ୍ଲେଭ ବା ବେସାମରିକ କୋଠାର ନିର୍ମାଣକୁ ମଞ୍ଜୁରି ଦେଇଛନ୍ତି। କାଶ୍ମୀର ଉପତ୍ୟକାରେ ବିମାନ ଚଳାଚଳ ଭିତ୍ତିଭୂମି ଏବଂ ସଂଯୋଗୀକରଣକୁ ସୁଦୃଢ଼ କରିବା ଦିଗରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ପ୍ରକଳ୍ପର ପରିସର ମଧ୍ୟରେ ସୁରକ୍ଷା କର୍ମୀଙ୍କ ପାଇଁ ବାରାକ୍ ନିର୍ମାଣ ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

### ସହାୟକ କମ୍ପାନୀରେ ଅଧିକ ନିବେଶ

## ପାୱାରଗ୍ରୀଡ଼କୁ କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଆଜି ପାଓ୍ୱାରଗ୍ରୀଡ୍ କର୍ପୋରେସନକୁ ଏହାର ସହାୟକ କମ୍ପାନୀରେ ଇକ୍ୱିଟି ନିବେଶ ଲାଗି ଅଧିକ କ୍ଷମତା ହସ୍ତାନ୍ତର ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ମହାରନି ଉଦ୍ୟୋଗ (ସିପିଏସ୍ଇ) ଗୁଡ଼ିକ ପାଇଁ ଲାଗୁ ହେଉଥିବା ସାଧାରଣ ଉଦ୍ୟୋଗ ବିଭାଗର ୪ ଫେବୃଆରୀ, ୨୦୧୦ ମସିହାର ନିର୍ଦ୍ଦେଶାବଳୀ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଅନୁମୋଦନ ଦ୍ୱାରା ପାଓ୍ୱାରଗ୍ରୀଡର ଅନୁମତିପ୍ରାପ୍ତ ଇକ୍ୱିଟି ବିନିଯୋଗ ସୀମା ବର୍ତ୍ତମାନର ପ୍ରତି ସହାୟକ କମ୍ପାନୀ ପିଛା ୫,୦୦୦ କୋଟି ଟଙ୍କାରୁ ୭,୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

## ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଉତ୍ତେଜନା : ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ

ଲକ୍ଷ୍ନୌ: ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଗତକାଲି ନମାଜ ପାଠକୁ ନେଇ ବିରୋଧ ପ୍ରଦର୍ଶନ ହୋଇଥିବା ବେଳେ, ଆଜି ହନୁମାନ ଚାଳିଶା ପାଠକୁ ନେଇ କ୍ୟାମ୍ପସ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ଛାତ୍ରମାନେ ସକାଳଠାରୁ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ଏକାଠି ହୋଇ ନାରାବାଜୀ କରୁଛନ୍ତି। ଗଣ୍ଡଗୋଳ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମୁତୟନ କରାଯାଇଛି। ଅନେକ ଛାତ୍ରଙ୍କୁ ବଳପୂର୍ବକ ହଟାଇ ଅଟକ ରଖାଯାଇଛି। ଲାଲ ବରାଦାରୀରେ ନମାଜ ପାଠ କରିଥିବା ୧୩ ଜଣ ଛାତ୍ରଙ୍କୁ ନୋଟିସ ଜାରି କରାଯାଇଥିଲା। ଶାନ୍ତି ଭଙ୍ଗ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ସେମାନଙ୍କ ଉପରେ ୫୦,୦୦୦ ଟଙ୍କା ଲେଖାଏଁ ଜରିମାନା ମଧ୍ୟ ଲାଗୁ କରାଯାଇଛି। ଅନ୍ୟ ଛାତ୍ରମାନଙ୍କୁ ବୁଝାଇବା ପାଇଁ ପ୍ରୟାସ ଚାଲିଛି, କିନ୍ତୁ ବିକ୍ଷୋଭକାରୀମାନେ ଫାଟକ ଖୋଲିବା ପାଇଁ ଦାବିରେ ଅଟଳ ରହିଛନ୍ତି। ଲାଲ ବରାଦରୀର ନମାଜ ଗେଟ୍ ବନ୍ଦ କରିବା ନେଇ



ବିବାଦ ଏବେ ଏକ ଉତ୍ତେଜନାରେ ପରିଣତ ହୋଇଛି। ବିଶ୍ୱବିଦ୍ୟାଳୟ ଗେଟ୍ ନିକଟରେ ବହୁ ସଂଖ୍ୟକ ଛାତ୍ର ପ୍ରତିବାଦ କରୁଛନ୍ତି। ପ୍ରଦର୍ଶନକାରୀ ଦାବି କରିଛନ୍ତି ଯେ ପ୍ରଶାସନ ଜାଣିଶୁଣି ମସଜିଦର ପ୍ରବେଶ ପଥ (ପ୍ରାର୍ଥନା ଦ୍ୱାର)କୁ ଅବରୋଧ କରିଛି, ଯାହା ଫଳରେ ସେମାନଙ୍କ ଧାର୍ମିକ ସ୍ୱାଧୀନତା ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୁଲିସର କହିବା କଥା ହେଲା ଏହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଚାଲିଛି, ତେଣୁ ସୁରକ୍ଷା ଦୃଷ୍ଟିରୁ ବ୍ୟାରିକେଡ୍ ଲଗାଯାଇଛି। ଉଲ୍ଲେଖଯୋଗ୍ୟ, ସୋମବାର ସକାଳେ, ଲାଲ ବରାଦରୀ କୋଠାରେ ନମାଜ ପାଠକୁ ନେଇ ହିନ୍ଦୁ ଓ ମୁସଲିମ ଛାତ୍ର ଗୋଷ୍ଠୀ ମଧ୍ୟରେ ଉଷ୍ମ ବିତର୍କ ଏବଂ ହାତାହାତି ହେବା ପରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ରଣକ୍ଷେତ୍ର ପାଲଟିଥିଲା। ଗୋଟିଏ ପଟେ "ଜୟ ଶ୍ରୀ ରାମ" ଧ୍ୱନି ଗୁଞ୍ଜରିତ ହେଉଥିଲା, ଅନ୍ୟପଟେ ବିରୋଧ ପ୍ରଦର୍ଶନ ଆରମ୍ଭ ହୋଇଥିଲା। ସମଗ୍ର ଘଟଣାଟି କ୍ୟାମ୍ପସରେ ଥିବା ଐତିହାସିକ ଲାଲ ବରାଦରୀ କୋଠା ସହିତ ଜଡ଼ିତ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ) ର ଏକ ରିପୋର୍ଟ ପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ କୋଠାର ମରାମତି ଆରମ୍ଭ କରିଥିଲା ଏବଂ ସୁରକ୍ଷା ଦୃଷ୍ଟିରୁ ଏଠାରେ ବ୍ୟାରିକେଡ୍ ଲଗାଯାଇଥିଲା।

## ସେନା ହେଲିକପ୍ଟର ଦୁର୍ଘଟଣାରେ ୪ ମୃତ

ତେହେରାନ: ମଙ୍ଗଳବାର ଦିନ କେନ୍ଦ୍ରୀୟ ଇରାନର ଏକ ଫଳ ଓ ପନିପରିବା ବଜାର ଉପରେ ଆକାଶରୁ ଇରାନୀ ସାମରିକ ହେଲିକପ୍ଟର ଖସିପଡ଼ିଛି। ଏହି ଦୁର୍ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଇରାନୀ ସରକାରୀ ଟେଲିଭିଜନ କହିଛି ଯେ, ଏହି ଦୁର୍ଘଟଣା ଇରାନର ରାଜଧାନୀ ତେହେରାନରୁ ପ୍ରାୟ ୩୩୦ କିଲୋମିଟର ଦକ୍ଷିଣରେ ଇସଫାହାନ ପ୍ରଦେଶର ଡୋରଚେହ ସହରରେ ଘଟିଛି। ଇସଫାହାନରେ ଇରାନର ଏକ ପ୍ରମୁଖ ବିମାନବନ୍ଦର ଅଛି।



ଏହା ସହିତ, ଜୁନ୍ ମାସରେ ଇରାନ-ଇସ୍ରାଏଲ ଯୁଦ୍ଧ ସମୟରେ, ଆମେରିକା ସେଠାରେ ଅବସ୍ଥିତ ଏକ ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଥିଲା। ସରକାରୀ ଟିଭି ରିପୋର୍ଟ କରିଛି, ସାମରିକ ହେଲିକପ୍ଟରଟି ଏକ ତାଲିମ ଉଡ଼ାଣ କରୁଥିଲା। ଦୁର୍ଘଟଣାରେ ପାଇଲଟ୍ ଓ କୋ-ପାଇଲଟଙ୍କ ମୃତ୍ୟୁ ଘଟିଛି। ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଫୁଟେଜରେ ବଜାରରେ ହେଲିକପ୍ଟରର ଭଗ୍ନାବଶେଷରୁ ଧୂଆଁ ଉଠୁଥିବା ଦେଖାଯାଇଛି। ଇରାନର ଅର୍ଦ୍ଧ-ସରକାରୀ ଫାର୍ସ ନ୍ୟୁଜ୍ ଏଜେନ୍ସି କହିଛି, ଦୁର୍ଘଟଣା ସମୟରେ ବଜାରରେ ଥିବା ଦୁଇଜଣଙ୍କ ମୃତ୍ୟୁ ହୋଇଛି।

## ପାକିସ୍ତାନ ସମେତ ୬ ଦେଶ ଉପରେ ଲାଗୁ ହେବ ଭିସା କଟକଣା !

ଲଣ୍ଡନ: ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ରିଟେନର ରିଫର୍ମ ୟୁକେ ପାର୍ଟି ଏକ ଅତ୍ୟନ୍ତ କଠୋର ପ୍ରବାସୀ ନୀତି ଘୋଷଣା କରିଛି। ପାର୍ଟି ନେତା ନାଇଜେଲ ଫାରେଜ କହିଛନ୍ତି, ଆମେ କ୍ଷମତାକୁ ଆସିଲେ ବେଆଇନ ପ୍ରବାସୀଙ୍କୁ ରୋକିବା ପାଇଁ କଠୋର ପଦକ୍ଷେପ ନେବୁ। ଆମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ରିଟେନର ସୀମା ସୁରକ୍ଷିତ କରିବା ତଥା ବେଆଇନ ପ୍ରବାସୀମାନଙ୍କୁ ନିଜ ନିଜ ଦେଶକୁ ପଠାଇବା। ରିଫର୍ମ ୟୁକେ ପାର୍ଟି ବ୍ରିଟେନରେ ଏକ ନୂତନ ଏଜେନ୍ସି ଗଠନ କରିବାକୁ ପ୍ରସ୍ତାବ ଦେଇଛି। ଯାହା ଆମେରିକାର ଏଜେନ୍ସି ଆଇସିଇର ଅନୁରୂପ। ୟୁକେ ଡିପୋର୍ଟେସନ୍ କମାଣ୍ଡ ନାମକ ଏହି ଏଜେନ୍ସିକୁ ବେଆଇନ ପ୍ରବାସୀମାନଙ୍କୁ ଖୋଜିବା ତଥା ନିର୍ବାସନ କରିବା ପାଇଁ ଦାୟିତ୍ୱ ଦିଆଯିବ। ପ୍ରତିବର୍ଷ ପ୍ରାୟ ୨ ଲକ୍ଷ ୮୮ ହଜାର ପ୍ରବାସୀଙ୍କୁ ସେମାନଙ୍କ ମୂଳ ଦେଶକୁ ଫେରାଇବାକୁ ଦଳ ଲକ୍ଷ୍ୟ ରଖିଛି। ଦଳ ସ୍ପଷ୍ଟ କରିଛି ଯେ, ପାକିସ୍ତାନ, ସୋମାଲିଆ,




ଏରିଟ୍ରିଆ, ଆଫଗାନିସ୍ତାନ, ସିରିଆ ଓ ସୁଦାନର ନାଗରିକମାନଙ୍କ ଉପରେ ଭିସା କଟକଣା ଲାଗୁ କରାଯିବ। ବ୍ରିଟେନରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ସର୍ବାଧିକ ସଂଖ୍ୟକ ବେଆଇନ ପ୍ରବାସୀଙ୍କ ପାଇଁ ଏହି ଛଅଟି ଦେଶ ଦାୟୀ। ଏହି ଦେଶଗୁଡ଼ିକରୁ ଭିସା ନିଷେଧ କରିବା ଦ୍ୱାରା ବ୍ରିଟେନର ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ମଜବୁତ ହେବ। ସମ୍ପୂର୍ଣ୍ଣ ଯୋଜନା ପାଇଁ ବାର୍ଷିକ ପ୍ରାୟ ୨ ବିଲିୟନ ପାଉଣ୍ଡ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଦଳ କହିଛି ପ୍ରବାସୀ କଲ୍ୟାଣ ଓ ଗୃହ ନିର୍ମାଣରେ ହ୍ରାସ କରାଯାଇ ଏହା ଏହି ଖର୍ଚ୍ଚ ଭରଣା କରାଯିବ। ପ୍ରବାସୀମାନଙ୍କୁ ପ୍ରଥମେ ମଡ୍ୟୁଲାର ଘରେ ରଖାଯିବ। ତା'ପରେ ପ୍ରତିଦିନ ପାଞ୍ଚଟି ସ୍ୱତନ୍ତ୍ର ବିମାନରେ ଦେଶାନ୍ତର କରାଯିବ। ରିଫର୍ମ ୟୁକେ ମଧ୍ୟ ୟୁରୋପୀୟ ମାନବାଧିକାର ସମ୍ମିଳନୀରୁ ବ୍ରିଟେନକୁ ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦେଇଛି। ଦଳ ଯୁକ୍ତି କରୁଛି ଯେ ବର୍ତ୍ତମାନର ମାନବାଧିକାର ଆଇନ ଜାତୀୟ ସୁରକ୍ଷା ଓ ପ୍ରଭାବଶାଳୀ ସୀମା ନିୟନ୍ତ୍ରଣ ପାଇଁ ଏକ ପ୍ରମୁଖ ପ୍ରତିବନ୍ଧକ ପ୍ରମାଣିତ ହେଉଛି। ସେମାନେ ଏକ ନୂତନ ଆଇନ, ବେଆଇନ ପ୍ରବାସ ଗଣ ନିର୍ବାସନ ଆଇନ ପ୍ରଚଳନ କରିବାକୁ ଯୋଜନା କରୁଛନ୍ତି। ଯାହା ଏହି ଆଇନଗତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବ। ୟୁକେର ସାଧାରଣ ନିର୍ବାଚନ ୨୦୨୯ ରେ ହେବାକୁ ଯାଉଛି। ତେବେ ଦଳର ଯୋଜନା ନିର୍ବାଚନ ପୂର୍ବରୁ ରାଜନୈତିକ ଝଡ଼ ସୃଷ୍ଟି କରିଛି। ଲେବର ପାର୍ଟି ଏହି ପ୍ରସ୍ତାବକୁ କଡ଼ା ସମାଲୋଚନା କରିଛି। ଏହାକୁ ବିଭାଜନକାରୀ ଓ ଏକତା ବିରୋଧୀ ବୋଲି କହିଛି। ପାର୍ଟିର ମୁଖପାତ୍ର ଜିଆ ୟୁସୁଫ ଏହି ଯୋଜନାକୁ ଅପରେସନ୍ ରିଷ୍ଟୋରିଂ ଜଷ୍ଟିସ୍ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବର୍ଣ୍ଣନା କରିଛନ୍ତି।

## ଦିଲ୍ଲୀରେ ଡେଲିଭରୀ କରୁଛି ଡ୍ରୋନ୍

ନୂଆଦିଲ୍ଲୀ: ବିଶ୍ୱର ସର୍ବବୃହତ ଏଆଇ ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେବାପରେ ଦିଲ୍ଲୀ ଏନସିଆର୍ ଏବେ ଅଧିକ ହାଇଟେକ୍ ହେବାରେ ଲାଗିଛି। ଘର ଘର ବୁଲି 'ଡୋର ଟୁ ଡୋର' ଡେଲିଭରି ପାଇଁ ଅତ୍ୟାଧୁନିକ ଡ୍ରୋନ୍ ଓ ଏଆଇ ରୋବଟର ବ୍ୟବହାର ଆରମ୍ଭ ହୋଇଯାଇଛି। ଗୁରୁଗ୍ରାମ ସ୍ଥିତ ଡ୍ରୋନ୍ ଡେଲିଭରି କମ୍ପାନୀ 'ସ୍କାଏ ଏୟାର' ଏହି ସେବା ପ୍ରଥମେ ଆରମ୍ଭ କରିଛି। ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ସୂଚନା ଦେଇ ସ୍କାଏ ଏୟାର ମୋବିଲିଟିର ସିଇଓ ଅଙ୍କିତ କୁମାର କହିଛନ୍ତି, ଆମେରିକୀୟ କମ୍ପାନୀ ଆରାଇଭ୍ ଏଆଇ ଓ ଅଟୋନୋମି ସହିତ ଆମର ସହଭାଗୀତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆଗାମୀ ଦିନରେ ଏହି ଡ୍ରୋନ୍ ସେବାକୁ ଆହୁରି ବିସ୍ତାର କରାଯିବ। ଏହି ସିଷ୍ଟମ ସାହାଯ୍ୟରେ ରୋବୋଟ୍ କୌଣସି ମାନବ ସାହାଯ୍ୟ ବିନା ଘରକୁ ସାମଗ୍ରୀ ପହଞ୍ଚାଇବ।

## ଯୋଗ୍ୟତା ନଥାଇ ହାଇକୋର୍ଟରେ ବିଚାରପତି

ଇସଲାମାବାଦ: ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି ଯାହା ପାକିସ୍ତାନର ନ୍ୟାୟିକ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଆଇନ ଅଭ୍ୟାସ ପାଇଁ ଆବଶ୍ୟକତା ଭାବରେ ବିବେଚିତ ଏଲ୍ଏଲ୍ବି ଡିଗ୍ରୀ ନଥିବା ସତ୍ତ୍ୱେ ଜଣେ ବ୍ୟକ୍ତି ପ୍ରାୟ ପାଞ୍ଚ ବର୍ଷ ଧରି ଇସଲାମାବାଦ ହାଇକୋର୍ଟରେ ବିଚାରପତି ଭାବରେ କାର୍ଯ୍ୟ କରି ରାୟ ଦେଉଥିଲେ। ଏହି ଘଟଣାର ପର୍ଦ୍ଦାଫାସ୍ ହେବା ପରେ ପାକିସ୍ତାନରେ ଆଲୋଡ଼ନ ସୃଷ୍ଟି ହୋଇଛି।

ଫେବ୍ରୁଆରି ୨୩ ତାରିଖରେ, ଇସଲାମାବାଦ ହାଇକୋର୍ଟ ୧୧୬ ପୃଷ୍ଠାର ଏକ ବିସ୍ତୃତ ରାୟ ଜାରି କରି ଜଷ୍ଟିସ୍ ତାରିକ ମହମୁଦ ଜାହାଙ୍ଗିରୀଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିଛନ୍ତି। ଡନ୍ ରିପୋର୍ଟ ଅନୁଯାୟୀ, କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି, ତାଙ୍କର ନିଯୁକ୍ତି ଆରମ୍ଭରୁ ବେଆଇନ ଥିଲା କାରଣ ତାଙ୍କର କୌଣସି ବୈଧ



ଆଇନ ଡିଗ୍ରୀ ନଥିଲା। ତାରିକ ମହମୁଦ ଜାହାଙ୍ଗିରୀଙ୍କୁ ୩୦ ଡିସେମ୍ବର ୨୦୨୦ରେ ଇସଲାମାବାଦ ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତ କରାଯାଇଥିଲା। ତେବେ ତାଙ୍କୁ ସେପ୍ଟେମ୍ବର ୨୦୨୪ରେ ତାଙ୍କ ନ୍ୟାୟିକ ଅଭ୍ୟାସକୁ ନିଷେଧ କରାଯାଇଥିଲା। ଏକ ଚୂଡ଼ାନ୍ତ ରାୟରେ, କୋର୍ଟ ତାଙ୍କର ଏଲ୍ଏଲ୍ବି ଡିଗ୍ରୀକୁ ସମ୍ପୂର୍ଣ୍ଣ ବେଆଇନ ଘୋଷଣା କରିଛନ୍ତି। ପ୍ରଧାନ ବିଚାରପତି ସର୍ଦ୍ଦାର ମହମ୍ମଦ ସରଫରାଜ ଡୋଗର ଓ ବିଚାରପତି ମହମ୍ମଦ ଆଜମ ଖାନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। କରାଚୀ ବିଶ୍ୱବିଦ୍ୟାଳୟର ସରକାରୀ ରେକର୍ଡ ଆଧାରରେ, କୋର୍ଟ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ଜାହାଙ୍ଗିରୀଙ୍କ ଶିକ୍ଷାଗତ ଯୋଗ୍ୟତାରେ ଜାଲିଆତି ହୋଇଛି। ଯେଉଁଥିରେ ମିଥ୍ୟା ନାମରେ ପରୀକ୍ଷା ଦେବା ଓ ଅନ୍ୟ ଛାତ୍ରଙ୍କ ନାମଲେଖା ନମ୍ବର ବ୍ୟବହାର କରିବା ଆଦି ରହିଛି।

## ଦେବଜିଙ୍କ ଆତ୍ମସମର୍ପଣ

ରାୟପୁର : ମାର୍ଚ୍ଚ ୩୧ ସୁଦ୍ଧ ଦେଶକୁ ମାଓବାଦୀ ମୁକ୍ତ କରିବା ପାଇଁ ସୁରକ୍ଷାକର୍ମୀଙ୍କ ଘନଘନ ଅପରେସନ ଜାରି ରହିଛି। ସୁରକ୍ଷାକର୍ମୀଙ୍କ ଅପରେସନ ଯୋଗୁ ଭୁଶୁଡ଼ିବାରେ ଲାଗିଛି ଲାଲଗଡ଼। ଜଣଙ୍କ ପରେ ଜଣେ ମାଓବାଦୀ ନିହତ ହେଉଛନ୍ତି ବା ଭୟରେ ଆତ୍ମସମର୍ପଣ କରୁଛନ୍ତି। ଏହିକ୍ରମରେ ନିଷିଦ୍ଧ କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ(ମାଓବାଦୀ) ର ଅନ୍ୟତମ ବରିଷ୍ଠ ନେତା ଥିପ୍ପିରି ତରୁପତି ଓରଫ ଦେବଜିତ ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସର୍ପଣ କରିଛନ୍ତି। ଦେଶରେ ଚାଲିଥିବା ଲାଲ ବାହିନୀ ସଂଗ୍ରାମର ଇତିହାସରେ ଏପରି ଆତ୍ମସମର୍ପଣ ଗୋଟିଏ ବିରଳ ଘଟଣା। ୬୨ ବର୍ଷୀୟ ଦେବଜି ଆଉ ୨୦ ଜଣ କ୍ୟାଡରଙ୍କ ସହ ତେଲଙ୍ଗାର ମୁଲୁଗୁ ଜିଲ୍ଲା ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ବରିଷ୍ଠ କେନ୍ଦ୍ରୀୟ କମିଟି ସଦସ୍ୟ ମଲ୍ଲା ରାଜି ରେଡ୍ଡୀ ଓରଫ ସଂଗ୍ରାମ ମଧ୍ୟ ରହିଛନ୍ତି।

## ଟିଏମସି ନେତାଙ୍କ ବିୟୋଗରେ ଶୋକ

କୋଲକାତା: ପୂର୍ବତନ ରେଳମନ୍ତ୍ରୀ ତଥା ଟିଏମସି ନେତା ମୁକୁଲ ରାୟଙ୍କ ବିୟୋଗରେ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି। ପଶ୍ଚିମବଙ୍ଗ ରାଜନୀତିର ଜଣେ ପ୍ରମୁଖ ରଣନୀତିଜ୍ଞ ଭାବରେ ବିବେଚିତ ଥିଲେ ମୁକୁଲ ରାୟ। ସେ ଏକ ସମୃଦ୍ଧ ରାଜନୈତିକ ଐତିହ୍ୟ ଛାଡ଼ିଯାଇଛନ୍ତି ଯାହା ପଶ୍ଚିମବଙ୍ଗ କ୍ଷମତା ଗଠନକୁ ପରିବର୍ତ୍ତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତାଙ୍କ ସହିତ ପଶ୍ଚିମବଙ୍ଗ ରାଜନୀତିରେ ଏକ ଯୁଗର ଅନ୍ତ ଘଟିଛି। ୭୧ ବର୍ଷୀୟ ମୁକୁଲ ଗତ କିଛି ବର୍ଷ ଧରି ସକ୍ରିୟ ରାଜନୀତିରୁ ଦୂରରେ ଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରେ ମୁକୁଲ ରାୟଙ୍କୁ ତୃଣମୂଳ କଂଗ୍ରେସର ଦ୍ୱିତୀୟ ସବୁଠାରୁ ଶକ୍ତିଶାଳୀ ନେତା ତଥା ଚାଣକ୍ୟ ଭାବରେ ବିବେଚନା କରାଯାଉଥିଲା।

## ଗିଫ୍ଟ ସିଟି-ଶାହପୁର ମେଟ୍ରୋ ସମ୍ପ୍ରସାରଣକୁ ମଞ୍ଜୁରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆଜି ଗିଫ୍ଟ ସିଟିରୁ ଶାହପୁର ପର୍ଯ୍ୟନ୍ତ ୩.୩୩ କିଲୋମିଟର ଲମ୍ବା ସମ୍ପ୍ରସାରଣକୁ ମଞ୍ଜୁରୀ ଦେଇଛନ୍ତି। ଏଥିରେ ତିନୋଟି ଉଚ୍ଚ ଷ୍ଟେସନ ଅନ୍ତର୍ଭୁକ୍ତ ରହିବ। ଏହି ପ୍ରକଳ୍ପ ପ୍ରାୟ ଚାରି ବର୍ଷ ମଧ୍ୟରେ ସମାପ୍ତ ହେବାର ଯୋଜନା ରହିଛି। ପ୍ରକଳ୍ପର ଆନୁମାନିକ ବ୍ୟୟ ଅଟକଳ ୧,୦୬୭.୩୫ କୋଟି ହେବ। ଏହି ସମ୍ପ୍ରସାରିତ କରିଡର ୨୦୨୯ ମସିହାରେ ପ୍ରାୟ ୨୩,୭୦୨ ଯାତ୍ରୀ ଏବଂ ୨୦୪୧ ମସିହାରେ ପ୍ରାୟ ୫୮,୦୫୯ ଜଣ ଯାତ୍ରୀଙ୍କୁ ଉପକୃତ କରିବ ବୋଲି ଆଶା କରାଯାଉଛି। ଏହି କରିଡର ଅହମ୍ମଦାବାଦ ଏବଂ ଗିଫ୍ଟ ସିଟି ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବ। ପ୍ରସ୍ତାବିତ ରୁଟରେ ଅବସ୍ଥିତ ପ୍ରମୁଖ ବହୁରାଷ୍ଟ୍ରୀୟ କମ୍ପାନୀ, ଶିକ୍ଷାନୁଷ୍ଠାନ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ସିଧାସଳଖ ଉପକୃତ ହେବେ। ଏହା ସହିତ, ଏହି ସମ୍ପ୍ରସାରଣ ଅହମ୍ମଦାବାଦ ଏବଂ ଗିଫ୍ଟ ଅଞ୍ଚଳ ମଧ୍ୟରେ ଯାତ୍ରା କରୁଥିବା ପ୍ରତିଦିନ ଯାତ୍ରୀଙ୍କୁ ସେମାନଙ୍କର ବ୍ୟବସାୟ, ନିଯୁକ୍ତି ଏବଂ ଶିକ୍ଷା ସମ୍ବନ୍ଧୀୟ ଯାତ୍ରା ଆବଶ୍ୟକତା ପୂରଣ କରିବା ପାଇଁ ଲାଭଦାୟକ ହେବ। ଏହା ଦ୍ୱାରା ନେଟୱାର୍କ ସମନ୍ୱୟ ଏବଂ ଯାତ୍ରୀ ସୁବିଧାରେ ଉଲ୍ଲେଖନୀୟ ବୃଦ୍ଧି ହେବ।

## କର୍ଣ୍ଣାଟକରେ କ୍ଷମତା କନ୍ଦଳ

ବେଙ୍ଗାଲୁରୁ: କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ କନ୍ଦଳ ଜାରି ରହିଥିବାବେଳେ ଏବେ ପୁଣି ୩୦ରୁ ଅଧିକ ପ୍ରଥମ ଥର କଂଗ୍ରେସ ବିଧାୟକ ସେମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାପାଇଁ ପାର୍ଟି ହାଇକମାଣ୍ଡଙ୍କୁ ଚିଠି ଲେଖିଛନ୍ତି। ୩୦ରୁ ଅଧିକ ବିଧାୟକଙ୍କ ଦସ୍ତଖତ ଥିବା ଚିଠି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପାଖକୁ ଲେଖାଯାଇଛି ଏବଂ ଏହାର କପି ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା, ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର, ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଏବଂ ଏଆଇସିସି ଜେନେରାଲ ସେକ୍ରେଟାରି ଇନଚାର୍ଜ ରଣଦୀପ ସିଂହ ସୂର୍ଯ୍ୟେୱାଲାଙ୍କୁ ପଠାଯାଇଛି। କର୍ଣ୍ଣାଟକ ସରକାରରେ ଏକ ପ୍ରସ୍ତାବିତ ମନ୍ତ୍ରିମଣ୍ଡଳ ଅଦଳବଦଳ ସମୟରେ ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ବିଧାୟକମାନଙ୍କୁ ସାମିଲ କରିବାପାଇଁ ଚିଠିରେ ଅନୁରୋଧ କରାଯାଇଛି।

# ପୂର୍ବତନ ଯୁବରାଜ ଆଣ୍ଡ୍ରୁଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

### କରଦାତାଙ୍କ ଟିଙ୍କସରେ କରୁଥିଲେ ଅୟସ୍

ଲଣ୍ଡନ: ବ୍ରିଟେନର ରାଜା ଚାର୍ଲ୍ସଙ୍କ ଭାଇ ପ୍ରିନ୍ସ ଆଣ୍ଡ୍ରୁ ପୁଣି ଥରେ ବିବାଦରେ ଫସିଛନ୍ତି। ତାଙ୍କ ଉପରେ ସରକାରୀ ଗସ୍ତ ସମୟରେ ମସାଜ୍ ପାଇଁ କରଦାତାଙ୍କ ଟଙ୍କା ବ୍ୟବହାର କରିବାର ଅଭିଯୋଗ ଅଣାଯାଇଛି। ଏପଷ୍ଟାଇନ୍ ଫାଇଲ୍ରେ ତାଙ୍କ ନାମ ଆସିବା ପରେ ଏହି ନୂଆ ଖୁଲାସା ତାଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ପୂର୍ବତନ ବ୍ରିଟିଶ ସରକାରୀ



ଅଧିକାରୀମାନେ ଏହି ଗୁରୁତର ଆର୍ଥିକ ଅନିୟମିତତାକୁ ନିଶ୍ଚିତ କରି ବିବୃତି ଜାରି କରିଛନ୍ତି। ଏହାଦ୍ୱାରା ରାଜପରିବାର ସଙ୍କଟ ବଢ଼ିବାରେ ଲାଗିଛି। ପ୍ରିନ୍ସ ଆଣ୍ଡ୍ରୁ ୨୦୦୧ ରୁ ୨୦୧୧ ପର୍ଯ୍ୟନ୍ତ ବ୍ରିଟେନର ସ୍ୱତନ୍ତ୍ର ବାଣିଜ୍ୟ ଦୂତ ଭାବରେ କାର୍ଯ୍ୟ କରିଥିଲେ। ଯଦିଓ ଏହି ପଦବୀ ଅବୈତନିକ ଥିଲା। ତାଙ୍କର ସମସ୍ତ ଯାତ୍ରା ଖର୍ଚ୍ଚ ସାଧାରଣ ଟିକସ ଦ୍ୱାରା ବହନ କରାଯାଉଥିଲା। ଏବେ ଏହା ପ୍ରକାଶ ପାଇଛି ଯେ, ସେ ବ୍ୟକ୍ତିଗତ ମସାଜ୍ ପାଇଁ ମଧ୍ୟ ଏହି ଟଙ୍କା ବ୍ୟବହାର କରୁଥିଲେ। ଜଣେ ଅବସରପ୍ରାପ୍ତ ବ୍ୟୁରୋକ୍ରାଟ କହିଛନ୍ତି, ଆଣ୍ଡ୍ରୁଙ୍କ ମଧ୍ୟପ୍ରାଚ୍ୟ ଯାତ୍ରା ସମୟରେ ମସାଜ୍ ଖର୍ଚ୍ଚ ଉପରେ ଆପତ୍ତି ଉଠିଥିଲା। ସେମାନେ ଯୁକ୍ତି ଦେଇଥିଲେ, ସରକାରୀ କୋଷାଗାରରୁ ଏପରି ବ୍ୟକ୍ତିଗତ ବିଳାସ ପାଇଁ ଦେୟ ଦେବା ସମ୍ପୂର୍ଣ୍ଣ ଅନୁପଯୁକ୍ତ ଓ ଭୁଲ। ତଥାପି, ବରିଷ୍ଠ ଅଧିକାରୀମାନେ ଆପତ୍ତିଗୁଡ଼ିକୁ ଅଣଦେଖା କରି ସରକାରୀ ପାଣ୍ଠିରୁ ସମ୍ପୂର୍ଣ୍ଣ ଦେୟ ଭରଣା କରିଥିଲେ। ପୂର୍ବତନ ଏପଷ୍ଟାଇନ୍ କର୍ମଚାରୀ ଜୁଆନ୍ ଆଲେସି ମଧ୍ୟ ପୂର୍ବରୁ ଦାବି କରିଥିଲେ ଯେ, ଆଣ୍ଡ୍ରୁ ପ୍ରତିଦିନ ମସାଜ୍ ଆବଶ୍ୟକ କରୁଥିଲେ। କୋର୍ଟରେ ବୟାନ ଅନୁଯାୟୀ, ରାଜକୁମାର ଯେତେବେଳେ ଯାତ୍ରା କରୁଥିଲେ ସେତେବେଳେ ତାଙ୍କ ପାଇଁ ମସାଜ୍ ବ୍ୟବସ୍ଥା କରାଯାଉଥିଲା। ଏହା ଏବେ ସାର୍ବଜନୀନ ଡୋମେନରେ ଇମେଲ୍ ଓ ଡକ୍ୟୁମେଣ୍ଟ ମାଧ୍ୟମରେ ଆଲୋଚନାର ବିଷୟ ପାଲଟିଛି।

## ପ୍ରେମିକା ଯୋଗୁ ପ୍ରାଣ ହରାଇଲେ ଡ୍ରଗ ମାଫିଆ ଏଲ୍ ମେଞ୍ଚୋ

ମେକ୍ସିକୋ ସିଟି: ମେକ୍ସିକୋ ସେନା ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ମାଫିଆ ତଥା ଜାଲିସ୍କୋ ନ୍ୟୁ ଜେନେରେସନ୍ କାର୍ଟେଲ୍ (ସିଜେଏନଜି)ର ମୁଖ୍ୟ "ଏଲ୍ ମେଞ୍ଚୋ"କୁ ନିହତ କରିଛି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଲ୍ ମେଞ୍ଚୋ ପାଖରେ ପହଞ୍ଚିବା ପାଇଁ ତା' ପ୍ରେମିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୫୯ ବର୍ଷୀୟ କୁଖ୍ୟାତ ଅପରାଧୀ ଏଲ୍ ମେଞ୍ଚୋ, ଯାହାର ପ୍ରକୃତ ନାମ ନେମେସିଓ ଓସେଗୁଏରା ରୁବେନ୍ ସର୍ଭାଣ୍ଟେସ୍ ଥିଲା, ସେ ପଶ୍ଚିମ ମେକ୍ସିକୋର ମନୋରମ ଗାଁର ତାପାଲପାରେ ଲୁଚି ରହିଥିଲା। ରବିବାର ସୈନିକଙ୍କ ସହ ଗୁଳିବିନିମୟରେ ସେ ଆହତ ହୋଇଥିଲା ଏବଂ ହସ୍ପିଟାଲକୁ ନେବା ବାଟରେ ତା'ର ମୃତ୍ୟୁ ହୋଇଥିଲା। ଏଏଫଆଇ ରିପୋର୍ଟ ଅନୁଯାୟୀ, ମେକ୍ସିକୋର ସାମରିକ ଗୁଇନ୍ଦା ସଂସ୍ଥା ଯେତେବେଳେ ଜାଣିବାକୁ ପାଇଲା ଯେ ଏଲ୍ ମେଞ୍ଚୋଙ୍କ ଜଣେ ପ୍ରେମିକା ତାପାଲପାରେ ତାଙ୍କୁ ଭେଟିବାକୁ ଯାଉଛନ୍ତି, ସେତେବେଳେ ସାମରିକ ଅଭିଯାନ ଆରମ୍ଭ ହୋଇଥିଲା। ଆମେରିକା ସେନାର ନର୍ଦ୍ଦନ କମାଣ୍ଡ ମଧ୍ୟ ଏହି ଅଭିଯାନରେ ସହାୟତା କରିଥିଲା। ମହିଳା ଜଣକ ଏଲ୍ ମେଞ୍ଚୋଙ୍କ ଅନେକ ପ୍ରେମିକ ସାଥୀଙ୍କ ମଧ୍ୟରୁ ଜଣେ ଥିଲେ। ଏଲ୍ ମେଞ୍ଚୋଙ୍କ ଜଣେ ବିଶ୍ୱସ୍ତ ବ୍ୟକ୍ତି ତାଙ୍କୁ ତାପାଲପାସ୍ଥିତ ଏକ ଘରକୁ ଆଣିଥିଲେ। ସେ ଶନିବାର ଦିନ ଏଲ୍ ମେଞ୍ଚୋଙ୍କ ସହ ସାକ୍ଷାତ କରିଥିଲେ ଏବଂ ତା'ପରେ ଚାଲିଯାଇଥିଲେ। ଏଲ୍ ମେଞ୍ଚୋ ତାଙ୍କ ସୁରକ୍ଷା କର୍ମୀଙ୍କ ସହିତ ଘରେ ଥିବା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ସେନା ସେହି ଅଞ୍ଚଳକୁ ଘେରି ଯାଇଥିଲା ଏବଂ ତାଙ୍କ ଆଡ୍ଡା ଭିତରକୁ ପ୍ରବେଶ କରିଥିଲା। ମେଞ୍ଚୋଙ୍କ ସହଯୋଗୀମାନେ ସୈନ୍ୟଙ୍କ ଉପରକୁ ବି ଲଗାତାର ଗୁଳିମାଡ଼ କରିଚାଲିଥିଲେ। ଏହାସହ ଏକ ସାମରିକ ହେଲିକପ୍ଟରକୁ ମଧ୍ୟ ଟାର୍ଗେଟ କରିଥିଲେ, ଯାହାକୁ ନିକଟସ୍ଥ ଏକ ଘାଟିରେ ଜରୁରୀକାଳୀନ ଅବତରଣ କରିବାକୁ ପଡିଥିଲା। ଏନକାଉଣ୍ଟରେ, ଏଲ୍ ମେଞ୍ଚୋ ଓ ତାଙ୍କର ଦୁଇ ଜଣ ସହଯୋଗୀ ଆହତ ହୋଇଥିଲେ। ତିନି ଜଣଙ୍କୁ ହେଲିକପ୍ଟର ଯୋଗେ ଗୁଆଡାଲାଜାରାର ଏକ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ରାସ୍ତାରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ସେମାନଙ୍କ ମୃତଦେହକୁ ଜେନେରାଲ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଛି। ସୁରକ୍ଷା ମନ୍ତ୍ରୀ ଓମାର ଗାର୍ସିଆ ହାର୍ଫୁଚ କହିଛନ୍ତି ଯେ ଓସେଗୁଏରାଙ୍କ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ।

## ଟି -୨୦ ବିଶ୍ୱକପ୍

# ପ୍ରଥମ ଦଳ ଭାବେ ସେମିରେ ଇଂଲଣ୍ଡ

ପାଲକେଲେ, ୨୪।୨ (ଏଜେନ୍ସି) : ଚଳିତ ଟି -୨୦ ବିଶ୍ୱକପର ସୁପର ୮ ପର୍ଯ୍ୟାୟରେ ଇଂଲଣ୍ଡ ଜମାଣିଆ ପ୍ରଦର୍ଶନ ଦେଖାଇ ପାକିସ୍ତାନକୁ ୨ ୱିକେଟରେ ପରାଜିତ କରିଛି । ଏହି ବିଜୟ ସହ ଇଂଲଣ୍ଡ ପ୍ରଥମ ଦଳ ଭାବେ ଚଳିତ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି । ଇଂଲଣ୍ଡ ବିଜୟରେ ହିରୋ ସାଜିଛନ୍ତି ହ୍ୟାରି ବ୍ରୁକ୍ । ସେ ଶତକୀୟ ଇନିଂସ ଖେଳି ପାକିସ୍ତାନ ହାତରୁ ମ୍ୟାଚ ଛଡାଇ ଆଣିଥିଲେ । ପ୍ରଥମ ବ୍ୟାଟିଂ କରିଥିବା ପାକିସ୍ତାନ ସାହେବ ଯାଦା ଫରହାନଙ୍କ ୬୩ ରନ ବଳରେ ୨୦ ଓଭରରେ ୯ ୱିକେଟ ହରାଇ ୧୬୪ ରନ କରିଥିଲା । ଜବାବରେ ଇଂଲଣ୍ଡ ହ୍ୟାରି ବ୍ରୁକଙ୍କ ୧୦୦ ରନ ସହାୟତାରେ ୧୯.୧ ଓଭରରେ ୧୬୮/୮ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା । ଅନ୍ୟପଟେ ପରାଜୟ ସହ ପାକିସ୍ତାନର ସେମିଫାଇନାଲର ଆଶା ମଉଳିବାରେ ଲାଗିଛି ।

ଟସ୍ ଜିତି ପାକିସ୍ତାନ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ସାହେବ ଯାଦା ଫରହାନଙ୍କ ସହ ସଇମ ଆୟୁବ ଇନିଂସ ଓପନ କରିଥିଲେ । ଦଳୀୟ ସ୍କୋର ୧୪ ରନ ବେଳେ ଆୟୁବ ୭ ରନ କରି ଆର୍ଚରଙ୍କ ଶିକାର ହୋଇଥିଲେ । ପରେ ପରେ ଅଧିନାୟକ ସଲମାନ ଆଘା ୫ ରନ କରି ଡାଓସନଙ୍କ ବଲରେ ଆଉଟ୍ ହେବାରୁ ପାକିସ୍ତାନ ୨୭ ରନରେ ୨ ୱିକେଟ ହରାଇଥିଲା । କିନ୍ତୁ ସାହେବ ଯାଦା ୪୫ ବଲରୁ ୭

## ବିଜୟ ଦେଲେ ବ୍ରୁକ୍

ଚୌକା ଓ ୨ ଛକା ସହାୟତାରେ ୬୩ ରନ ତଥା ମଧ୍ୟମ କ୍ରମରେ ବାବରାଜମ୍ ୨୫, ଫଖର ଯାମନ ୨୫, ସଦବ ଖାନ ୨୩ ରନ କରିବାରୁ ପାକିସ୍ତାନ ୨୦ ଓଭରରେ ୯ ୱିକେଟ ହରାଇ ୧୬୪ ରନର ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା । ବୋଲିଂ ରେ ଇଂଲଣ୍ଡର ଲିଆମ ଡାଓସନ ୩ ଟି , ଜୋଫ୍ରା ଆର୍ଚର ଓ ଜେମି ଓଭରଟନ ୨ ଟି ଲେଖାଏଁ ଏବଂ ଆଦିଲ ରସିଦ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ ।

୧୬୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡ ବିନା ସ୍କୋରରେ ୱିକେଟ ହରାଇଥିଲା । ସହିନ ସାହା ଆଫ୍ରିଦିଙ୍କ ପ୍ରଥମ ଓଭରର ପ୍ରଥମ ବଲରେ ଫିଲସଲ୍ଟ ୱିକେଟ ରକ୍ଷକ ଉସ୍ମାନ ଖାନଙ୍କ ହାତରେ ଧରା ପଡିଥିଲେ । ଏହାପରେ ଜୋସ୍ ବଟଲର ମଧ୍ୟ ୩ ରନ କରି ପାଭିଲିୟନ ଫେରିଥିଲେ । ପରେ ପରେ ଜ୍ୟାକବ ବେଥେଲ ୮ ଓ ଟମ ବଣ୍ଟନ ୨ ରନ କରି ଆଉଟ ହୋଇଥିଲେ । ତେଣୁ ୫୮ ରନରେ ୪ ୱିକେଟ ହରାଇ ଇଂଲଣ୍ଡ ବ୍ୟାକଫୁଟ କୁ ଚାଲିଯାଇଥିଲା । ଏହିଭଳି ସ୍ଥିତିରେ ଅଧିନାୟକ ହ୍ୟାରି ବ୍ରୁକ୍ ଜମାଣିଆ ଇନିଂସ ଖେଳିଥିଲେ । ସେ ୫୧ ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୪ ଛକା ସହାୟତାରେ ୧୦୦ ରନ କରିଥିଲେ । ଦଳ ବିଜୟ ଲକ୍ଷ୍ୟଠାରୁ ଆଉ ୧୦ ରନ ପଛରେ ଥିବା ବେଳେ ସହିନ ଆଫ୍ରିଦିଙ୍କୁ ଛକା ମାରିବାକୁ ଯାଇ ବୋଲ୍ଡ ହୋଇଥିଲେ ବ୍ରୁକ୍ । କିନ୍ତୁ ଶେଷ ଭାଗରେ ଜୋଫ୍ରା ଆର୍ଚର ବିଜୟ ସୂଚକ ଚୌକା ମାରି ମ୍ୟାଚ ଫିନିସ କରିଥିଲେ । ତେଣୁ ଇଂଲଣ୍ଡ ୫ ଟି ବଲ ପୂର୍ବରୁ ୨ ୱିକେଟରେ ବିଜୟ ଲାଭ କରିଥିଲା । କ୍ରମାଗତ ଦୁଇଟି ବିଜୟ ସହ ଇଂଲଣ୍ଡ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି ।

### ଆଜିର ମ୍ୟାଚ

- ଶ୍ରୀଲଙ୍କା -ନ୍ୟୁଜିଲାଣ୍ଡ
- ସ୍ଥାନ - କଲମ୍ବୋ
- ସମୟ - ରାତି ୭ଟା
- ପ୍ରସାରଣ- ଷ୍ଟାର ନେଟ୍‌ୱର୍କ

# ଭାରତୀୟ ଦଳରେ ହୋଇପାରେ ବଡ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୪।୨ (ଏଜେନ୍ସି) : ଦ. ଆଫ୍ରିକା ଠାରୁ ଶୋଚନୀୟ ପରାଜୟ ପରେ ଭାରତୀୟ ଦଳର ସେମିଫାଇନାଲ ଆଶା ମଳିନ ପଡିଯାଇଛି । ତେବେ ଭାରତର ଏଭଳି ସ୍ଥିତିକୁ ଆହୁରୀ ସଙ୍ଗୀନ କରିଛି ଜିମ୍ବାୱେ ବିପକ୍ଷରେ ୱେଷ୍ଟଇଣ୍ଡିଜର ୧୦୭ ରନର ବିଶାଳ ବିଜୟ ।ସୁପର ୮ ଗ୍ରୁପ ୧ରେ ସେମିଫାଇନାଲ ଦୌଡରେ ଭାରତ ବହୁ ପଛରେ ରହିଯାଇଛି । ଯଦି ଭାରତକୁ ପ୍ରତ୍ୟାବର୍ତ୍ତନ କରିବାର ଅଛି ତେବେ ଜିମ୍ବାୱେ ବିପକ୍ଷରେ ଦଳ ବଡ ବ୍ୟବଧାନରେ ଜିତିବାକୁ ପଡିବ । ଏଥିପାଇଁ ଭାରତକୁ ଚୂଡାନ୍ତ ଏକାଦଶରେ ବଡ ପରିବର୍ତ୍ତନର ଆବଶ୍ୟକତା ରହିଛି । କାରଣ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଭାରତୀୟ ବ୍ୟାଟର ନିଜର ଶତ ପ୍ରତିଶତ ପ୍ରଦର୍ଶନ କରିପାରିନାହାଁନ୍ତି । ତେଣୁ ପୂର୍ବତନ କ୍ରିକେଟର ତଥା ବର୍ତ୍ତମାନର କ୍ରିକେଟ ସମୀକ୍ଷକ ଇରଫାନ ପଠାନ କହିଛନ୍ତି ସୂର୍ଯ୍ୟକୁମାର ଯାଦବ ଓ ଗୌତମ ଗମ୍ଭୀରଙ୍କୁ ବ୍ୟାଟିଂ କ୍ରମରେ ପରିବର୍ତ୍ତନ ଆଣିବା ଦରକାର । ଭାରତକୁ ୩ ଓ ୪ କ୍ରମରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ତିଲକ ବର୍ମା ନିଜର ପୂର୍ବ ଫର୍ମରେ ନଜର ଆସିନାହାଁନ୍ତି । ତିଲକ ୩ ନଂରେ ବ୍ୟାଟିଂ କରୁଥିବା ଟପ୍ ୩ରେ ୩ଜଣ ବାମହାତୀ ବ୍ୟାଟର ରହୁଛନ୍ତି । ଇଷାନ କିଶାନ ଓ ଅଭିଶେକ ଶର୍ମା ଓପନିଂ କରୁଛନ୍ତି । ଏମିତିରେ ସୂର୍ଯ୍ୟକୁମାରଙ୍କୁ ପୁଣି ଥରେ ୩ ନଂରେ ଖେଳିବାକୁ ପରାମର୍ଶ ଦେଇଛନ୍ତି । ତିଲକଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରିବାକୁ ପଡିବ । ତିଲକ ଦ. ଆଫ୍ରିକା ଗସ୍ତରେ ଅଧିନାୟକ ସୂର୍ଯ୍ୟକୁମାରଙ୍କଠୁ ୩ ନଂ ସ୍ଥାନ ମାଗିଥିଲେ । ସେ ଲଗାତାର ଦୁଇଟି ଶତକ ମାରିଥିଲେ । ତିଲକ ୩ ନଂ ଦମଦାର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି । ମାତ୍ର



ଟି-୨୦ ବିଶ୍ୱକପରେ ସେ ଲୟରେ ନାହାଁନ୍ତି । ତେଣୁ ସୂର୍ଯ୍ୟଙ୍କୁ ପୁଣି ୩ ନଂରେ ବ୍ୟାଟିଂ କରିବା ଉଚିତ । କାରଣ ଲଗାତାର ୩ ଜଣ ବାମହାତୀ ବ୍ୟାଟର ବ୍ୟାଟିଂ ପାଇଁ ଆସୁଥିବାରୁ ବୋଲରଙ୍କ ରଣନୀତିକୁ ଏହା ସୁହାଉଛି । ତେଣୁ ଏଥିରେ ପରିବର୍ତ୍ତନ କରାଯିବାର ଆବଶ୍ୟକତା ରହିଛି । ସୂର୍ଯ୍ୟ ୩ ନଂରେ ବ୍ୟାଟିଂ କରି ୩୨ ମ୍ୟାଚରେ ୮୬୪ ରନ କରିଛନ୍ତି । ଏଥିରେ ଗୋଟିଏ ଶତକ ଓ ୬ ଟି ଅର୍ଦ୍ଧ ଶତକ ରହିଛି ।

# ପ୍ରିଣ୍ଟ ମିଡିଆ କ୍ୟାପିଟାଲ କପ୍ ଚାମ୍ପିଅନ

ଭୁବନେଶ୍ୱର, ୨୪।୨(ସବ୍ୟୁ) : ସାଇବର ସଚେତନତା କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ୟାପିଟାଲ କପ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ପ୍ରିଣ୍ଟ ମିଡିଆ ଏକାଦଶ ଚାମ୍ପିଅନ ହୋଇଛି । ରୋମାଞ୍ଚକର ଫାଇନାଲରେ ପ୍ରିଣ୍ଟ ମିଡିଆ ଦଳ ଓଡିଶା ପୋଲିସକୁ ପରାଜିତ କରି ଟାଇଟଲ ହାତେଇଥିଲା । ଏହି ପ୍ରତିଯୋଗିତାରେ ମୋଟ ୮ ଟି ଦଳ ଯଥା -କମିଶନରେଟ୍ ପୋଲିସ୍, ଓଡିଶା ପୋଲିସ , ଓଡିଶା ଫାୟାର ସର୍ଭିସ, ଓଡିଶା ଜେନ୍ସ, ଓଡିଶା ପ୍ରିଣ୍ଟ ମିଡିଆ, ଓଡିଶା ଇଲେକ୍ଟ୍ରୋନିକ୍ସ ମିଡିଆ, ଓଡିଶା ସେଲିବ୍ରେଟି କ୍ରିକେଟ୍ ଦଳ ଏବଂ ଓଲ୍ଡ ଟାଉନ୍ କ୍ରାଉନ୍ ଲିଜେଣ୍ଡ ୱେଲଫେୟାର ଟ୍ରଷ୍ଟ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ୫ ଓଭର ବିଶିଷ୍ଟ ଖେଳାଯାଇଥିଲା । ଓଡିଶା ପୋଲିସ ୫ ଓଭରରେ ୪ ୱିକେଟ




ହରାଇ ୫୩ ରନ କରିଥିଲା । ଜବାବରେ ପ୍ରିଣ୍ଟ ମିଡିଆ ୩.୨ ଓଭରରେ ୨ ୱିକେଟ ହରାଇ ୫୪ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା । ଖେଳ ଉତ୍ସବ ସହିତ ସମାଜମୁଖୀ ଉଦ୍ଦେଶ୍ୟକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ସାଇବର ସୁରକ୍ଷ ଓ ଡିଜିଟାଲ ସଚେତନତା ସନ୍ଦେଶ ପ୍ରସାରଣରେ ସଫଳ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଓ ଜେଲ ଡିଜି ସୁଶାନ୍ତ ନାଥ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ ।

# ଦୁଇ ଦଶନ୍ଧି ପରେ ସଚିନଙ୍କୁ କ୍ଷମା ମାଗିଲେ ଷ୍ଟିଭ ବ୍‌କନର

ନୂଆଦିଲ୍ଲୀ, ୨୪।୨(ଏଜେନ୍ସି) : ବିବାଦୀୟ ଅମ୍ପାୟାର ଷ୍ଟିଭ ବ୍‌କନର ଦୁଇ ଦଶନ୍ଧି ପରେ ନିଜର ଭୁଲ ସ୍ୱୀକାର କରି ସଚିନ ତେନ୍ଦୁଲକରଙ୍କୁ କ୍ଷମା ମାଗିଛନ୍ତି । ତେନ୍ଦୁଲକର ନିଜର କ୍ରିକେଟ କ୍ୟାରିୟରେ ଅନେକ ଅମ୍ପାୟାରଙ୍କ ଭୁଲ ନିଷ୍ପତ୍ତିର ଶିକାର ହୋଇଥିଲେ । ସଚିନଙ୍କ ବିପକ୍ଷରେ ସବୁଠୁ ଅଧିକ ଭୁଲ ନିଷ୍ପତ୍ତି ଦେଇଥିଲେ ଅମ୍ପାୟାର ଷ୍ଟିଭ ବ୍‌କନର । ସେହିସମୟରେ ଡିଆରଏସ୍ ଅର୍ଥାତ୍ ରିଭ୍ୟୁ ସିଷ୍ଟମ ନଥିଲା । ତେଣୁ ଅମ୍ପାୟାରଙ୍କ ଭୁଲ ନିଷ୍ପତ୍ତି ବଦଳିପାରୁନଥିଲା । ଅନ୍ୟପଟେ ସଚିନ ପ୍ରତି ଥର ମୁଣ୍ଡ ନୁଆଁଇ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇ ପାଭିଲିୟନ ଫେରିଯାଉଥିଲେ । ସଚିନ କେବେ ନିଜର ମର୍ଯ୍ୟାଦା ଭାଙ୍ଗିନଥିଲେ । ପ୍ରଶଂସକ କେବେ ଷ୍ଟିଭ ବ୍‌କନରଙ୍କୁ କ୍ଷମା ଦେଇନାହାଁନ୍ତି । ଏପରିକି ତାଙ୍କ ଉପରେ ବେଇମାନର ଟ୍ୟାଗର ମଧ୍ୟ ଲଗାଇଛନ୍ତି । ପାଖାପାଖି ୨୨ ବର୍ଷ ପରେ ଷ୍ଟିଭ ନିଜର ଭୁଲ ସ୍ୱୀକାର କରିଛନ୍ତି । ଯେଉଁ ଭୁଲ ନିଷ୍ପତ୍ତିରେ ସେ ସଚିନଙ୍କୁ ଆଉଟ୍ ଦେଇଥିଲେ । ଯଦି ବର୍ତ୍ତମାନ ସମୟରେ ସଚିନ କ୍ରିକେଟ ଖେଳୁଥାନ୍ତେ, ତେବେ ତାଙ୍କ ଶତକ ସଂଖ୍ୟା ବହୁ ଅଧିକ ହୋଇଥାନ୍ତା । ଶତକରେ ଶତକ ହାସଲ କରିଥିବା ସଚିନ ଅନେକ ଥର ୯୦ ରୁ ୧୦୦ ରନ ମଧ୍ୟରେ ଅମ୍ପାୟାରଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ଆଉଟ୍ ହୋଇଥିଲେ । ରିଭ୍ୟୁ ନଥିବାରୁ ସଚିନଙ୍କୁ ଦୁଃଖର ସହ ପାଭିଲିୟନ ଫେରିବାକୁ ପଡୁଥିଲା ।

ନିକଟରେ ଷ୍ଟିଭ ଡବ୍ଲ୍ୟୁଆଇସିୟୁଏକୁ ଏକ ସାକ୍ଷାତକାର ଦେଇଥିଲେ । ସେଥିରେ ସେ ଘଟଣା




ବିଷୟରେ ଉଲ୍ଲେଖ କରିଛନ୍ତି । ଯେଉଁଥିରେ ସେ ସଚିନଙ୍କୁ ଭୁଲ ନିଷ୍ପତ୍ତିରେ ଆଉଟ୍ କରି ପ୍ରଶଂସକଙ୍କ କ୍ରୋଧର ଶିକାର ହୋଇଥିଲେ । ୨୦୦୩ ବ୍ରିଶବେନ ଟେଷ୍ଟ ସମୟର ଘଟଣା କଥା ସେ କହିଥିଲେ । ସେହିଭଳି ଦ୍ୱିତୀୟ ଘଟଣା ଥିଲା ୨୦୦୫ ସିଡନି ମ୍ୟାଚ୍ । ସଚିନଙ୍କ ବିରୋଧରେ ଦେଇଥିବା ସେହି ଆଉଟ୍ ନିଷ୍ପତ୍ତି ପାଇଁ ଆଜିବି ଷ୍ଟିଭ ବ୍‌କନର ପଶ୍ଚାତାପ କରୁଛନ୍ତି ।

୨୦୦୩ ବ୍ରିଶବେନ୍ ଟେଷ୍ଟରେ ଭାରତ ଓ ଅଷ୍ଟ୍ରେଲିଆ ମୁହାଁମୁହିଁ ହୋଇଥିଲେ । ଏହି ମ୍ୟାଚରେ ଜ୍ୟାସନ ଗିଲେସ୍ପିଙ୍କ ଏକ ବଲରେ ସଚିନଙ୍କୁ ଏଲବିଡବ୍ଲ୍ୟୁ ଆଉଟ୍ ଦେଇଥିଲେ ବ୍‌କନର । ରିପ୍ଲେରେ ସ୍ପଷ୍ଟ ଭାବେ ଦେଖାଯାଉଥିଲା ଯେ ବଲ ଷ୍ଟମ୍ପ ଉପରେ ଦେଇ ଯାଉଛି । ସଚିନ ଆଚମ୍ବିତ ଥିଲେ ତଥାପି ସେ ଜଣେ ମର୍ଯ୍ୟାଦାପୂର୍ଣ୍ଣ କ୍ରିକେଟର ଭାବେ ବ୍‌କନର ନିଷ୍ପତ୍ତିକୁ ସମ୍ମାନ ଜଣାଇ ପାଭିଲିୟନ ଫେରିଯାଇଥିଲେ । ପୁଣି ୨୦୦୫ ସିଡନୀରେ ପାକିସ୍ତାନର ଅବଦୁଲ ରୋଜାକାଙ୍କ ବଲରେ ସଚିନଙ୍କୁ କ୍ୟାଚ ଆଉଟ ଦେଇଥିଲେ ବ୍‌କନର । ବଲ ତାଙ୍କ ବ୍ୟାଟଠାରୁ ବହୁ ଦୂରରେ ଥିଲା । ଏହା ସତ୍ତ୍ୱେ ସଚିନ ବିନା ପ୍ରତିବାଦରେ ପାଭିଲିୟନ ଫେରିଯାଇଥିଲେ । ଏହା ଉପରେ ବ୍‌କନର କହିଛନ୍ତି ମୋ ଦ୍ୱାରା ଦୁଇଟି ବଡ ଭୁଲ ହୋଇଥିଲା । ଅଷ୍ଟ୍ରେଲିଆରେ ସଚିନଙ୍କ ବିରୋଧରେ ସେହି ନିଷ୍ପତ୍ତି ମୋ କ୍ୟାରିୟର ଏକ ଲଜ୍ଜାଜନକ ସ୍ମୃତି । ଯାହାକୁ ମୁଁ ସୁଧାରିବାକୁ ଚାହୁଁଛି । ବ୍‌କନର ଏହା ସ୍ୱୀକାର କରିଛନ୍ତି ଯେ ଯେବେ ଆପଣ ଜଣେ ମହାନ ଖେଳାଳିଙ୍କ ବିରୋଧରେ ଭୁଲ ନିଷ୍ପତ୍ତି ଦେବେ ତାହା ଆପଣଙ୍କ ମନ, ମସ୍ତିଷ୍କରେ ସବୁ ଦିନ ପାଇଁ ରହିଯାଏ ।

ବ୍‌କନରଙ୍କ ଏହି ପଶ୍ଚାତାପ ଇତିହାସକୁ ବଦଳାଇପାରିବ ନାହିଁ । କିମ୍ବା ସଚିନଙ୍କୁ ଆଉ ଥରେ ଖେଳିବାର ସୁଯୋଗ ଦେଇପାରିବନାହିଁ । ମାତ୍ର ଏହି କ୍ରୀଡାର ଗାରିମା ସଚିନଙ୍କମହାନତାକୁ ସର୍ବଦା ଦର୍ଶାଉଥିବ । ଜଣେ ମହାନ ଅମ୍ପାୟାର ୨୨ ବର୍ଷ ପରେ ନିଜ ଭୁଲ ସ୍ୱୀକାର କରିବା ଏକ ବଡ କଥା । ସଚିନ ନିଜ କ୍ୟାରିୟରେ ଅନେକ ଥର ଭୁଲ ନିଷ୍ପତ୍ତିର ଶିକାର ହୋଇଛନ୍ତି । ବୋଧହୁଏ ସେହି ସମୟରେ ଡିଆରଏସ୍ ନିୟମ ଥିଲେ ସଚିନ ଆଉ କେତେ ଦିନ ରେକର୍ଡ କରିଥାନ୍ତେ ତାହା ଆକଳନ କରିବା କଷ୍ଟସାଧ୍ୟ ।



ବିଶ୍ୱ ପାରା ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ଷଷ୍ଠ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିବା ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି । କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ ।

# ଜାତୀୟ କରାଟେ ପାଇଁ ଓଡିଶା ଦଳ

ଭୁବନେଶ୍ୱର, ୨୪।୨ (ସବ୍ୟୁ) : ଦିଲ୍ଲୀର ତାଲକୋଟରା ଇନଡୋର ଷ୍ଟାଡିୟମରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ (କିଓ) ଆନୁକୂଲ୍ୟରେ ଚଳିତ ମାସ ୨୬ ତାରିଖରେ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ୪ ଦିନିଆ ୨୧ ବର୍ଷରୁ କମ୍ ଓ ବରିଷ୍ଠ କରାଟେ ପ୍ରତିଯୋଗିତା ଆୟୋଜିତ ହେବ । ଏଥିରେ ଭାଗ ନେବା ନିମନ୍ତେ ଓଡିଶାର ୩୭ ଜଣିଆ ଦଳ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି । ଓଡିଶାରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତା କରାଟେକା ବିଭିନ୍ନ ବିଭାଗରେ ଭାଗ ନେବେ । ଦଳ ସହ ୬ ଜଣ ଅଫିସିଆଲ ମଧ୍ୟ ଯାତ୍ରା କରିଛନ୍ତି । ସେମାନେ ହେଲେ ରାଜୀବ କୁମାର ସିଂ(ରେଫରୀ), ଅବିନାଶ ପୁଦୀର(ପ୍ରବନ୍ଧକ), ଖାରବେଳ ମଲ୍ଲିକ, ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା, ସିନ୍ଧୁ ତନୟା ଖୁଣ୍ଟିଆ (ମହିଳା ପ୍ରବନ୍ଧକ) ପ୍ରମୁଖ ଦଳ ସହ କୋଚ୍ ଭାବେ ଯାତ୍ରା କରିଛନ୍ତି । ଉତ୍କଳ କରାଟେ ସ୍କୁଲଠାରେ ଓଡିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ଏବଂ ଓଡିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

## ମହିଳା ଟି -୨୦ ବିଶ୍ୱକପ ସୂଚୀ ଘୋଷିତ

# ଜୁନ ୧୪ରେ ଭାରତ - ପାକ୍ ଲଢେଇ

ନୂଆଦିଲ୍ଲୀ, ୨୪।୨(ଏଜେନ୍ସି) : ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ମଙ୍ଗଳବାର ମହିଳା ଟି -୨୦ ବିଶ୍ୱକପ କାର୍ଯ୍ୟସୂଚୀ ଘୋଷଣା କରିଛି । ଚଳିତ ବର୍ଷ ଜୁନ ୧୨ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ମହିଳା ଟି -୨୦ ବିଶ୍ୱକପ୍ ଇଂଲଣ୍ଡ ଓ ୱେଲ୍ସରେ ଖେଳାଯିବ । ଗ୍ରୁପ ପର୍ଯ୍ୟାୟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦି ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ । ଏହି ହାଇଭୋଲଟେଜ୍ ମୁକାବିଲା ଜୁନ୍ ୧୪ ଏଜବଷ୍ଟନରେ ଖେଳାଯିବ । ଗତ ମାସରେ ନେପାଳରେ ଅନୁଷ୍ଠିତ କ୍ୱାଲିଫାୟାର ମ୍ୟାଚ ପରେ ସମସ୍ତ ୧୨ ଟି ଦଳ ଚୂଡାନ୍ତ ହୋଇଥିଲା । ଗ୍ରୁପ ୧ରେ ଅଷ୍ଟ୍ରେଲିଆ, ଦ. ଆଫ୍ରିକା ଭାରତ, ପାକିସ୍ତାନ, ବାଂଲାଦେଶ ଓ ନେଦରଲାଣ୍ଡ ରହିଥିବା ବେଳେ ଗ୍ରୁପ ୨ ରେ ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ , ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଆୟାରଲାଣ୍ଡ ଓ ସ୍କଟଲାଣ୍ଡ ରହିଛନ୍ତି । ଆୟୋଜକ ଇଂଲଣ୍ଡ ଜୁନ ୧୨ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ ଏଜବଷ୍ଟନରେ ଖେଳାଯିବ । ନେଦରଲାଣ୍ଡସ ପ୍ରଥମ ଥର ମହିଳା ଟି -୨୦ ବିଶ୍ୱକପ ଖେଳିବାକୁ ଯାଉଛି । ସେମିଫାଇନାଲ ମ୍ୟାଚ ଜୁନ ୩୦ ଓ ଜୁଲାଇ ୨ରେ ଓଭାଲରେ ଖେଳାଯିବ । ଜୁଲାଇ ୫ରେ ଫାଇନାଲ ମ୍ୟାଚ ଐତିହାସିକ ଲର୍ଡ୍ସରେ ଖେଳାଯିବ । ଗତବର୍ଷ ଦିନିକିଆ ବିଶ୍ୱକପ ଜିତିବା ବେଳେ ଭାରତୀୟ ଦଳ ପୁଣି ଟାଇଟଲ ହାତେଇବା ଲକ୍ଷ୍ୟରେ ରହିଛି ।

# ମା ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବୀରରାମଚନ୍ଦ୍ରପୁର ଚାମ୍ପିଅନ

ସାକ୍ଷୀଗୋପାଳ (ସବ୍ୟୁ): ମା ନାରାୟଣୀ କ୍ରିକେଟ କ୍ଲବ , ପାଟଯୋଶୀପୁର ଦ୍ୱାରା ଆୟୋଜିତ ମା ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଲାରପୁର କ୍ରିକେଟ ଟିମ କୁ ହରାଇ ବୀରରାମଚନ୍ଦ୍ରପୁର କ୍ରିକେଟ ଟିମ ଚାମ୍ପିୟନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଅଲାରପୁର, କାଳିଆକେରା, ବୀର ରାମଚନ୍ଦ୍ର ପୁର, ତମାଣ୍ଡୋ,,ସିଉଳା,ନୂଆସନ୍ଥ ଓ ବୁଢାକେରା ଅଂଶଗ୍ରହଣ କରିଥିଲେ ୨ ଦିନ ଧରି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା ଟସ ଜିତି ଅଲାରପୁର କ୍ରିକେଟ ଟିମ ଟସ ଜିତି ଫି ବୀରରାମଚନ୍ଦ୍ରପୁର କ୍ରିକେଟ ଟିମକୁ ବ୍ୟାଟିଂ ଦେଇଥିଲେ । ବୀରରାମଚନ୍ଦ୍ରପୁର କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୮ ରନ କରିଥିଲା , ଅଲାରପୁର କ୍ରିକେଟ ଟିମ ନିର୍ଦ୍ଧାରିତ ୧୦ ଓଭରରେ ୫୧ ରନ କରିଥିଲା ୩୮ ରନ ରେ ବୀରରାମଚନ୍ଦ୍ରପୁର କ୍ରିକେଟ ଟିମ ବିଜୟୀ ହୋଇଥିଲା ।ବିଜୟୀ ଦଳର ସୌମ୍ୟଜିତ ସର୍ବାଧିକ ୨୮ ରନ କରିଥିଲେ , ବିଷ୍ଣୁପ୍ରସାଦ ୧୯ ରନ କରିଥିଲେ ଓ ୩ ଟି ଓ୍ୱିକେଟ ନେଇଥିଲେ । ସେହିପରି , ଆଶୁତୋଷ ୪ ଓ୍ୱିକେଟ ,ମୁକ୍ତିକାନ୍ତ ୨ ଟି ଓ୍ୱିକେଟ ନେଇଥିଲେ । ବିଜୟୀଦଳ ର କ୍ୟାପଟେନ ଆଶୁତୋଷ ରଥ, ମ୍ୟାନ ଅଫ ଦ ଫାଇନାଲ ସୌମ୍ୟଜିତ ଓ ମ୍ୟାନ ଅଫ ଦି ସିରିଜ ବିଷ୍ଣୁପ୍ରସାଦଙ୍କୁ ପୁରସ୍କାର ଅର୍ପଣ କରାଯାଇଥିଲା

# ମାବାଉତୀ କ୍ରିକେଟ ଟିମ ଟୁର୍ଣ୍ଣାମେଣ୍ଟ : ପାଟଲିଙ୍ଗା ଟିମ ଚାମ୍ପିଅନ

ଆଠଗଡ଼, ୨୪।୨(ସବ୍ୟୁ) : ଆଠଗଡ଼ ବ୍ଲକ ଅନ୍ତର୍ଗତ ପାଟଲିଙ୍ଗା ବାଲୁଙ୍କେଶ୍ୱର ମନ୍ଦିର ପଡ଼ିଆ ଠାରେ ଚାଲିଥିବା ପ୍ରଥମ ମା ବାଉତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଥିଲା ଫାଇନାଲ ଦିବସ । ଫାଇନାଲ ରେ କୁଲାଇଲୋ କ୍ରିକେଟ ଟିମ କୁ ୬ ରନରେ ହରାଇ ପାଟଲିଙ୍ଗା କ୍ରିକେଟ ଟିମ ବିଜୟୀ ହୋଇଛି ।ପାଟଲିଙ୍ଗା କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩ ଓ୍ୱିକେଟ ହରାଇ ୮୦ ରନ ସଂଗ୍ରହ କରିଥିଲେ ।ତାର ଜବାବରେ କୁଲାଇଲୋ କ୍ରିକେଟ ଟିମ ୮ ଓଭରରେ ୯ ଓ୍ୱିକେଟ ହରାଇ ୭୪ ରନ ସଂଗ୍ରହ କରିଥିଲେ ।ମା ବାଉତି କ୍ରିକେଟ କ୍ଲବ ଆନୁକୁଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟରେ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନଙ୍କ ମଧ୍ୟରେ ସଞ୍ଜୟ କୁମାର ମହାନ୍ତି, କୃଷ୍ଣ ଚନ୍ଦ୍ର ସଓ୍ୱାଇଁ, ତଥାଗତ ସାହୁ, ରତିକାନ୍ତ ସଓ୍ୱାଇଁ, ଦୂର୍ଗା ଦତ୍ତ ସଓ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଅତିଥି ମାନେ ବିଜେତା ପାଟଲିଙ୍ଗା ଦଳକୁ ଏବଂ ଉପ ବିଜେତା କୁଲାଇଲୋ ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ । ଆଜିର ଖେଳରେ ବିଜେତା ଦଳର ମଯାନ ଅଫ ଦି ମ୍ୟାଚ ସୋମ୍ୟରଞ୍ଜନ ପରିଡ଼ା,ମଯାନ ଅଫ ଦି ସିରିଜ ସୈମ୍ୟରାnନ ସଓ୍ୱାଇଁ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

# ଭାରତ ମସଲା ପରିବାର ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ

## ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମର ବାଜିମାତ

କଟକ,( ସବ୍ୟୁ):ଭାରତ ମସଲା ପରିବାର ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରାମଦାସପୁର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତ ମସଲା କମ୍ପାନୀର କର୍ମଚାରୀ ମାନେ କୁଲ ଚ୍ୟାଲେଞ୍ଜର, ଷ୍ଟ୍ରଙ୍ଗ ଷ୍ଟ୍ରାଇକର, ଗୋଲ୍ଡେନ ୱାରିଅର, ତିଖା ଟାଇଟନସ ଆଦି ୪ଟି ଟିମରେ ବିଭକ୍ତ ହୋଇଥିଲା । ପ୍ରତ୍ୟେକ ଟିମ୍ ୬ ଓଭର ଲେଖାଏଁ ମ୍ୟାଚ ଖେଳିଥିଲେ । ଫାଇନାଲ ମ୍ୟାଚରେ ଅରୁଣ ନାୟକଙ୍କ ନେତୃତ୍ୱାଧୀନ ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମ ଗୋଲ୍ଡେନ ୱାରିଅରକୁ ପରାସ୍ତ କରି ବିଜୟ ଟ୍ରଫି ହାସଲ କରିଥିଲା । ପ୍ରାରମ୍ଭରେ ପରିଚାଳନା ନିର୍ଦ୍ଦେଶକ



ସୁଶାନ୍ତ କୁମାର ପଣ୍ଡା ଏହାକୁ ଉଦ୍ଘାଟନ କରି କହିଲେଯେ ଭାରତ ମସଲା କମ୍ପାନୀରେ କାର୍ଯ୍ୟରତ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ କର୍ମ ବ୍ୟତିରକେ ଅନେକ ପ୍ରତିଭା ରହିଛି । ଏହି ପ୍ରତିଭାର ବିକାଶ ପାଇଁ କମ୍ପାନୀ ପକ୍ଷରୁ ଖେଳ କସରତ ର ଆବଶ୍ୟକତା ରହିଛି । କେବଳ କର୍ମକ୍ଷେତ୍ରରେ ନିଜକୁ ସୀମିତ ନ ରଖି ନିଜ ମଧ୍ୟରେ ଥିବା ପ୍ରତିଭା ଓ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଥିଲେ ।ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ ।


ସୂଚନା

ସମୟ

BHIM
BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


# ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହୋତ୍ସବ "ବୀରୋଦୟ'

କଟକ,୨୪।୨ (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହୋତ୍ସବ "ବୀରୋଦୟ ୨୦୨୬' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ତଥା ରାଜ୍ୟ ବାହାରର ସମୁଦାୟ ୨୩ଟି ବିଶ୍ୱବିଦ୍ୟାଳୟର ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ କ୍ରିକେଟ, ଫୁଟବଲ, ଭଲିବଲ୍ କବାଡ଼ି ଏବଂ ବ୍ୟାଡମିଣ୍ଟନ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ଭଲିବଲ୍ କବାଡ଼ି ଓ ବ୍ୟାଡମିଣ୍ଟନ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । କ୍ରିକେଟରେ ଆୟୋଜକ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବା ବେଳେ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲଜି ଆଣ୍ଡ ମ୍ୟାନେଜମେଣ୍ଟ ରନର୍ସ ଅପ୍ ହୋଇଥିଲା । ସେହିପରି ପୁରୁଷ ଭଲିବଲ୍ ଫାଇନାଲରେ ଆୟୋଜକ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ହରାଇ ସି.ଭି. ରମଣ ଗ୍ଲୋବାଲ୍‌ୟୁନିଭର୍ସିଟି ଚାମ୍ପିଅନ୍ ହୋଇଥିଲା । ମହିଳା ଭଲିବଲରେ ନ୍ୟାସନାଲ ଲ'ୟୁନି ଭର୍ସିଟିକୁ ହରାଇ ଉତ୍କଳୟୁନିଭର୍ସିଟି ଚାମ୍ପିଅନ୍




ହୋଇଥିଲା । ପୁରୁଷ କବାଡ଼ିରେ ସି. ଭି. ରମଣ ଗ୍ଲୋବାଲ୍‌ୟୁନିଭର୍ସିଟିକୁ ହରାଇ ସୋଆୟୁନିଭର୍ସିଟି ଏବଂ ଫୁଟବଲରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ହରାଇ ରାଞ୍ଚିର ସରଳା ବିର୍ଲାୟୁନିଭର୍ସିଟି ଚାମ୍ପିଅନ୍ ହୋଇଥିଲେ । ପୁରୁଷ ସିଙ୍ଗଲ୍ସ ବ୍ୟାଡମିଣ୍ଟନରେ କିଟ୍‌ୟୁନିଭର୍ସିଟିର ଅର୍ସିସ୍ମାନ୍ ରାଜଖୋଓ୍ୱା ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ଆର୍ଯ୍ୟ ରଥଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲେ । ସେହିପରି ଡବଲ୍ସରେ ସେଞ୍ଚୁରିଅନ୍ ୟୁନିଭର୍ସିଟିର ଅଭିଜିତ ମହାରଣା ଏବଂ ସ୍ମୃତିରଞ୍ଜନ ରାଉତ ଯୋଡ଼ି ସି. ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟିର ପ୍ରତିଦ୍ୱନ୍ଦୀଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲେ । ମିକ୍ସଡ୍ ଡବଲ୍ସରେ ଉତ୍କଳୟୁନିଭର୍ସିଟିକୁ ହରାଇ କିଟ୍‌ୟୁନିଭର୍ସିଟି ଚାମ୍ପିଅନ୍ ହୋଇଥିଲା । ଏହି ପାଞ୍ଚ ଦିନିଆ ମେଗା ଇଭେଣ୍ଟର ଉଦଯାପନୀ ସନ୍ଧ୍ୟାରେ ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶାର ଉପସଭାପତି ମହମ୍ମଦ ସାହିଦ ଜାଫର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦ୍ୟାର୍ଥୀଙ୍କ କ୍ୟାରିୟର ଗଠନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର (ଡ.) ଜୟପ୍ରକାଶ ଭଟ୍ଟ ପ୍ରମୁଖ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଶ୍ରୀରାମ ରାଉତରାୟଙ୍କ ତତ୍ତ୍ୱାବଧାନରେ କିଛି ମ୍ୟାଚର ଲାଇଭ୍ ଷ୍ଟ୍ରିମିଂ କରାଯାଇଥିବା ବେଳେ ତାହା ଲକ୍ଷାଧିକ ଭିୟୁଜ୍ ପାଇଥିଲା । କମିଟିର ଅନ୍ୟତମ ଯୁଗ୍ମ ସମ୍ପାଦକ ଡ. ରଜତ ବଳିଆର ସିଂହ ବିବରଣୀ ପାଠ କରିଥିବା ବେଳେ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଅଂଶଗ୍ରହଣ କରିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ପ୍ରାୟୋଜକ, ଅଫିସିଆଲ୍ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ବୀରୋଦୟ-୨୦୨୬ର ସଫଳତା ନିମନ୍ତେ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ ।


ସମୟ | ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod | IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି